


ଇଂଲଣ୍ଡ ଯିବେ ବୈଭବ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 60 | ଭାଗ ୩୪ | ସଂଖ୍ୟା ୬୦ Bhubaneswar | Friday 23 May 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୨୩ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### କଳିଙ୍ଗନଗରରେ ୧.୧୫ ଲକ୍ଷ କୋଟିର ଶିଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

# ଏବେ ଓଡ଼ିଶା ସୀମାହୀନ ସୁଯୋଗର ଭୂମି



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଓଡ଼ିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡ଼ି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁରର କଳିଙ୍ଗନଗରଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ଆଜି ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଏହି କାର୍ଯ୍ୟକ୍ରମ, ଶିଳାନ୍ୟାସ ନୁହେଁ, କି ଉଦ୍‌ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ। ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ଏକ ସଂଖ୍ୟା ନୁହେଁ। ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡ଼ିବ ନାହିଁ। ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି। ଆଜି କଳିଙ୍ଗନଗରଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ ହୋଇଛି। ଏହା କେବଳ ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ସମ୍ଭବପର ହୋଇପାରିଛି। କାରଣ ଇଚ୍ଛାଶକ୍ତି ନଥିଲେ ମଣିଷ ପାଦେ ବି ଆଗେଇପାରେନାହିଁ। ଆଜି ଆମ ସରକାର ନିଜର ଦୃଢ଼ ଇଚ୍ଛାଶକ୍ତିର ନିଦର୍ଶନ ଦେଖାଇଛନ୍ତି। ଏଥିପାଇଁ ହିଁ ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ସରକାର ପୂରଣ କରିପାରିଛନ୍ତି। ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହିସବୁ ପ୍ରକଳ୍ପ ମାଧ୍ୟମରେ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଏହା ନୂଆ ଓଡ଼ିଶାର ନୂଆ ପରିଚୟ ଓ ସମୃଦ୍ଧ ଓଡ଼ିଶାର ଅୟମାରମ୍ଭ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କଳିଙ୍ଗନଗରର ଅଭିବୃଦ୍ଧି ସମ୍ପର୍କରେ କହିଛନ୍ତି ଯେ ରାଜ୍ୟର ଶିଳ୍ପ ବିକାଶର ଏକ୍ଟୁଡିଶାଳ ହେଉଛି ଶିଳ୍ପସମୃଦ୍ଧ କଳିଙ୍ଗନଗର। ଶିଳ୍ପ ବିକାଶରେ ପ୍ରମୁଖ ଭୂମିକା ନେଇ ଏହା ରାଜ୍ୟ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ମିଳିଥିବା ବେଳେ ଆଜି ଏହା ବାସ୍ତବତାରେ ପରିଣତ ହେବାକୁ ଯାଉଛି। ତେଣୁ ଓଡ଼ିଶା ଏବେ ଆଉ କେବଳ ସମ୍ଭାବନାର ଭୂମି ହୋଇ ରହିନାହିଁ, ବରଂ ଏହା ସୀମାହୀନ ସୁଯୋଗର ଭୂମି ➪ପୃଷ୍ଠା-୬

- ୩୬ ହଜାରଙ୍କୁ ମିଳିବ ନିଯୁକ୍ତି
- ପ୍ରତିଶ୍ରୁତି ପୂରଣ କରୁଛନ୍ତି ଲୋକଙ୍କ ସରକାର
- ନିଯୁକ୍ତି ଲହର ସହ ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ

### ରାଜସ୍ଥାନରେ ଗର୍ଜିଲେ ମୋଦି

# ସିନ୍ଦୂର ଯେବେ ବାରୁଦ ହୁଏ...



**ନୂଆଦିଲ୍ଲୀ,୨୨।୫:** ସିନ୍ଦୂର ଯେତେବେଳେ ବାରୁଦର ରୂପ ନିଏ, ତା'ର ପରିଣାମ କ'ଣ ହୁଏ, ତାହା ସାରା ବିଶ୍ୱ ଦେଖିଛି। ରକ୍ତ ନୁହେଁ, ପ୍ରତି ଶିରାରେ ବୋହୁଛି ଗରମ ସିନ୍ଦୂର। ୨୨ ଏପ୍ରିଲର ଜବାବ ୨୨ ମିନିଟ୍‌ରେ ଦେଲୁ। ରାଜସ୍ଥାନର ବିକାନେରରୁ ପାକିସ୍ତାନକୁ ଏପରି କଡ଼ା ସନ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। 'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ରାଜସ୍ଥାନ ମାଟିରେ ପାଦଦେଇ ମୋଦି ଆତଙ୍କବାଦ ବିରୋଧରେ ଗର୍ଜିଛନ୍ତି। ଏହି ଗସ୍ତ କାଳରେ ସେ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ନବନିର୍ମିତ ଦେଶନୋକ ରେଳ ଷ୍ଟେସନର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ବିକାନେରରେ ୨୬,୦୦୦ କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ସେ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ନିର୍ମିତ ୧୦୩ଟି ଅମୃତ ରେଳ ଷ୍ଟେସନକୁ ଉଦଘାଟନ କରିଥିଲେ।

ଏହି ଅବସରରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ମୋଦି କହିଥିଲେ ଯେ ଆତଙ୍କବାଦୀମାନେ ଆମ ଭଉଣୀମାନଙ୍କ ଧର୍ମ ବିଷୟରେ ପଚାରି ସେମାନଙ୍କ ସିନ୍ଦୂର ପୋଛିଥିଲେ। ପହଲଗାମରେ ସିନା ଗୁଳି ଫୁଟିଥିଲା, କିନ୍ତୁ ସେହି ଗୁଳିଗୁଡ଼ିକ ୧୪୦ କୋଟି ଦେଶବାସୀଙ୍କ ହୃଦୟକୁ ବିଦ୍ଧ କରିଥିଲା। ତେଣୁ ଏହି ଗୁଳି ଫୁଟାଇଥିବା ଆତଙ୍କୀଙ୍କୁ କଳ୍ପନାଠାରୁ ମଧ୍ୟ ବଡ଼ ଦଣ୍ଡ ଦେବାକୁ ସଂକଳ୍ପ ନେଇଥିଲୁ। ଆଜି ଆପଣମାନଙ୍କ ଆଶୀର୍ବାଦ ଓ ସେନାବାହିନୀର ସାହସିକତାକୁ ପାଥେୟ କରି ଆମେ ସମସ୍ତେ ଏହାକୁ ପୂରଣ କରିପାରିଛୁ। ଆମ ସରକାର ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲା ଓ ତିନି ସେନା ମିଶି ଏପରି ଚକ୍ରବ୍ୟୂହ ରଚିଥିଲେ ଯେ ପାକିସ୍ତାନ ଆଣ୍ଠେଇବାକୁ ବାଧ ହୋଇଥିଲା। ୨୨ ତାରିଖରେ ହୋଇଥିବା ଆକ୍ରମଣର ଜବାବ ଆମେ ମାତ୍ର ୨୨ ମିନିଟ୍ ମଧ୍ୟରେ ଦେବା ସହ ଆତଙ୍କବାଦୀଙ୍କ ➪ପୃଷ୍ଠା-୬

- ପାକିସ୍ତାନକୁ ଦେଲେ କଡ଼ା ସନ୍ଦେଶ
- ୨୨ର ଜବାବ ୨୨ ମିନିଟରେ ଦେଲୁ

# ଏସ୍‌ସି/ଏସ୍‌ଟିଙ୍କ ଜମି କିଣିବେ ସରକାର



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଚାପରେ ପକାଇ ସେମାନଙ୍କର ଜମିକୁ ହଡ଼ପ କରିପାରିବେ ନାହିଁ ଧନୀ ଶ୍ରେଣୀର ଲୋକେ। ଏହି ବର୍ଗର ଜମି ମାଲିକମାନେ ଆବଶ୍ୟକ ସ୍ଥଳେ ସେମାନଙ୍କ ଜମି ସରକାରଙ୍କୁ ବିକ୍ରି କରିପାରିବେ। ବିଭିନ୍ନ ସମୟରେ ଏସସି/ଏସଟି ବର୍ଗର ଲୋକମାନେ ସେମାନଙ୍କ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି ଯଥା ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ଆଦି ପାଇଁ ଯଥେଷ୍ଟ କମ୍ ମୂଲ୍ୟରେ ବିତ୍ତଶାଳୀ ଲୋକଙ୍କୁ ସେମାନଙ୍କ ଜମି ବିକିବା ସକାଶେ ବାଧ ହୋଇଥାନ୍ତି। କାରଣ ପରିସ୍ଥିତିର ଫାଇଦା ଉଠାଇ ଧନୀ ଲୋକେ ସେମାନଙ୍କ ଜମିକୁ କମ୍ ଦରରେ ହାତେଇ ନେଇଥାନ୍ତି। କିନ୍ତୁ ସେମାନଙ୍କୁ ଏପରି ସମସ୍ୟାର ଶିକାର ହେବାରୁ ରୋକିବା ସକାଶେ ସରକାର ଆବଶ୍ୟକ ସ୍ଥଳେ ସେମାନଙ୍କ ଜମି କିଣିବେ। ଏହାକୁ ୨ରୁ ୩ ବର୍ଷ ଯାଏଁ ସରକାର ସୁରକ୍ଷିତ ଭାବେ ରଖିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏଠାରେ କହିଛନ୍ତି। ➪ପୃଷ୍ଠା-୬

# ଦେବୀଙ୍କ କାନ୍ଧରେ ନବୀନ ବନ୍ଧୁକ





- ବଳି ପଡ଼ିବେ ଅସନ୍ତୁଷ୍ଟ ବରିଷ୍ଠ ନେତା
- ଦୁଇ ଦଶନ୍ଧି ପରେ ମନେ ପଡ଼ିଲା ଶୃଙ୍ଖଳା କମିଟି

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଦୀର୍ଘ ପ୍ରାୟ ଦୁଇ ଦଶନ୍ଧି ପରେ ବିଜେଡିର ଗଠନ ହୋଇଛି ଶୃଙ୍ଖଳା କମିଟି। ଦେବୀ ମିଶ୍ର, ପ୍ରଦୀପ ଅମାତ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀଙ୍କ ପରି ନେତାଙ୍କୁ ନେଇ ଗଠନ ହୋଇଛି ଏହି କମିଟି। ଚର୍ଚ୍ଚା ହେଉଛି, ବିଜେଡିର ଅମାନିଆ ବରିଷ୍ଠ ନେତା ଯେଉଁମାନେ ବାରମ୍ବାର ଦଳର ପରିଚାଳନାକୁ ନେଇ ପ୍ରଶ୍ନ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶୃଙ୍ଖଳା କମିଟି ଏକ ମାଧ୍ୟମ। ମୋଟାମୋଟି କହିବାକୁ ଗଲେ ଦେବୀଙ୍କ କାନ୍ଧରେ ବନ୍ଧୁକ, ଗୁଳି ମାରିବେ ନବୀନ। ନିର୍ବାଚନ ହାରିବା ପରେ ଦଳର ପରିଚାଳନାକୁ ନେଇ ବହୁ ନେତା ପ୍ରଶ୍ନ ଉଠାଇଥିଲେ। ଏପରିକି ବିଜେଡିର କିଛି ଅଦୃଶ୍ୟ ଶକ୍ତିକୁ ଟାର୍ଗେଟ କରିଥିଲେ। ବିଜେଡି ପରାଜୟ ପାଇଁ ଏହି ଅଦୃଶ୍ୟ ଶକ୍ତି ବା ଦ୍ୱିତୀୟ କ୍ଷମତା କେନ୍ଦ୍ରର ମାନମାନି ଓ ଏକପାଖିଆ ନିଷ୍ପତ୍ତିକୁ ଦାୟୀ କରିଥିଲେ। କିନ୍ତୁ ବିଜେଡିର ଏହି ଅଦୃଶ୍ୟ ଶକ୍ତି ରାଜନୀତିରୁ ସନ୍ୟାସ ନେଇଥିବା କହି ସବୁ ଅଭିଯୋଗକୁ ଏଡାଇ ଯାଉଛନ୍ତି। ଧୀରେ ଧୀରେ ବିଜେଡି ଏକ ବଡ ଲଢେଇ ପାଇଁ ପ୍ରସ୍ତୁତ ହେଉଛି। ଅସନ୍ତୁଷ୍ଟଙ୍କ ମାନଭଞ୍ଜନ ସହ ମୁଖ୍ୟ ବିରୋଧୀ ଦଳ ଭାବେ ସରକାରଙ୍କୁ ଟକ୍କର ଦେବେ। ଲଢେଇ ବେଳେ ଦଳର ଭବିଷ୍ୟତକୁ ନେଇ ମତ ମନ୍ତବ୍ୟ ରଖୁଥିବା ନେତାଙ୍କୁ ମାଇନସ କରି କିଛି ଗୋଡାଣିଆଙ୍କ ସହଯୋଗରେ ଦଳର ସଙ୍ଗଠନକୁ ନିଜ ଦଖଲରେ ରଖିବାକୁ ପ୍ରସ୍ତୁତ ହୋଇଛି ମାଷ୍ଟର ପ୍ଲାନ। ପ୍ରତିଷ୍ଠାତା ସଦସ୍ୟଙ୍କ ହାମବଡ଼ା ନୀତିକୁ କାଉଣ୍ଟର କରିବାକୁ ଗଠନ ହୋଇଛି ଶୃଙ୍ଖଳା କମିଟି। ଏହି କମିଟି ଜରିଆରେ ଦଳୀୟ ଶୃଙ୍ଖଳା ଭଙ୍ଗ ନାଁରେ କିଛି ବରିଷ୍ଠ ନେତାଙ୍କୁ ଦଳରୁ ବିଦା କରିବାକୁ ➪ପୃଷ୍ଠା-୬

# ଓଡ଼ିଶାକୁ ଫେରିଲା କରୋନା

● ଭୟଭୀତ ହୁଅନ୍ତୁନି: ସ୍ୱାସ୍ଥ୍ୟ ବିଭାଗ




**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଅଢେଇ ବର୍ଷ ପରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କୋଭିଡ-୧୯ ମାମଲା ଚିହ୍ନଟ ହୋଇଛନ୍ତି। ଅର୍ଥାତ୍ ସମ୍ପ୍ରତି କରୋନା ପୁଣିଥରେ ଓଡ଼ିଶା ଫେରିଛି। ଅବଶ୍ୟ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ରାଜ୍ୟବାସୀଙ୍କୁ ଶାନ୍ତ ରହିବାକୁ ଅନୁରୋଧ କରିଛି ଏବଂ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିସନର-କମ-ସଚିବ ଏସ ଅଶ୍ୱଥି ଗୁରୁବାର ଗଣମାଧ୍ୟମକୁ ସମ୍ବୋଧିତ କରି ଜନସାଧାରଣଙ୍କୁ ଆଶ୍ୱସ୍ତ କରିଥିଲେ ଯେ, ଚିନ୍ତାର ➪ପୃଷ୍ଠା-୬

# କୋଟିଆ ବିକାଶ ପାଇଁ ଟାସ୍କଫୋର୍ସ କମିଟି

**ଭୁବନେଶ୍ୱର,୨୨।୫ (ସଂଚାର ବ୍ୟୁରୋ):** କୋଟିଆ ବିକାଶ ପାଇଁ ଟାସ୍କଫୋର୍ସ କମିଟି ଗଠନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହୋଇଛି। ତାରେ ଗଠିତ ଏହି କମିଟି କମିଟି ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି କମିଟିର ମୁଖ୍ୟ ରହିଥିବା ବେଳେ ଏଥିରେ ୧୬ ଜଣ ସଦସ୍ୟ ରହିଛନ୍ତି। ଟାସ୍କଫୋର୍ସ କମିଟିରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରମୁଖ ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ, ଶ୍ରମ ଓ କର୍ମ ନିଯୁକ୍ତି ବିଭାଗ ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ, ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗ ➪ପୃଷ୍ଠା-୬

### ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

# ସୀମା ଲଂଘୁଛି ଇଡି



ଟାସମାକ ବିରୋଧରେ ମନି ଲଣ୍ଡରିଂ ତଦନ୍ତ ସ୍ଥଗିତ

ଚଢାଉ ଉପରେ ସ୍ଥଗିତାଦେଶ ଦେଇ ଏଭଳି କଡ଼ା ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିଥିଲେ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ। ଟାସମାକ ମୁଖ୍ୟାଳୟରେ ଇଡି ଚଢାଉ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରିଦେଇଥିଲେ ମାଡ୍ରାସ ହାଇକୋର୍ଟ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ତାମିଲନାଡୁ ସରକାର। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ଓ ଅମିତ ନନ୍ଦ ତିୱାରୀ ଉପସ୍ଥାପନ କରିଥିଲେ ଯେ ୨୦୧୪ ରୁ ୨୦୨୧ ମଧ୍ୟରେ ଦୁର୍ନୀତି ଅଭିଯୋଗରେ ମଦ ଦୋକାନ ପରିଚାଳନାକାରୀଙ୍କ ବିରୋଧରେ ୪୦ଟି ଏଫଆଇଆର ଦାଖଲ କରିଛି ରାଜ୍ୟ। ତଥାପି ୨୦୨୫ ମସିହାରେ ଇଡି ହସ୍ତକ୍ଷେପ କରି ମୁଖ୍ୟାଳୟରେ ଚଢାଉ କରିଥିଲା। ଅଧିକାରୀଙ୍କ ଫୋନ୍ ଏବଂ ଡକ୍ୟୁମେଣ୍ଟ ଜବତ କରିଥିଲା। ଟାସମାକ ପକ୍ଷରୁ ଲଢୁଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗୀ ➪ପୃଷ୍ଠା-୬

# ଚାରି ମାସରେ ଭକ୍ତଙ୍କ ବିରୋଧରେ ମେଳି



- ଆଜି ବସିବ ଜରୁରୀକାଳୀନ ରାଜନୈତିକ ବ୍ୟାପାର କମିଟି
- ଓବିସି ଆନ୍ଦୋଳନରେ ଧରାପଡ଼ିଲା ସଭାପତିଙ୍କ ବିରୋଧରେ କ୍ଷୋଭ

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଭକ୍ତ ଚରଣ ଦାସ ପ୍ରଦେଶ କଂଗ୍ରେସ ସଭାପତି ଦାୟିତ୍ୱ ନେବାକୁ ୪ ମାସ ପୂରିନି। କିନ୍ତୁ ତାଙ୍କୁ ପଦରୁ ହଟାଇବା ସକାଶେ କଂଗ୍ରେସର ଗୋଟିଏ ଗୋଷ୍ଠୀ ଏକାଠି ହେଲେଣି। ପିସିସି ସଭାପତିଙ୍କ ୩୦ ଜଣିଆ ପିସିସି ଟିମକୁ ନେଇ କଂଗ୍ରେସ ଅନ୍ଦର ମହଲରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହାର ପ୍ରତିଫଳନ ଆଜି ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ସମୟରେ।

ପଛୁଆ ବର୍ଗକୁ ୧୧ ନୁହେଁ, ୨୭ ପ୍ରତିଶତ ସଂରକ୍ଷଣ ଦେବା ଦାବିରେ କଂଗ୍ରେସ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ୨୪ଘଣ୍ଟିଆ ଧାରଣା ଦେଇଛି। ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସର ଏପରି ବଡ଼ ଆନ୍ଦୋଳନରେ ଦଳର ବହୁ ହେଭିୱେଟ୍ ନେତା ଅନୁପସ୍ଥିତ ରହିବାକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି । ବିଶେଷ କରି ପଛୁଆ ବର୍ଗଙ୍କ ପାଇଁ ସବୁବେଳେ ସ୍ୱର ଉଠାଉଥିବା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କଂଗ୍ରେସର ଅନ୍ଦୋଳନରୁ ଦୂରେଇ ରହିବା ସିଧା ବାର୍ତ୍ତା ଦେଇଛି ପିସିସି ସଭାପତିଙ୍କ ଆନ୍ଦୋଳନ ଡାକରାକୁ ସେ ଅସହଯୋଗ କରିଛନ୍ତି। କାରଣ ସେ ଭକ୍ତଙ୍କ ନେତୃତ୍ୱକୁ ଗ୍ରହଣ କରିବାକୁ ନାରାଜ। ଶ୍ରୀକାନ୍ତ ଜେନା କୌଣସି ଗୋଟିଏ ପ୍ରସ୍ତାବକୁ ଭକ୍ତ ଦାସ ତାଙ୍କ ଟିମ ଗଠନ ବେଳେ ଗ୍ରହଣ କରିନଥିବାରୁ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଆନ୍ଦୋଳନରେ ସାମିଲ ହେଲେ ନାହିଁ ଦଳର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା। ➪ପୃଷ୍ଠା-୬

# ବଢ଼ିଲା ଜ୍ୟୋତିଙ୍କ ଅଡୁଆ

### ପୁଣି ଗଲେ ୪ଦିନିଆ ରିମାଣ୍ଡରେ



**ନୂଆଦିଲ୍ଲୀ,୨୨।୫(ସଂଚାର ବ୍ୟୁରୋ):** ହରିୟାଣା ୟୁଟ୍ୟୁବର ତଥା ପାକିସ୍ତାନୀ ଗୁପ୍ତଚର ଜ୍ୟୋତି ମାଲହୋତ୍ରାଙ୍କ ସମସ୍ୟା ଏବେ ବଢିବାରେ ଲାଗିଛି । ନିଇତି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଏବେ ପୁଣି ତାଙ୍କ ରିମାଣ୍ଡ୍ ଅବଧି ବଢ଼ିଛି। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ଜ୍ୟୋତିଙ୍କ ୫ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ଆଜି ପୁଣିଥରେ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ଶୁଣାଣି ସମୟରେ କୋର୍ଟ ପୁଣି ଥରେ ଜ୍ୟୋତିଙ୍କୁ ୪ଦିନିଆ ରିମାଣ୍ଡରେ ପଠାଇଛନ୍ତି। ପୂର୍ବରୁ ଜ୍ୟୋତିଙ୍କୁ ୫ଦିନିଆ ରିମାଣ୍ଡରେ ନିଆଯାଇଥିବା ବେଳେ ଏହି ସମୟ ମଧ୍ୟରେ ବିଭିନ୍ନ ସୁରକ୍ଷା ଏଜେନ୍ସି ପଚରାଉଚରା କରିବା ସହ ଅନେକ କିଛି ସତ ଉଗାଳିବାରେ ସକ୍ଷମ ହୋଇଛନ୍ତି। ଆଜି ଶୁଣାଣି ସମୟରେ ଜ୍ୟୋତିଙ୍କୁ ବାପା ହରିଶ ଭେଟିବାକୁ ଚାହିଁଥିଲେ ମଧ୍ୟ ଏହି ସୁଯୋଗ ଦିଆଯାଇନଥିଲା। ପୁଲିସ୍ ଗତ ୧୬ ତାରିଖରେ ଜ୍ୟୋତିଙ୍କୁ ଗିରଫ କରିଥିଲା। ➪ପୃଷ୍ଠା-୬

# ପ୍ରଶଂସା ସାଉଁଟୁଛି ମୋହନଙ୍କ ଅଭିଯୋଗ ଶୁଣାଣି

- ଲୋକଙ୍କ ମଝିରେ ବସି ଶୁଣୁଛନ୍ତି
- ରେକର୍ଡ ୮୫ ପ୍ରତିଶତ ଅଭିଯାଗର ଫଏସଲା
- ବାବୁଙ୍କ ସହିତ ମନ୍ତ୍ରୀମାନେ ବି ସକ୍ରିୟ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି ଓ ତାହାର ସମାଧାନ ପ୍ରତି ଲୋକଙ୍କ ଆଗ୍ରହ ବଢିବାରେ ଲାଗିଛି । ସବୁ ବର୍ଗର ଲୋକେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଥିବାବେଳେ ମୋହନ ଯେଭଳି ସେମାନଙ୍କ ବିଶ୍ୱାସ ଓ ଭରସାକୁ କାଏମ ରଖିବାରେ ସଫଳ ହୋଇଛନ୍ତି ତାହା ଏବେ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି ।

ରାଜଧାନୀରେ ମୁଖ୍ୟମନ୍ତ୍ରୀଙ୍କର ୧୧ତମ ଅଭିଯୋଗ ଶୁଣାଣି ପରେ ଜାତୀୟ ସ୍ତରରେ ମଧ୍ୟ ମୋହନଙ୍କର ଏଭଳି ଉଦ୍ୟମ ଚର୍ଚ୍ଚାରେ ରହିଛି। ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ପ୍ରକାର ତାଲା ପଡିଥିବା ବେଳେ ମୋହନ ନିଜେ ଅଭିଯୋଗକାରୀଙ୍କ ନିକଟକୁ ଆସି ଶୁଣିବା ଓ ଉପସ୍ଥିତ ଅଧିକାରୀମାନଙ୍କୁ ତତ୍କାଳ ସମାଧାନ ପାଇଁ ନିର୍ଦ୍ଦେଶ ଦେବା ଏବେ ଗ୍ରହଣୀୟ ହେଉଛି। ବର୍ତ୍ତମାନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ବାବୁମାନେ ଅଭିଯୋଗ ଶୁଣାଣି ସମୟରେ ଉପସ୍ଥିତ ରହୁଛନ୍ତି ।

କେବଳ ରାଜଧାନୀ ନୁହେଁ ମୋହନଙ୍କ ପ୍ରଶାସନ ଲୋକଙ୍କ ନିକଟତର ହେବାପାଇଁ ଏବେ ଅଭିଯୋଗ ଶୁଣାଣି ରାଜ୍ୟର ବିଭିନ୍ନ ସ୍ଥାନରେ କରିବାପାଇଁ ସ୍ଥିର ହୋଇଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ଦଳ ବଳ ସହିତ ସମ୍ବଲପୁରରେ ଜନଶୁଣାଣି କରିଛନ୍ତି, ଯାହା କି ଓଡିଶା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଆସନ୍ତା ଦିନରେ ରାଜ୍ୟର ଆଉ ଦୁଇଟି ଆରଡିସି ଜୋନରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବେ ବୋଲି ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଓ ଏହାର ସମାଧାନ ଉପରେ ଭରସା କରି ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଛୁଟି ଆସୁଥିବାବେଳେ ସେମାନଙ୍କ ସମସ୍ୟାର ସମାଧାନ ତତ୍କାଳ ହୋଇ ପାରୁଛି। ସଦ୍ୟ ସମାପ୍ତ ଶୁଣାଣିରେ କେବଳ ବିଭିନ୍ନ ଅଭିଯୋଗର ସମାଧାନ ହୋଇନଥିଲା ଲୋକଙ୍କ ବିଭିନ୍ନ ଆବଶ୍ୟକତାକୁ ଚାହିଁ ସରକାର ତତ୍କାଳ ୧୩ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ ।

ମିଳିଥିବା ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କର ୧୦ତମ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ୧୦,୨୩୪ଟି ଅଭିଯୋଗ ମିଳିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ➪ପୃଷ୍ଠା-୬

# ବାୟା ବାବା ମହାବିଦ୍ୟାଳୟର ଯୁକ୍ତ୨ ଫଳାଫଳ ଆଶାନୁରୂପ




## କଳାରେ ୮୩%, ବାଣିଜ୍ୟରେ ୭୫%, ବିଜ୍ଞାନରେ ୬୬%, ଧନ୍ଦାମୂଳକରେ ୬୪%

**ମହାକାଳପଡ଼ା,୨୨।୫ (ସଂଚାର ବ୍ୟୁରୋ):** ଗତକାଲି ପ୍ରକାଶ ପାଇଛି ଯୁକ୍ତ -୨ ପରୀକ୍ଷା ଫଳ। ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ପରୀକ୍ଷା ଫଳ ଆଶାନୁରୂପ ରହିଛି। ଯୁକ୍ତ -୨ କଳାରେ ପାସ୍ ହାର ୮୩% ରହିଛି। ୨୪୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୦୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୮ ଜଣ ପ୍ରଥମ, ୧୯ ଜଣ ଦ୍ୱିତୀୟ ଓ ୧୭୦ ଜଣ ଛାତ୍ର ଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ବିକାଶ ଚନ୍ଦ୍ର ରାଉତ ସର୍ବାଧିକ ୫୧୭ (୮୬%)ନମ୍ବର ରଖି ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ବାଣିଜ୍ୟରେ ୭୫ % ପାସ୍ ହାର ରହିଛି। ମୋଟ୍ ୪ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୬୬% ପ୍ରତିଶତ ପାସ୍ ହାର ରହିଛି। ୬୮ ଜଣ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ମୋଟ ୪୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୧ ଜଣ ପ୍ରଥମ ଶ୍ରେଣୀ,୨୧ ଜଣ ଦ୍ୱିତୀୟ ଓ ୧୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାର ପାସ୍ ହାର ୬୬% ରହିଛି। ବିଜ୍ଞାନରେ ତେଜସ୍ୱିନି ଦାସ ସର୍ବାଧିକ ୪୦୫ (୬୭.୫%)ମାର୍କ ରଖି ସଫଳତା ପାଇଛନ୍ତି। ସେହିପରି ଧନ୍ଦାମୂଳକ (ବିଜ୍ଞାନ)ରେ ୨୨ ଜଣଙ୍କ ମଧ୍ୟରୁ ୧୪ ଜଣ ଓ ଧନ୍ଦାମୂଳକ (କଳା) ରେ ୧୮ ଜଣଙ୍କ ମଧ୍ୟରୁ ୨ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ଆଶାନୁରୂପ ଫଳାଫଳ ପାଇଁ ମହାବିଦ୍ୟାଳୟର ଅଧକ୍ଷା ସୁଲୋଚନା ଦାଶ ଖୁସି ବ୍ୟକ୍ତ କରିବା ସହିତ ସମସ୍ତ ଅଧାପକ,ଅଧାପିକା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ତାରିଣୀ ଯୁକ୍ତ-୨ ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା



**ମାର୍ଶାଘାଇ,୨୨।୫ (ସଂଚାର ବ୍ୟୁରୋ):** ପ୍ରକାଶ ପାଇଥିବା ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ମାର୍ଶାଘାଇ ବ୍ଲକ ହଳଦିଆଗଡା ନିକଟସ୍ଥ ତାରିଣୀ ଯୁକ୍ତ ଯୁକ୍ତ-୨ ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ବିଦ୍ୟାଳୟର ମୋଟ ୧୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୮ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ ଜଣ ଓ ତୃତୀୟ ଶ୍ରେଣୀରେ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ଏଥି ମଧ୍ୟରୁ ୪ ଜଣ ୯୦%ରୁ ଅଧିକ ମାର୍କରଖି କୃତକାର୍ଯ୍ୟ କରିଛନ୍ତି। ଦିବ୍ୟଜ୍ୟୋତି ମହାପାତ୍ର ସର୍ବୋଚ୍ଚ ୫୫୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୧ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ମାର୍କ ରଖି ବିଦ୍ୟାଳୟର ଗୌରବ ଆଣିଛନ୍ତି। ଏହି ବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ମାନଙ୍କ କଠିନ ପରିଶ୍ରମ ପାଇଁ ପିଲା ମାନଙ୍କ ସଫଳତା ରେ ସହାୟକ ହୋଇଥିବା ଛାତ୍ର ଛାତ୍ରୀ କହିଛନ୍ତି । ଏହି କୃତକାର୍ଯ୍ୟ ପାଇଁ ବୁଧବାର ସନ୍ଧ୍ୟା ସମୟରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଶିବସ୍ର କୁମାର ପଣ୍ଡା , ଅଧକ୍ଷ ଜ୍ଞାନରଞ୍ଜନ କୁଣ୍ଡୁ ଏବଂ ଶିକ୍ଷାନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଙ୍କ ଗହଣରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯିବା ସହିତ ଶେଷରେ ପିଲାମାନେ ନିଜ ନିଜ ଭିତରେ ମିଠା ଖୁଆଇ ସେଲିବ୍ରେଶନ କରିଥିଲେ ।

# ଯୁକ୍ତ ଦୁଇ କଳାରେ ସବିତା, ବାଣିଜ୍ୟରେ ପ୍ରଭାତ, ବିଜ୍ଞାନରେ ଶୁଭସ୍ମିତା ବ୍ଲକ ଟପ୍ପର

**ରାଜନଗର,୨୨।୫ (ସଂଚାର ବ୍ୟୁରୋ):** ଯୁକ୍ତ ଦୁଇ ବାଣିଜ୍ୟ, କଳା ଓ ବିଜ୍ଞାନ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି। ରାଜନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟରେ ପ୍ରଭାତ ବାରିକ ୪୫୩ ମାର୍କ ରଖି ଉତ୍ତିର୍ଣ ହୋଇଛନ୍ତି। ପ୍ରଭାତ ରାଜନଗର ବ୍ଲକରେ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି। ରାଜନଗରସ୍ଥିତ ଭାରତ ମାତା କୋଚିଙ୍ଗ ସେଣ୍ଟରରେ ସେ ଶିକ୍ଷାଦାନ କରୁଥିଲେ। ତାଙ୍କ ସଫଳତାରେ ଭାରତମାତା କୋଚିଙ୍ଗ ସେଣ୍ଟରର ଅଧକ୍ଷ ସଞ୍ଜୟ କୁମାର ବାଗ ଶୁଭେଚ୍ଛା ଜଣାଇଛନ୍ତି। ଏହି ମହାବିଦ୍ୟାଳୟର ଶୁଭସ୍ମିତା ରାଉତ ଯୁକ୍ତ ଦୁଇ ବିଜ୍ଞାନରେ ୪୮୬ ମାର୍କ ରଖି ରାଜନଗର ବ୍ଲକର ଟପ୍ପର ହୋଇଛନ୍ତି। ସେହିପରି ରାଜନଗର ବ୍ଲକ ଅନ୍ତର୍ଗତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସବିତା ଜାନା ଯୁକ୍ତ ଦୁଇ କଳାରେ ୫୧୫ ମାର୍କ ରଖି ବ୍ଲକ ଟପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବ୍ଲକ ଟପର ସବିତା କୁ ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅଧାପକ ଅଧାପିକା ମାନେ ଶୁଭେଚ୍ଛା ଜଣାଇଛନ୍ତି।

# +୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପାଢ଼ୀ ଟ୍ୟୁଟୋରିଆଲ୍ ପକ୍ଷରୁ ସମ୍ବର୍ଦ୍ଧନା



**ସାଲେପୁର,୨୨।୫ (ସଂଚାର ବ୍ୟୁରୋ):** ପାଢ଼ୀ ଟ୍ୟୁଟୋରିଆଲ୍‌ରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କର ଚଳିତ +୨ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପାଢ଼ୀ ଟ୍ୟୁଟୋରିଆଲ୍ ପକ୍ଷରୁ କଲେଜରୋଡ୍‌ସ୍ଥିତ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପାଢ଼ୀ ଟ୍ୟୁଟୋରିଆଲ୍‌ରେ ଅଧ୍ୟୟନ କରୁଥିବା +୨ବିଜ୍ଞାନ ଛାତ୍ରୀ ସ୍ମୃତିଶ୍ରୀ ମିଶ୍ର ୫୪୬ନମ୍ବର ରଖି ସାଲେପୁର କଲେଜରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ସେ ଜଣେ ଭଲ ଡାକ୍ତର ହେବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଏହି ଅନୁଷ୍ଠାନରେ ପାଠ ପଢୁଥିବା ବିଭୂତିଭୂଷଣ ସ୍ୱାଇଁ ୫୨୦, ଆଶୁତୋଷ ରାଉତ ୫୧୯ନମ୍ବର ରଖି ଅନୁଷ୍ଠାନର ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦ଜଣ ଛାତ୍ରଛାତ୍ରୀ ୮୦ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏହାକୁ ନେଇ ଅନୁଷ୍ଠାନର ପ୍ରତିଷ୍ଠାତା ବିମଳକାନ୍ତ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଇଂରାଜୀ ଅଧାପକ ନବକିଶୋର ସାହୁ, ପୂର୍ବତନ ଅଧକ୍ଷ ଡଃ ଲକ୍ଷ୍ମଣ କୁମାର ଦାଶ, ଶିକ୍ଷାବିତ୍ ପଦାରବିନ୍ଦ ବିଶ୍ୱାଳ, ଅଧାପକ ଚୌ. କଳ୍ପତରୁ ଦାଶ, କେନ୍ଦ୍ର ମୁଖ୍ୟ ଅଧାପକ ରତିକାନ୍ତ ବିଶ୍ୱାଳ, ଅମୀୟ ରଞ୍ଜନ ପରିଡ଼ା, ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଏହି ସଫଳତା ନେଇ ଅନୁଷ୍ଠାନ ଗର୍ବ ଅନୁଭବ କରୁଛି ବୋଲି ପ୍ରକାଶ କରିଥିଲେ।

# ଶିକ୍ଷା ବିକାଶ କର୍ମଶାଳା ଓ ସମ୍ବର୍ଦ୍ଧନା ଉତ୍ସବ



**ମାହାଙ୍ଗା,୨୨।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର କୁଆଁପାଳ ସ୍ଥିତ ପ୍ରତିଭା ଭବନରେ ଶିକ୍ଷକ, ଛାତ୍ର, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନଙ୍କୁ ନେଇ ଶିକ୍ଷା ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ମାଟ୍ରିକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସବୁ ସ୍ତରରୁ ଉଦ୍ୟମ କରାଯିବାକୁ ଆହ୍ୱାନ ଦେଇଥିଲେ । ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଅକ୍ଷୁର୍ଣ୍ଣ ରଖିବାକୁ ଗୁରୁତ୍ୱ ଦେଇଥିଲେ। ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମୋନାଲିସା ସରକାର, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର, ଏହି ଉତ୍ସବରେ ଅତିଥି ଭାବେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ଏ-୧ ଏବଂ ଏ-୨ରେ ଉତ୍ତୀର୍ଣ୍ଣ ୧୦୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନଶିକ୍ଷକ ମନୋଜ କୁମାର ଦାସ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ଅଧିବେଶନରେ ନିଶ୍ଚିନ୍ତକୋଇଲି ବିଇଓ ସଂଯୁକ୍ତା ମହାପାତ୍ର ସଭାପତିତ୍ୱ କରିଥିଲେ। ଶତାଧିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକମିଟି ସଭାପତି, ପୁରାତନ ଛାତ୍ର ସଂଘ ସଭାପତି, ସାମ୍ବାଦିକ ଏବଂ ଶିକ୍ଷାବିତ ମାନଙ୍କୁ ନେଇ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି, ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ, ବିଦ୍ୟାଳୟ ପରିବେଶର ଯତ୍ନ କିପରି ମିଳିତ ଭାବେ ନିଆଯାଇପାରିବ ସେ ଦିଗରେ ପୁଙ୍ଖାନୁ ପୁଙ୍ଖ ଚର୍ଚ୍ଚା ହୋଇଥିଲା ।

ଏହି ଆଲୋଚନା ଚକ୍ରରେ ମାହାଙ୍ଗା ବିଇଓ ମୋନାଲିସା ସରକାର, ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ପୁରାତନ ଛାତ୍ର ବିଚିତ୍ରାନନ୍ଦ ପଣ୍ଡା,ପୁରାତନ ଛାତ୍ର ବିଜୟ କୁମାର ବରାଳ, ସାଇନି ଚାରିଟେବୁଲ ଟ୍ରଷ୍ଟ ଚେୟାରମ୍ୟାନ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳର ପ୍ରଧାନ ଶିକ୍ଷକ, ସିଆରସିସି, ଶିକ୍ଷାବିତ, ଅଭିଭାବକମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଦେବେନ୍ଦ୍ର କୁମାର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଡକ୍ଟର ଏକାଦଶୀ ପ୍ରଧାନ, ଡକ୍ଟର ଭାବଗ୍ରାହୀ ରାଉତ, ସାମ୍ବାଦିକ ଅଖିଳେଶ ମହାନ୍ତି, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି,ଡକ୍ଟର ମନୋରଞ୍ଜନ ବେହୁରା,ପ୍ରଧାନଶିକ୍ଷକ ପ୍ରତାପ ନାୟକ, କିଶୋର ଆଚାର୍ଯ୍ୟ, ପନଗ ଭୂଷଣ ଦାସ, ପ୍ରଶାନ୍ତ ମହାନ୍ତି, କାହ୍ନୁ ଚରଣ ସାହୁ,ସାମ୍ବାଦିକ ସୁରେନ୍ଦ୍ର ରାଉତ, ରାମଚନ୍ଦ୍ର ମହାପାତ୍ର,ରମାକାନ୍ତ ପ୍ରହରାଜ, ଅମରେନ୍ଦ୍ର ସିଂ, ପ୍ରାଧାପକ ପ୍ରତାପ ଷଡଙ୍ଗୀ, ଭକ୍ତ ଚରଣ ସ୍ୱାଇଁ,ଜିତେନ୍ଦ୍ର ଶତପଥୀ, ନିର୍ମଳ ରାଉତ, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଅଭିନ୍ନ ଯେନା, ଅଜୟ ନାୟକ, ମନୋରଞ୍ଜନ ନାୟକ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ଅପରେସନ ସିନ୍ଦୂର ସଫଳତାକୁ ନେଇ ବୀର ଯବାନ ମାନଙ୍କୁ ସମ୍ମାନ ଜଣାଇବା ଉଦେଶ୍ୟରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମାହାଙ୍ଗା ର ଓସ୍ତମୂଳ ଠାରୁ ଆରମ୍ଭ ହୋଇ ପ୍ରତିଭା ଭବନ ପ୍ରଯ୍ୟନ୍ତ ଏହି ଶୋଭାଯାତ୍ରାଟି ହୋଇଥିଲା ।



# ରାସ୍ତା ପାଇଁ କଲବଲ ଗ୍ରାମବାସୀ

## ଅସରାଏ ବର୍ଷାରେ ବିଗିଡ଼ି ଯାଏ ରାସ୍ତାର ଅବସ୍ଥା

**ମହାକାଳପଡ଼ା,୨୨।୫ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଗାଆଁକୁ ଯିବା ପାଇଁ ପକ୍କା ସଡ଼କ ନାହିଁ । ଅସରାଏ ବର୍ଷା ହେଲେ ଲୋକଙ୍କ ଯାଆ ଆସ ସମସ୍ୟା ଶିଖର ଛୁଏଁ। ଗାଡ଼ି ମୋଟର କଥା ଛାଡ଼ନ୍ତୁ ଖାଲି ପାଦରେ ବି ଯିବା ପାଇଁ ଲୋକ ସାହାସ ଜୁଟାଇ ପାରୁ ନାହାଁନ୍ତି। କାଦୁଅ ପଚପଚ ରାସ୍ତାରେ ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ଏମିତି ସନ୍ତୁଳି ହେଉଛନ୍ତି। ମହାକାଳପଡ଼ା ବ୍ଲକ ସୁନୀତି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁନୀତି ଗ୍ରାମ ୧ନଂ ୱାର୍ଡ ର ମିନାଲ ଦାସ ଘର ଠାରୁ ଲୁଣା ନଦୀ ବନ୍ଧ ପର୍ଯ୍ୟନ୍ତ ଏହି ରାସ୍ତା ଏବେ ଲୋକମାନଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ପ୍ରଶାସନ ତରଫରୁ ପକ୍କା ସଡ଼କ ଟିଏ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




# ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ପଟ୍ଟାମୁଣ୍ଡାଇ,୨୨।୫ (ସଂଚାର ବ୍ୟୁରୋ):** କାଶ୍ମୀର ପହେଲଗାମ ଆକ୍ରମଣର କଡା ଜବାବ ଦେବା ପାଇଁ ଭାରତ ସରକାରଙ୍କ ଅପରେସନ ସିନ୍ଦୁର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତର ବିଜୟ ହୋଇଛି। ଭାରତବର୍ଷର ଏକତା ଅଖଣ୍ଡତା ସୁଦୃଢ଼ କରିବା ପାଇଁ ପଟ୍ଟାମୁଣ୍ଡାଇ ଠାରେ ରାଷ୍ଟ୍ରୀୟ ନାଗରିକ ମଞ୍ଚ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ମହାବୀର ବଜାର ଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ପରେ ବାଇପାସ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା । ଏଥିରେ ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ସଞ୍ଜୟ ସାହୁ, ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ (ବାବୁ), ନଗର ବିଜେପି ସଭାପତି ଅଶୋକ ସାହୁ,ମିଟୁ ମନୋଜ ନାୟକ, କାଉନ ସିଲର ବିଦ୍ୟାଧର ସେଠୀ, ପିତାମ୍ବର କର, ଆଡ଼ଭୋକେଟ ପ୍ରମୋଦ ସାହୁ ସମୀର ପାତ୍ର, ଦେବାଶିଷ ମଲ୍ଲିକ ପାରେଶ୍ୱର ପାତ୍ର, ସ୍ୱାଗତ ଦାସ, ନାରୀନେତ୍ରୀ ରଶ୍ମିତା ସାହୁ, ଚନ୍ଦନ ପାତ୍ର, ଅଭିରାମ ସାମଲ, ସୁଧାଂଶୁ ଜେନା, ଅଭୟ ପାତ୍ର ଆଡ଼ଭୋକେଟ ଶିଷର ମଲିକ, ବସନ୍ତ ସାହୁ, ଯୋଗେଶ ବେହେରା, ପ୍ରସନ୍ନ ତ୍ରିପାଠୀ, ରତ୍ନାକର ଗିରି,ରବୀନ୍ଦ୍ର ସେଠୀ, କ୍ଷୀରୋଦ ରାଉତ ପ୍ରମୁଖ ବହୁ ବିଜେପି ନେତା କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ ।

# ଅସହାୟ ବୃଦ୍ଧାଙ୍କ ପାଇଁ ଅଣ୍ଟା ଭିଡ଼ିଲା ମହାକାଳପଡ଼ା ୟୁଥ୍ ଗ୍ରୁପ୍



- ଅନ୍ତ୍ୟୋଦୟ ଗୃହ ଯୋଜନାରେ କରାଇଲେ ସାମିଲ
- ଭଙ୍ଗା ଦଦରା କୁଡ଼ିଆରେ କଟୁଛି ଜୀବନ

**ମହାକାଳପଡ଼ା,୨୨।୫ (ସଂଚାର ବ୍ୟୁରୋ):** ଜଣେ ଅସହାୟ ବୃଦ୍ଧାଙ୍କୁ ପକ୍କାଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରର ସଦସ୍ୟମାନେ ଅଣ୍ଟା ଭିଡ଼ି ମାଉସୀକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଇଛନ୍ତି। ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ପଦନ ସାହୁଙ୍କ ପତ୍ନୀ ଚପଳା ସାହୁ ଏକ ଭଙ୍ଗା ଦଦରା କୁଡ଼ିଆରେ ବଞ୍ଚୁଛନ୍ତି। ସ୍ୱାମୀ ଓ ଭେଣ୍ଡିଆ ପୁଅର ମୃତ୍ୟୁ ପରେ ଅସହାୟ ଅବସ୍ଥାରେ ବଞ୍ଚୁଥିବା ଚପଳାଙ୍କ ପାଇଁ ଆବାସ ଯୋଜନା ଖଣ୍ଡିଏ ମିଳି ପାରୁନଥିଲା। ଭାଗ୍ୟକୁ ଆଦରି ସେହି ଭଙ୍ଗା କୁଡ଼ିଆରେ ବଞ୍ଚୁଥିଲେ। ଛପର କରିବାକୁ ମଧ ସମ୍ବଳ ନଥିବାରୁ ଚାଳ ଉପରେ ଜରିପାଲ ଓ ଅଖା ଘୋଡ଼ାଇ ବର୍ଷା ଖରାରୁ ରକ୍ଷା ପାଉଥିଲେ। ଏମିତି ଘଟଣା ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ନାରୀ ନେତ୍ରୀ ମମତା ପ୍ରତିହାରୀ ଗ୍ରୁପ୍ ମାଧ୍ୟମରେ ଲୋକଲୋଚନକୁ ଆଣି ବୃଦ୍ଧା ଚପଳାଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଗ୍ରୁପ୍ ତରଫରୁ ବିଭୂତି ରାଉତ,ବିଘ୍ନେଶ ସେଠୀ ମାଉସୀର ଆବେଦନ କରାଇଥିଲେ। ଆବେଦନର ତଦନ୍ତରେ ଚପଳାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ଯୋଗ୍ୟ ବିବେଚନା କରାଯାଇଛି। ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ୟୁଥ୍ ଗ୍ରୁପ୍‌ର ସଦସ୍ୟମାନେ ଚପଳାଙ୍କୁ ନେଇ ତାଙ୍କର ଅନୁମୋଦନ ପତ୍ର ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିକଟରୁ ସଂଗ୍ରହ କରିଛନ୍ତି। ଯେଉଁ ଅସହାୟ ବୃଦ୍ଧାଙ୍କ ସମସ୍ୟା ପ୍ରତି କାହାରି ନଜର ପଡୁ ନଥିଲା ତାହାର ସମାଧାନ କରାଇବାରୁ ୟୁଥ୍ ଗ୍ରୁପ୍ ପରିବାରକୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟୁତ ଆଘାତରେ ଷଣ୍ଢ ମୃତ

**ରାଜନଗର,୨୨।୫ (ସଂଚାର ବ୍ୟୁରୋ):** ଷ୍ଟ୍ରିଟ ଲାଇଟ ବିଦ୍ୟୁତ ଖୁଣ୍ଟ ଆଘାତରେ ଷଣ୍ଢର ମୃତ୍ୟୁ ଘଟିଥିବା ବେଳେ ବ୍ୟବସାୟୀ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ବିଦ୍ୟୁତ ଆଘାତରେ ଷଣ୍ଢର ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଲୋକେ ଷଣ୍ଢକୁ ଗାଁ ପରିକ୍ରମା କରିବା ସହିତ ତାର ସତ୍କାର କରିଛନ୍ତି। ନିଜର ପ୍ରିୟ ଷଣ୍ଢ ପାଇଁ ଲୋକେ ନଣ୍ଡା ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଷ୍ଟ୍ରିଟ ଲାଇଟ ଗତ କିଛି ଦିନ ହେଲା ଜଳୁନଥିଲା। ମଝିରେ ମଝିରେ ଏହି ଲାଇଟ ଖୁଣ୍ଟ ଚାର୍ଜ ହୋଇଯାଉଥିଲା।

# ସବଜଜଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ପଟ୍ଟାମୁଣ୍ଡାଇ,୨୨।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କୋର୍ଟର ସବଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓକିଲ ସଂଘ ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳଙ୍କ ପୌରହିତ୍ୟ ଓ ପୂର୍ବତନ ସଭାପତି ତପନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ବିଦାୟ କାଳୀନ ସଭାରେ ଜେଏମଏଫସିଡିକେ ବାଳକ୍ରିଷ୍ଣନ, ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ କୋଷାଧକ୍ଷ ପ୍ରମୋଦ ବିଶ୍ୱାଳ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ଓକିଲ ସଂଘ ପୂର୍ବତନ ସଭାପତି କିଶୋର କୁଣ୍ଡ ଓ ଭୀମସେନ ପ୍ରଧାନ ଆଡ଼ଭୋକେଟ ନରହରି ଲେଙ୍କା, ବିଜୟ ରାଉତ ପ୍ରମୁଖ ଭାଷଣ ଦେଇ ବିଦାୟୀ ସବଜଜ ସୁଶ୍ରୀ ସଂଗୀତା ମଲ୍ଲିକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହିତ ତାଲୁକ ଆଇନ ସେବା ସମିତି ଅଧକ୍ଷା ଭାବେ ଗରିବଙ୍କୁ ଆଇନ ସହାୟତା ଓ ବୃକ୍ଷରୋପଣ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଏହି ସଭାରେ ତାଲୁକ ଆଇନ ସେବା ସମିତି ଫ୍ରଣ୍ଟ ଅଫିସ ରିଟେନର ଆଡ଼ଭୋକେଟ ଧୀରେନ୍ଦ୍ର ସାହୁ, ପୂର୍ବତନ ସଭାପତି ଆଡ଼ଭୋକେଟ ବିଜ୍ଞାନ ମିହିର ଜେନା, ପୂର୍ବତନ ଉପସଭାପତି ଅଶ୍ୱିନୀ ବେହେରା, ସୌମ୍ୟ ରଞ୍ଜନ ଧଳ, ପ୍ରଫୁଲ୍ଲ ଦାଶ, ଶରତ ମହାନ୍ତି ହୃଦାନନ୍ଦ ମହାନ୍ତି, ଭବାନୀ ଶଙ୍କର ପଣ୍ଡା, ଗୀତାଞ୍ଜଳି ପୃଷ୍ଟି, ପ୍ରମୋଦ ସାହୁ,ବିଦ୍ୟାଧର ଦାଶ, ଗୋପୀନାଥ ତ୍ରିପାଠୀ,ସଂଜୀବ କର ଜିତେନ୍ଦ୍ର ନନ୍ଦୀ,ପ୍ରଣତି ଦାସ, ପ୍ରତାପ ପୃଷ୍ଟି, ଶିଶିର ମଲିକ, ଶରତ ମଲିକ, ଗିରିଜାଶଙ୍କର ଦାଶ ସୁମନ୍ତ ମାଝୀ, ହିତେଶ ସାହୁ, ଅମୀୟ ଭୂଷଣ କୁଣ୍ଡ, ଅଲେଖ ବଳ ପ୍ରମୁଖ ବହୁ ଆଇନଜୀବି ଯୋଗ ଦେଇ ବିଦାୟୀ ସବଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଏଇ ଅବସରରେ ବିଦାୟୀ ସବଜଜ ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇଥିଲା ।

# କଉଡକୋଲ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତୀତ୍ୱ

## ଏ-୧ ଗ୍ରେଡ଼ରେ ପାସ୍ କଲେ ୧୧ ଛାତ୍ରଛାତ୍ରୀ




**ନିଶ୍ଚିନ୍ତକୋଇଲି,୨୨।୫ (ସଂଚାର ବ୍ୟୁରୋ):** ଓଡିଶା ଆଦର୍ଶ ବିଦ୍ୟାଳୟ କଉଡକୋଲ ମାହାଙ୍ଗାର ୮୧ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୯ ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ଚଳିତ ବର୍ଷ ବିଦ୍ୟାଳୟର ୯୭.୫୪ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ୧୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ଼ରେ ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଲିପ୍ସା ଦାସ ୯୬. ୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ, ଛାତ୍ର ଗୌତମ ବିଶ୍ୱାଳ ୯୪. ୬ % ରଖି ଦ୍ୱିତୀୟ, ଛାତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ୯୨. ୬ % ରଖି ତୃତୀୟ, ଆକାଂକ୍ଷା ସିଂହ ୯୨. ୨ % ରଖି ଚତୁର୍ଥ, ଛାତ୍ର ଆଦ୍ୟାଂଶୁ ସ୍ୱାଇଁ ୯୨ % ରଖି ପଞ୍ଚମ,ଛାତ୍ରୀ ଅମ୍ରିତା ରାଉଳ ୯୧. ୪ % ରଖି ଷଷ୍ଠ, ଛାତ୍ର ସୁଜିତ ପଣ୍ଡା ୯୧. ୨ % ରଖି ସପ୍ତମ,ଛାତ୍ରୀ ସାରଦା ପ୍ରିୟଦର୍ଶିନୀ ପ୍ରଧାନ ୯୧ % ରଖି ଅଷ୍ଟମ, ଛାତ୍ର ବବୁଲ ମଲିକ ୯୦. ୬ % ଓ ଛାତ୍ରୀ ଶୁଭଶ୍ରୀ ଜେନା ୯୦. ୬ % ରଖି ଯୁଗ୍ମ ନବମ ଓ ଛାତ୍ର ଦିବ୍ୟଜ୍ୟୋତି ସେନାପତି ୯୦. ୨ % ରଖି ଦଶମ ସ୍ଥାନ ଅଧିକାର କରିଛନ୍ତି । ତାଙ୍କ ସଫଳତା ପାଇଁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବନ୍ଧୁମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଇଶ୍ୱର ବିଶ୍ୱାସ ଓ ନିଷ୍ଠା ସହ ଅଧ୍ୟୟନ ପାଇଁ ସେମାନଙ୍କୁ ସଫଳତା ମିଳିଛି ବୋଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମତ ପ୍ରକାଶ କରିଥିବା ବେଳେ କଠିନ ପରିଶ୍ରମ ଓ ଗୁରୁଜନ ମାନଙ୍କ ଆଶୀର୍ବାଦ ରୁ ସଫଳତା ମିଳିଛି ବୋଲି ବହୁ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି।

# ଓଲାଭରରେ ଆସ୍କା-୪୦ ଚଢ଼ା ଦରରେ ବିକ୍ରି

- ୬୦ ଟଙ୍କା ମଦକୁ ୧୦୦ ଟଙ୍କାରେ ବିକ୍ରି
- ଗ୍ରାହକଙ୍କୁ କରାଯାଉଛି ଶୋଷଣ

**ରାଜକନିକା,୨୨।୫ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ପ୍ରମୁଖ ବାଣିଜିକ ପେଣ୍ଠସ୍ଥଳୀ ଓଲାଭର ବଜାରରୁ ସରକାରୀ ମଦ ଦୋକାନ ସ୍ଥାନାନ୍ତରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସ୍କା-୪୦ ମଦ ବୋତଲ ୬୦ଟଙ୍କା ଦାମ ହେଇଥିବା ବେଳେ ଦୋକାନୀ ତାହାକୁ ଶହେ ଟଙ୍କାରେ ବିକ୍ରି କରି ମାଲାମାଲ ହେଉଛନ୍ତି ହେଲେ ବିଭାଗ ସବୁ ଜାଣିବି ଚୁପ। ସୂଚନା ମୁତାବକ ଓଲାଭର ବଜାର ହିଁ ଏକମାତ୍ର ବଜାର ଯେଉଁଠି ରାତି ପାହିଲେ ଶହ ଶହ ଲୋକ ବିଭିନ୍ତ ପ୍ରାନ୍ତରୁ ଆସିଥାନ୍ତି। ଡାକ୍ତରଖାନା, ସ୍କୁଲ, କଲେଜ, ଖେଳ ପଡ଼ିଆ, ମନ୍ଦିର ମଠ ପ୍ରମୁଖ ସ୍ଥାନ ଏଠାରେ ଥିବାରୁ ପ୍ରତ୍ୟେହ ଲୋକମାନଙ୍କ ଆତଯାତ ଲାଗିଥାଏ । କିନ୍ତୁ ପରିତାପର ବିଷୟ ସରକାରଙ୍କ ଦେଶୀ ମଦ ଭାଟି ଯଥାକ୍ରମେ ବଜାରରେ ମଧ୍ୟସ୍ଥଳ ଓ ବଜାର ପ୍ରବେଶ ପଥ ପୂର୍ତ୍ତି ବିଭାଗ ରାସ୍ତା କଡରେ ଥାଇ ସାମାଜିକ ସ୍ଥିରତାକୁ ପ୍ରଭାବିତ କରୁଛି । ଛୋଟ ଛୁଆ, କଲେଜ ଛାତ୍ରୀ, ମହିଳା ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଏଇ ବଜାରକୁ ଆସିଲା ମାତ୍ରେ, ହିଁ ମଦୁଆମାନଙ୍କ କୁରୁଚିପୂର୍ଣ୍ଣ ମନ୍ତବ୍ୟ , ମାଡ଼ପିଟି ଓ ଗଣ୍ଡଗୋଳକୁ ସାମ୍ନା କରିବାକୁ ପଡିଥାଏ। ଯଦ୍ୱାରା ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତ । ଏଇ ବଜାରରୁ ମଦ ଦୋକାନ ସ୍ଥାନାନ୍ତରିତ ନିମନ୍ତେ ଦୀର୍ଘଦିନ ହେବ ମଧ ଦାବି ହୋଇ ଆସୁଛି। ଏ ସଂପର୍କରେ ବହୁବାର ଗଣମାଧମରେ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନାନ୍ତରଣ ନେଇ ଦାବି ହୋଇ ଆସୁଛି, ହେଲେ ଅବକାରୀ ବିଭାଗ ଏଭଳି ଏକ ପ୍ରସଙ୍ଗ ଉପରେ କର୍ଣ୍ଣପାତ ନକରି ନିରବଦ୍ରଷ୍ଟା ସାଜିଛି । ଫଳରେ ଅଞ୍ଚଳ ବାସୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୨୭ରେ ଲଘୁଚାପ, ୩ ଜିଲ୍ଲାରେ ପ୍ରବଳ ବର୍ଷିବ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଆସନ୍ତା ୨୭ ଓ ୨୮ ତାରିଖରେ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କାରଣ ୨୭ରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବନା ପ୍ରକଟ କରାଯାଇଛି। ଏହାର ୨ ଦିନ ଭିତରେ ଲଘୁଚାପ ଅଧିକ ଘନୀଭୂତ ହୋଇ ରାଜ୍ୟର ୩ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ଉକ୍ତ ଲଘୁଚାପ ପ୍ରଭାବରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଯଥେଷ୍ଟ ଅଧିକ ରହିବ। ଯେଉଁ ୩ଟି ଜିଲ୍ଲାରେ ସର୍ବାଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି, ସେସବୁ ଜିଲ୍ଲା ହେଲା ରାୟଗଡ଼ା, କୋରାପୁଟ ଓ ମାଲକାନଗିରି। ଏହି ଲଘୁଚାପଜନିତ ବର୍ଷା ମୌସୁମୀ ବାୟୁ ଅଗ୍ରସରକୁ ଆହୁରି ସକ୍ରିୟ କରିବ। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପାଗ ବେଶ୍ ଅନୁକୂଳ ରହିଛି। ସେହିପରି ଆସନ୍ତା ୭ ଦିନ ଯାଏ ସାରା ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ। ଆଗାମୀ ୨୪ ଘଣ୍ଟାରେ ୨୬ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବଦଳିଛି ପାଗର ମିଜାଜ୍। ଆଜି ପୂର୍ବାହ୍ନରେ ସାମାନ୍ୟ ଗୁଳୁଗୁଳି ଅନୁଭୂତ ହୋଇଥିଲେ ହେଁ କେତେକ ସ୍ଥାନରେ ବର୍ଷା ହୋଇଥିବାରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି।

### ଓସିସିଏଲ୍‌ର ୬୩ତମ ପ୍ରତିଷ୍ଠା ଦିବସ ପାଳିତ

# ଦକ୍ଷତା ବୃଦ୍ଧି ପାଇଁ ଯାନ୍ତ୍ରିକ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ), ଭୁବନେଶ୍ୱରର ୬୩ତମ ପ୍ରତିଷ୍ଠା ଦିବସ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ନିଗମ ପକ୍ଷରୁ ନିଗମର କାର୍ଯ୍ୟ ଓ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ ୨୦୪୭କୁ ଲକ୍ଷ୍ୟ ରଖି ଓ ଭବିଷ୍ୟତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତଥା ଓସିସିଏଲର ଅଧ୍ୟକ୍ଷା ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉନ୍ନୟନ କମିଶନର ତଥା ଓସିସିଏଲ ଅଧ୍ୟକ୍ଷା ଶ୍ରୀମତୀ ଗର୍ଗ ଓସିସିଏଲରଟିମକୁ ସେମାନଙ୍କର ସଫଳତା ପାଇଁ ପ୍ରଶଂସା କରିବା ସହିତ ନିଗମର ଭବିଷ୍ୟତ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ନିଗମର କାର୍ଯ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରିବା ପାଇଁ ଯାନ୍ତ୍ରିକ ବିଶେଷଜ୍ଞଙ୍କ ସହିତ ନିଗମର ପରିଚାଳନା କ୍ଷେତ୍ରରେ ନିରନ୍ତର ପରାମର୍ଶ କରିବାର ଆବଶ୍ୟକତା ରହିଛି । ଅନ୍ୟ ପଡ଼ୋଶୀ ରାଜ୍ୟ ତୁଳନାରେ ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ଜାହିର କରିବାକୁ ସଫଳତାରେ ଆହୁରି ଉନ୍ନତି କରିବାକୁ ସେ ଓସିସିଏଲକୁ ପରାମର୍ଶ ଦେଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଓସିସିଏଲ ଏହାର ମୁଖ୍ୟ କାର୍ଯ୍ୟ ଭାବେ ଜଳ ସଂପଦ ବିଭାଗର କାର୍ଯ୍ୟ କରିବା ସହିତ ଓଡ଼ିଶା, ରାଜ୍ୟ ବାହାରେ ଏବଂ ଅନ୍ୟ ବିଭିନ୍ନ ବିଭାଗର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ଗୁଣାତ୍ମକ କାର୍ଯ୍ୟ କରି ନିରନ୍ତରତା ବଜାୟ ରଖିଛି। ଆୟୋଜିତ କର୍ମଶାଳାରେ ଆଗାମୀ ଦିନରେ ନିଗମ କିପରି ଏକ ଦ୍ରୁତ ପ୍ରଗତିଶୀଳ ସଂସ୍ଥା ଭାବେ ଏହାର ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥିତି ଜାହିର କରିବ, ସେ ସମ୍ପର୍କରେ ବିଶେଷଜ୍ଞ ତଥା ବକ୍ତାମାନେ ଆଲୋକପାତ କରିଥିଲେ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ପାଢୀ, ଇଞ୍ଜିନିୟରିଂ ସଂସ୍ଥାର ବିଶ୍ୱ ସଂଗଠନ ଉପସଭାପତି ଇଂ. ଅଶୋକ ବାସା, ଓସିସିଏଲର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଇଂ. ଅସୀମ କୁମାର ମହାପାତ୍ର, ଓୟୁଟିଆରର କୁଳପତି ପ୍ରଫେସର ଇଂ ବିଭୂତି ଭୂଷଣ ବିଶ୍ୱାଳ, ଆଇଆଇଟି, ଭୁବନେଶ୍ୱରର ପ୍ରଫେସର ଡଃ. ଶରତ ପଣ୍ଡା, ଆଇଆଇଆଇଟିର କମ୍ପ୍ୟୁଟର ବିଜ୍ଞାନ ପ୍ରଫେସର ଡଃ. ବିଭୁତି ମିଶ୍ର ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ । ସେହିପରି ଆଲୋଚନାଚକ୍ରର ଅନ୍ୟ ଏକ ଅଧିବେଶନରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଓସିସିଏଲର ଅନ୍ୟ ସଦସ୍ୟ ମାନେ ଯୋଗଦେଇ ଓସିସିଏଲର କାର୍ଯ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଓସିସିଏଲ ନିର୍ମାଣକାର୍ଯ୍ୟ କ୍ଷେତ୍ରରେ ଅଭିନବତ୍ୱ ଓ ଉତ୍କର୍ଷତା ପ୍ରତିପାଦନ କରି ଜାତୀୟ ସ୍ତରରେ ଏହାର ପରିଚିତିକୁ ସୁଦୃଢ଼ କରିବାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା ।




# କ୍ଷୀର ଦର୍ ନ ବଢ଼ିଲେ ୧ରେ ଚାଷୀଙ୍କ ପ୍ରତିବାଦ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଗତ ମାର୍ଚ୍ଚରୁ ପ୍ରଗତି ଡାଏରୀ କ୍ଷୀର ଲିଟର ପିଛା ୩ ଟଙ୍କା ୫୦ ପଇସା, ମିଲ୍କମୁଁ ୩ ଟଙ୍କା ଓ ଅମୁଲ୍ ୩ ଟଙ୍କା ୫୦ ପଇସା ଦର ବଢ଼ାଇ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ଯଥାକ୍ରମେ ୪୦ ଟଙ୍କା, ୩୯ ଟଙ୍କା ଓ ୪୩ ଟଙ୍କା ୫୦ପଇସା ଦେଉଛନ୍ତି। କିନ୍ତୁ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କ ସମସ୍ୟା ପ୍ରତି ଆଖି ବୁଜିଦେଇଛି ବୋଲି ଅଭିଯୋଗ କରିଛନ୍ତି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ର ରାଜ୍ୟ ଅଧ୍ୟକ୍ଷ ସଭାପତି ରବି ବେହେରା।ଅଭିଯୋଗ କରିଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଗତ ମାର୍ଚ୍ଚ ୨୮ରେ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଏକ ୫ଜଣିଆ ପ୍ରତିନିଧି ଦଳ ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବାକୁ ଆଲୋଚନା କରିଥିଲେ। ମନ୍ତ୍ରୀ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ସହ ଆଲୋଚନା କରି ବିଧାନସଭା ପରେ ଚାଷୀଙ୍କ ସପକ୍ଷରେ ନିଷ୍ପତ୍ତି ନେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସେ କାଳ ଅପେକ୍ଷା କରିବା ପରେ ପୁନଶ୍ଚ ମହାସଂଘ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଗତ ଏପ୍ରିଲ୍ ୨୯ ତାରିଖରେ ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ଆଲୋଚନା କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଚାଷୀ ସମସ୍ୟା ସହ ଏକମତ ହୋଇ ଏଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଦୁଃଖର କଥା ମନ୍ତ୍ରୀଙ୍କ ସହ ଆଲୋଚନା ହେବା ପାଖାପାଖି ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଓମ୍‌ଫେଡ୍ ପକ୍ଷରୁ ଦୁଗ୍ଧମୂଲ୍ୟ ବୃଦ୍ଧି ନେଇ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇଲା ନାହିଁ, ଯାହାକି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ଆଗାମୀ ୭ ଦିନ ଭିତରେ ଯଦି ଦୁଗ୍ଧ ଲିଟର ବୃଦ୍ଧି ନେଇ ଓମ୍‌ଫେଡ୍ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯାଏ, ତାହେଲେ ବାଧ୍ୟହୋଇ ଚାଷୀମାନେ ଆସନ୍ତା ଜୁନ୍ ୧ ତାରିଖ ବିଶ୍ୱ ଦୁଗ୍ଧ ଦିବସରେ ରାଜରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପାଖାପାଖି ୩ ଲକ୍ଷ ପରିବାର ଓମ୍‌ଫେଡ୍ ସହ ଅନୁବନ୍ଧିତ ହୋଇ କ୍ଷୀର ଯୋଗାଇଆସୁଛନ୍ତି। କିନ୍ତୁ ଦିନକୁ ଦିନ ଗୋଖାଦ୍ୟ ଓ ଔଷଧ, ଇଞ୍ଜେକ୍ସନ୍ ଆଦିର ଦାମ୍ ହୁହୁ ହୋଇ ବଢୁଥିଲେ ହେଁ ସରକାର ଦୁଗ୍ଧ ଦର ନ ବଢ଼ାଇବା ବିଡ଼ମ୍ବନା ବିଷୟ ବୋଲି ମହାସଂଘ ପକ୍ଷରୁ ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଳୁଆ ଓ ଦୁଗ୍ଧଚାଷୀଙ୍କ ପକ୍ଷରୁ ଗୌରାଙ୍ଗ ରାଉତ, ଗୋପୀନାଥ ବାରିକ, ରୁଦ୍ର ପ୍ରସାଦ ମହାନ୍ତି, ଶମ୍ଭୁନାଥ ସେଠୀ, ଧିରେନ୍ଦ୍ର ଡାଳୁଆ ପ୍ରମୁଖ କହିଛନ୍ତି। ଏଥିସହ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ପାଳନ ପୂର୍ବରୁ ଦୁଗ୍ଧ ଚାଷୀଙ୍କ ଏହି ସମସ୍ୟାର ସମାଧାନ କରିବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି।

# ଇଏସ୍‌ଆଇ ହସ୍ପିଟାଲରେ ସୁପର ସ୍ପେଶାଲିଟି ଓପିଡି ଉଦ୍‌ଘାଟିତ




**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମାଧ୍ୟମରେ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନାରେ ସଂଗଠିତ କ୍ଷେତ୍ରରେ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଆସୁଛି। ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟମାନେ ଏହି ବୀମା ସେବା ପାଇପାରୁଛନ୍ତି। ଏହି ଯୋଜନା ଓଡ଼ିଶାରେ ୧୯୬୦ରୁ କାର୍ଯ୍ୟକାରୀ ହୋଇଆସୁଛି। ବର୍ତ୍ତମାନ ଏହି ଯୋଜନାରେ ଓଡ଼ିଶାରେ ୪ଟି ହସ୍ପିଟାଲ ଓ ୫୩ଟି ଡିସପେନ୍‌ସାରୀ ମାଧ୍ୟମରେ ପ୍ରାୟତଃ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହାଛଡ଼ା ଆଉ ୫ଟି ନୂଆ ଡାକ୍ତରଖାନା ଖୋଲାଯିବା ନେଇ ପ୍ରସ୍ତାବ ରହିଛି। ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ। ସାମ୍ପ୍ରତିକ ସ୍ଥିତି ଅନୁସାରେ କିଡନୀ, ହୃଦରୋଗ ଆଦି ବହୁମାତ୍ରାରେ ଦେଖାଯାଉଛି। ଏଥିନିମନ୍ତେ ହିତାଧିକାରୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ନିମନ୍ତେ ୧୨ଟି ସେକେଣ୍ଡାରୀ କେୟାର୍ ଓ ୧୫ଟି ଟେର୍ଟିଆରୀ କେୟାର୍ ସହ ଚୁକ୍ତି କରାଯାଇଛି। ବୀମାଭୁକ୍ତ କର୍ମଚାରୀଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲ୍ଲା ସ୍ତରରେ ସେକେଣ୍ଡାରୀ କେୟାର୍ ସହ ଖୁବଶୀଘ୍ର ଚୁକ୍ତି କରାଯାଉଛି। ନିକଟରେ ପ୍ରଥମ କରି ଭୁବନେଶ୍ୱରରେ କର୍ମଚାରୀ ରାଜ୍ୟ ବୀମା (ଇଏସଆଇ) ହସ୍ପିଟାଲରେ ଡାଏଲିସିସ ୟୁନିଟ ଖୋଲାଯାଇଛି। ଏହି ବୀମାଭୁକ୍ତ କର୍ମଚାରୀଙ୍କ ସୁବିଧା ପାଇଁ ଇଏସଆଇ ହସ୍ପିଟାଲ, ଭୁବନେଶ୍ୱରରେ ଆଜି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଚ୍ଚ ବିଶେଷଜ୍ଞ ବହିବିଭାଗ (ସୁପର୍ ସ୍ପେଶାଲିଟି ଓପିଡି) ଚିକିତ୍ସାର ଉଦଘାଟନ କରିଛନ୍ତି। ଏହି ସେବା ହାଇ-ଟେକ ମେଡିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେବ।

# ୨୦ ଲକ୍ଷ ସରକାରୀ ଅର୍ଥ ହଡ଼ପ, ୪ ଗିରଫ

**ରାୟଗଡ଼ା,୨୨।୫(ସଂଚାର ବ୍ୟୁରୋ):** ମନରେଗାରେ ଫାର୍ମ ପୋଖରୀ ଖୋଳାରେ ଦୁର୍ନୀତି ହୋଇଥିବା ବେଳେ ଏହି ମାମଲାରେ ଆଜି ୪ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ୨୦ ଲକ୍ଷ ଟଙ୍କା ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ୪ ଅଧିକାରୀ ହେଲେ ରାୟଗଡ଼ା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଫିସରେ କାର୍ଯ୍ୟରତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ନାଥ ନାଏକ, ମୃତ୍ତିକା ସଂରକ୍ଷଣ ଓଭରସିଅର ଯୋଗେନ୍ଦ୍ର ଖୋସଲା, ଦୀପକ କୁମାର ସାହୁ ଓ ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକ। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ବିଭିନ୍ନ ଗାଁରେ ୨୩ଟି ଫାର୍ମ ପୋଖରୀ ନଖୋଳି ଅଭିଯୁକ୍ତମାନେ ୨୦ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଜବକାର୍ଡଧାରୀ ଶ୍ରମିକଙ୍କ ଆକାଉଣ୍ଟରେ ସମ୍ପୃକ୍ତ ଅଧିକାରୀମାନେ ଟଙ୍କା ଉଠାଇନେଇଥିଲେ। ଏହି ଦୁର୍ନୀତି ମାମଲାରେ ଅଧିକ ଖୋଳତାଡ଼ ଜାରି ରହିଛି। ଦୁର୍ଗମ ଅଞ୍ଚଳରେ ଅଧିକ ପୋଖରୀ ଖୋଳାରେ ଦୁର୍ନୀତି ନେଇ ତନାଘନା ଜାରି ରହିଛି।


ଦୀପକ କୁମାର ସାହୁ

## ସଂଶୋଧିତ ଅନୁମୋଦିତ ହସ୍ତଶିଳ୍ପ ତାଳିକା ପ୍ରକାଶିତ

● ଥିଲା ୫୫, ହେଲା ୬୧

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ନୂତନ ଅନୁମୋଦିତ ହସ୍ତଶିଳ୍ପ ତାଲିକା ପ୍ରକାଶ ପାଇଛି। ପୂର୍ବରୁ ହସ୍ତଶିଳ୍ପ କ୍ଷେତ୍ରରେ ୫୫ଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିବା ବେଳେ ଏବେ ତାଲିକାକୁ ସଂଶୋଧନ କରାଯାଇ ୬୧ଟି ହସ୍ତଶିଳ୍ପକୁ ତାଲିକାଭୁକ୍ତ କରାଯାଇଛି। ନୂତନ ଭାବେ ତାଲିକାଭୁକ୍ତ ୬ଟି ହସ୍ତଶିଳ୍ପ ମଧ୍ୟରେ ରହିଛି ନାଳିଆ ଘାସ କାମ, ସିସଲ ଘାସ କାମ, ହେଂସୁଆତି କାମ, ତମ୍ବା ଧାତୁ ନିର୍ମିତ ହସ୍ତଶିଳ୍ପ, ନମନୀୟ ପିତ୍ତଳ ମାଛ କାମ ଓ କଳା ଢୋକରା କାମ। ଏହି ହସ୍ତଶିଳ୍ପଗୁଡିକୁ ତାଲିକାଭୁକ୍ତ କରିବା ନିମନ୍ତେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସୁପାରିସ୍ କ୍ରମେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅନୁମୋଦନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଛନ୍ତି ଯେ ହସ୍ତଶିଳ୍ପର ବିକାଶ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏହା ଫଳରେ କାରିଗରଙ୍କୁ ସରକାରୀ ସହାୟତା ମିଳିପାରିବ ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ସଂଶୋଧିତ ହସ୍ତଶିଳ୍ପ ମଧ୍ୟରେ ରହିଛି ଚାନ୍ଦୁଆ, କାରୁକାର୍ଯ୍ୟ ପୂର୍ଣ୍ଣ ଚମଡ଼ା କାମ, କାରୁକାର୍ଯ୍ୟପୂର୍ଣ୍ଣ ସପ, କାରୁକାର୍ଯ୍ୟପୂର୍ଣ୍ଣ କାଠ କାମ, ବାଉଁଶ କାମ, ବାଟିକଛାପ କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, କପଡ଼ା ତାଳିପକା କାମ, କପଡ଼ା କଣ୍ଢେଇ, ନଡିଆ ସଢେଇ କାମ, କତା ହସ୍ତଶିଳ୍ପ, ଢୋକରା କାମ, ସୂଚୀ କାମ, କାଇଚଁ କାମ, ଗୋପା କାମ, ଦରି ଓ ସତରଞ୍ଜି କାମ, ହସ୍ତ ନିର୍ମିତ ଅଳଙ୍କାର, ଶିଙ୍ଗ କାମ, ଜୟଖାଡି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆ ପତ୍ର କାମ, ଲାଖ କାମ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ, ଧାନରୁ ତିଆରି ହସ୍ତଶିଳ୍ପ, ଡ଼ଙ୍ଗରିଆ କନ୍ଧ ଚିତ୍ରକଳା, ଗଣ୍ଡ ଚିତ୍ରକଳା, ଜୁଆଙ୍ଗ ଚିତ୍ରକଳା, କୋହ୍ଲ ଚିତ୍ରକଳା, କୁଟିଆ କନ୍ଧ ଚିତ୍ରକଳା, ଲାଞ୍ଜିଆ ସଉରା ଚିତ୍ରକଳା, ଓରାଓଁ ଚିତ୍ରକଳା, ସାନ୍ତାଳ ଚିତ୍ରକଳା, ସଉରା ଚିତ୍ରକଳା, ତାଳପତ୍ର ତିଆରି ସାଜସଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୂପା ତାରକସି କାମ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା ଏବଂ ମାଟିପତ୍ର କାମ, ଯାତ୍ରା ପୋଷାକ, ଆଦିବାସୀ ଅଳଙ୍କାର, ତୁମ୍ବା କାମ, କାଠ ଖୋଦେଇ, ଚିତ୍ରିତ କାଠ କଣ୍ଢେଇ, ଲୌହ ଧାତୁ ନିର୍ମିତ ହସ୍ତଶିଳ୍ପ, ନାଳିଆ ଘାସ କାମ, ସିସଲ ଘାସ କାମ, ହେଂସୁଆତି କାମ, ତମ୍ବା ଧାତୁ ନିର୍ମିତ ହସ୍ତଶିଳ୍ପ, ନମନୀୟ ପିତ୍ତଳ ମାଛ କାମ, କଳା ଢୋକରା କାମ। ଏହି ତାଲିକାଭୁକ୍ତ ହସ୍ତଶିଳ୍ପଗୁଡିକର ବିକାଶ ଏବଂ ଏହି ହସ୍ତଶିଳ୍ପରେ କାର୍ଯ୍ୟରତ କାରିଗରମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ ନିମନ୍ତେ ଏହି ୬୧ଟି ହସ୍ତଶିଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି।

## ୧ରେ ଖୋଲିବ ହୀରାକୁଦ ଜଳଭଣ୍ଡାର

● ୧୫ ଜିଲ୍ଲାପାଳଙ୍କୁ କରାଯାଇଛି ସତର୍କ

**ସମ୍ବଲପୁର,୨୨।୫(ସଂଚାର ବ୍ୟୁରୋ):** ଆସନ୍ତା ଜୁନ ୧ ତାରିଖରେ ଖୋଲିବ ହୀରାକୁଦ ଜଳଭଣ୍ଡାର। ଏଥିନେଇ ସତର୍କ ସୂଚନା ଜାରି କରିଛନ୍ତି ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ। ତଳ ମୁଣ୍ଡର ୧୫ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଏନେଇ ସତର୍କ କରାଯାଇଛି। ଜୁନ ୧ରୁ ୩୧ ମଧ୍ୟରେ ଯେକୌଣସି ସମୟରେ ହୀରାକୁଦ ଡ୍ୟାମ୍‌ର ଗେଟ ଖୋଲାଯିବା ନେଇ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଲଗାତାର ଭାବେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧ରୁ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏନେଇ ବନ୍ୟା ଜଳ ନିୟନ୍ତ୍ରଣ କକ୍ଷ ବା କଣ୍ଟ୍ରୋଲ ରୁମର ନମ୍ବର ମଧ୍ୟ ପ୍ରଦାନ କରାଯାଇଛି । ଏହି ସମୟ ମଧ୍ୟରେ ନଦୀକୁ ଯିବା ଉପରେ କଟକଣା ଲଗାଯାଇଛି। ଏଥିସହ ନିଜ ସ୍ତରରେ ଜିଲ୍ଲାପାଳମାନେ ସତର୍କ କରାଇବାକୁ ଉକ୍ତ ଚିଠିରେ କୁହାଯାଇଛି।

### ଓଏସ୍ଏସ୍‌ସି ଅଧ୍ୟକ୍ଷ ପଦ

# ଛାଡ଼ିଲେ ଅଭୟ, ପାଇଲେ ବୁର୍ଗୀ

**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଏବଂ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି)ର ସଦସ୍ୟ ସୁଧାକର ବୁର୍ଗୀଙ୍କୁ ଏହାର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଆଜି ପୂର୍ବାହ୍ନରେ ଅଧ୍ୟକ୍ଷ ପଦରୁ ଅଭୟ ଇସ୍ତଫା ଦେବା ପରେ ଏହି ପଦରେ ଶ୍ରୀ ବୁର୍ଗୀଙ୍କୁ ନିଯୁକ୍ତି ମିଳିଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତିରେ ସରକାର ନିଶ୍ଚିତ କରିଛନ୍ତି ଯେ ଅଭୟଙ୍କୁ ଗତ ୧୯ ତାରିଖରେ ଦିଆଯାଇଥିବା ପ୍ରତିନିଧିତ୍ୱ ଉପରେ ଧ୍ୟାନ ଦେବା ପରେ ତାଙ୍କର ଅଧ୍ୟକ୍ଷ ପଦରୁ ଇସ୍ତଫାକୁ ମଞ୍ଜୁର କରାଯାଇଛି। ଏଥିସହ ବିଭାଗ ଏକ ଦ୍ୱିତୀୟ ବିଜ୍ଞପ୍ତି ଜାରି କରି ଏଥିରେ ଶ୍ରୀ ବୁର୍ଗୀଙ୍କୁ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିବା ଦର୍ଶାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବେ।

# ୧୮ ପରିବାରର ଭରସା ବାଉଁଶ ପୋଲ

**ଘଟଗାଁ,୨୨।୫(ସଂଚାର ବ୍ୟୁରୋ):** ଗାଁକୁ ବଜାର ଯା'ଆସ ପାଇଁ ବ୍ରିଜ୍‌ଟିଏ ନାହିଁ। ବାଉଁଶ ଧଡ଼ା ସେମାନଙ୍କ ଏକମାତ୍ର ଭରସା। ଆଜି ବି ଜୀବନକୁ ବାଜି ଲଗାଇ ବିପଦସଂକୁଳ ପରିସ୍ଥିତିରେ ଯା'ଆସ କରୁଛନ୍ତି କେନ୍ଦୁଝରର ଜିଲ୍ଲା ଘଟଗାଁ ବ୍ଲକ୍ ବାଘୁଆଖମଣ ସାହିର ୧୮ରୁ ଅଧିକ ପରିବାର। ହେଲେ ନା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉଛି ନା ସ୍ଥାନୀୟ ବ୍ଲକ ପ୍ରଶାସନ ସେମାନଙ୍କ ଦୁଃସ୍ଥିତିକୁ ହୃଦୟଙ୍ଗମ କରିପାରୁଛି। ନାଳ ଉପରେ ବ୍ରିଜଟିଏ ନଥିବାରୁ ଯାତାୟାତଜନିତ ସମସ୍ୟା ଦୂର କରିବାକୁ ବାଧ୍ୟ ହୋଇ ଗାଁଲୋକେ ନିଜସ୍ୱ ଉଦ୍ୟମରେ ଏକ ବାଉଁଶ ପୋଲ ତିଆରି କରିଛନ୍ତି। ନାଳ ପାରି ହେଲେ ସ୍କୁଲ, ଡାକ୍ତରଖାନା ଓ ନିତିଦିନିଆ ବଜାରକୁ ଯାଇହେବ। କିନ୍ତୁ ବ୍ରିଜ୍ ନ ଥିବାରୁ ବର୍ଷାଦିନେ ଲୋକଙ୍କ ଅବସ୍ଥା ଆହୁରି ସାଂଘାତିକ ହୋଇଯାଏ। ବାଉଁଶ ପୋଲରେ ଯିବାଆସିବା କରିବା ବି ସମ୍ଭବପର ହୁଏନାହିଁ। ତେଣୁ ଉକ୍ତ ଗ୍ରାମର ଲୋକେ ୧୫ କିମିଟର ବୁଲି ପଞ୍ଚାୟତ ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ବାଧ୍ୟ ହେଉଛନ୍ତି। ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଅନେକ ଥର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏଠାରେ ବସବାସ କରୁଥିବା ଗରିବଗୁରୁବାଙ୍କ ପ୍ରତି ବା ନଜର ଦେବାକୁ କାହା ପାଖରେ ବା ସମୟ ଅଛି। ଏପରି ସ୍ଥିତିରେ ସ୍ଥାୟୀ ପୋଲଟିଏ ପାଇଁ ଦୀର୍ଘ ଦିନରୁ ଦାବି ହେଉଛି। କିନ୍ତୁ ପ୍ରଶାସନ ସେମାନଙ୍କ ଦାବି ପ୍ରତି ନଜର ଦେଉନଥିବାରୁ ଏଥିପ୍ରତି ଜିଲ୍ଲାର ବିଧାୟକରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ଚରଣ ମାଝୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଏପରିକି ଏହି ସମସ୍ୟା ନେଇ ସ୍ଥାନୀୟ ବିଡିଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିଲେ ଚୁପ୍ ରହୁଛନ୍ତି।



## ସିରିଜ୍ ଦୁର୍ଘଟଣାରେ କାର୍ ଚାଳକ ମୃତ



**ଢେଙ୍କାନାଳ,୨୨।୫(ସଂଚାର ବ୍ୟୁରୋ):** ସଦର ଥାନା ୫୫ ନଂ ଜାତୀୟ ରାଜପଥ କାଉଁରିଆପାଳ ନିକଟରେ ଆଜି ଏକ ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଛି। ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ତା' ପଛରେ ଆସୁଥିବା କାର୍ ଉପରେ ପାଉଁଶ ବୋଝେଇ ହାଇୱା ଚଢ଼ିଯାଇଥିଲା। ଫଳରେ ଚାପି ହୋଇ କାର୍ ଚାଳକ ଜଣଙ୍କ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିପାରିନାହିଁ। ସୂଚନାନୁସାରେ, ଗୁରୁବାର ଅପରାହ୍ନ ସାଢେ ୨ଟା ସମୟରେ ଅନୁଗୁଳ ପଟରୁ ଏକ ଟ୍ରକ, ତା' ପଛରେ ଏକ କାର ଓ ସବା ପଛରେ ଏକ ହାଇୱା ଢେଙ୍କାନାଳ ଆଡକୁ ଆସୁଥିଲେ। ତେବେ ହଠାତ୍ ଆଗରେ ଆସୁଥିବା ଟ୍ରକଟି ବ୍ରେକ୍ କଷିବା ଫଳରେ ପଛରେ ଥିବା କାର୍ ଓ ହାଇୱା ଭାଇସାମ୍ୟ ହରାଇଥିଲେ। କାରଟି ଆଗ ଟ୍ରକ ପଛରେ ପିଟି ହୋଇଥିବା ବେଳେ ପଛରେ ଆସୁଥିବା ହାଇୱାଟି କାର ଉପରେ ଚଢ଼ିଯାଇଥିଲା। କାରଟି ସମ୍ପୂର୍ଣ୍ଣ ଚାପି ହୋଇଯିବା ସହ ଡ୍ରାଇଭର ଚାପି ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଖବର ପାଇ ହିନ୍ଦୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ଅନ୍ୟ ଏକ ଟ୍ରକର ଚାଳକ ଫେରାର୍ ହୋଇଯାଇଥିବା ବେଳେ ହାଇୱା ଚାଳକକୁ ପୁଲିସ ଅଟକ ରଖିଛି।

# ଏସ୍‌ଇବିସି ସଂରକ୍ଷଣ: ସାପ-ସିଢ଼ି ଖେଳ




**ଭୁବନେଶ୍ୱର,୨୨।୫:** ସରକାରୀ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ସଂରକ୍ଷଣ ନେଇ ଓଡ଼ିଶାରେ ଚାଲିଛି ସାପ-ସିଢ଼ି ଖେଳ । କେତେବେଳେ ଏହି ବର୍ଗଙ୍କ ପାଇଁ ସଂରକ୍ଷଣ ସୀମା ବଢ଼ିଯାଉଛି ତ ପୁଣି କେତେବେଳେ କମିଯାଉଛି । ତେବେ ସଂରକ୍ଷଣ ତାତିରୁ ରାଜନୈତିକ ରୁଟି ସେକିବା ଲାଗି ବିଭିନ୍ନ ଦଳ ରାଜନୈତିକ ବୟାନବାଜି ଜାରି ରଖିଛନ୍ତି ।

ଏ ପ୍ରସଙ୍ଗ ବାରମ୍ବାର ଆଇନ୍ ଅଦାଲତରେ ନିଷ୍ପତ୍ତି ହୋଇସାରିଛି ଏବଂ ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ଆଇନ୍ ବି ରାୟ ଆଧାରରେ ଅକାମୀ ହୋଇଛି । ଏହାସବୁ ଜାଣି ବି ପଛୁଆ ବର୍ଗଙ୍କ ଲାଗି ୨୭ ପ୍ରତିଶତ ଆସନ ସଂରକ୍ଷଣ ଓଡ଼ିଶା ସରକାର କରିବା ପାଇଁ ଦାବି ଉଠୁଛି । ବିରୋଧୀ ଦଳରେ ଥିବାବେଳେ ବିଜେପି ୨୭ ପ୍ରତିଶତ ପ୍ରସଂଗ ଉଠାଉଥିବା ବେଳେ ଏବେ ଉଭୟ କଂଗ୍ରେସ ଓ ବିଜେଡି ସମାନ ପ୍ରସଂଗକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ପ୍ରାରମ୍ଭରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଜନସଂଖ୍ୟା ଅନୁପାତ ଆଧାରରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକରେ ୧୦ବର୍ଷ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସମୟସୀମା ବାରମ୍ବାର ବଢ଼ା ଚାଲିଛି । ଏଠାରେ ଉଲ୍ଲେଖନୀୟ ଯେ ଜାତୀୟ ସ୍ତରରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ଜନସଂଖ୍ୟା ଆଧାରରେ ମୋଟ ୨୨.୫ ପ୍ରତିଶତ ସଂରକ୍ଷଣ ଦିଆଯାଉଥିବା ବେଳେ ଓଡ଼ିଶାରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ଅଧିକ ରହିଥିବାରୁ ଏମାନଙ୍କ ପାଇଁ ୩୮.୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଅଛି ।

୭୦ ଦଶକରେ ଜନତା ପାର୍ଟି ସରକାର ବେଳେ ବିପି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପଛୁଆ ବର୍ଗ ପ୍ରସଂଗରେ ଏକ କମିଶନ ବସିଥିଲା। ଏହି କମିଶନ ମଣ୍ଡଳ କମିଶନ ନାମରେ ଖ୍ୟାତ। ଏହି କମିଶନଙ୍କ ରିପୋର୍ଟ ପ୍ରାୟ ୧୦ ବର୍ଷ ଧରି କଂଗ୍ରେସ ସରକାର ଅମଳରେ ନଥିରେ ବନ୍ଧା ହୋଇ ରହିଥିଲା ଏବଂ ୧୯୮୯ ମସିହାରେ ଭିପି ସିଂହଙ୍କ ସରକାର ଆସିବା ପରେ ତାହାକୁ କାର୍ଯ୍ୟକାରୀ କରି ପଛୁଆ ବର୍ଗ ବା ଓବିସିଙ୍କ ଲାଗି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯିବାରୁ ସାରା ଦେଶରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ସୁପ୍ରିମକୋର୍ଟରେ ମାମଲା ଚାଲିଲା। ସୁପ୍ରିମକୋର୍ଟଙ୍କ ଏକ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ମୋଟାମୋଟି ଭାବେ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଟପିପାରିବ ନାହିଁ ବୋଲି କହିବାରୁ କେନ୍ଦ୍ର ସରକାର ଏହାକୁ ମାନି ନେଇ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ।

ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ଜନତା ଦଳ ନେତା ବିଜୁ ପଟ୍ଟନାୟକ ଗରିବଙ୍କ ଜାତି ନାହିଁ ବୋଲି ଖୋଲା ମନ୍ତବ୍ୟ ଦେବା ସହ ମଣ୍ଡଳ କମିଶନ ପରିବର୍ତ୍ତେ ରାଜ୍ୟ ସରକାର ଜଷ୍ଟିସ ନବ କୁମାରଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ କମିଶନ ବସାଇଥିଲେ ଏବଂ ଏହି କମିଶନଙ୍କ ସୁପାରିସ ଆଧାରରେ ୧୯୯୩ ମସିହାରେ ଏସ୍‌ଇବିସିଙ୍କ ଲାଗି ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସରକାରୀ ଚାକିରି କ୍ଷେତ୍ରରେ ଲାଗୁ କରିଥିଲେ । ତେବେ ପରବର୍ତ୍ତୀ ନିର୍ବାଚନ ପୂର୍ବରୁ ୧୯୯୪ ମସିହାରେ ଓଡ଼ିଶା ସରକାର ଏହି ସୀମାକୁ ୨୭ ପ୍ରତିଶତକୁ ବୃଦ୍ଧି କରିବାରେ ଏହା ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା । କୁମାରୀ ହରପ୍ରିୟା ଦାସଙ୍କ ମାମଲାରେ ସ୍ୟାଟ୍ ଓ ହାଇକୋର୍ଟ ୫୦ ପ୍ରତିଶତ ସଂରକ୍ଷଣ ସୀମା ରଖିବାକୁ ଯେଉଁ ରାୟ ଦେଇଥିଲେ ତାହା ସୁପ୍ରିମକୋର୍ଟରେ କାଏମ ରହିଲା । ଫଳରେ ପୁଣି ଏସ୍‌ଇବିସିଙ୍କ ସଂରକ୍ଷଣ ୧୧.୨୫ ପ୍ରତିଶତକୁ ଖସି ଆସିଥିଲା ।

ବିଜେଡି-ବିଜେପି ମିଳିତ ସରକାର ସମୟରେ ବିଧାନସଭାରେ ଏକ ବିଧେୟକ ଆଣି ୨୦୦୮ ମସିହାରେ ପୁଣି ଏସ୍‌ଇବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ରାଜ୍ୟ ସରକାର କରିଥିବା ବ୍ୟବସ୍ଥା ଅମର ଛାଟୋଇ ମାମଲାରେ କାଟ୍ ଖାଇଯିବାରୁ ସରକାର ପୁଣି ଏହାକୁ ୧୧.୨୫ ପ୍ରତିଶତକୁ ହ୍ରାସ କରିଛନ୍ତି । ଏ ସଂକ୍ରାନ୍ତରେ ସ୍ୟାଟ୍‌ଙ୍କ ରାୟ ହାଇକୋର୍ଟ କାଏମ ରଖିଥିବା ବେଳେ ସରକାର ସୁପ୍ରିମକୋର୍ଟ ଯାଇ ଗୁଡ଼ିଏ ପଇସା ମଧ୍ୟ ଖର୍ଚ୍ଚ କଲେଣି । ଏଭଳି ସ୍ଥିତିରେ ଏବେ ପୁଣି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭ ପ୍ରତିଶତ ସଂରକ୍ଷଣ ଦାବି ଉଠୁଛି । ତେବେ ଆଇନ୍ ବିଶାରଦମାନେ କହୁଛନ୍ତି ଏ ସଂକ୍ରାନ୍ତରେ ଇନ୍ଦ୍ରା ସାୱ୍ନୀ, ଏମ୍ ନାଗରାଜ, ଆରକେ ସବରୱାଲ୍, ଅଜିତ ସିଂହ, ବୀରପାଲ୍ ସିଂ ଚୌହାନ, ଭରତ ମାଝୀ, ଇନ୍ଦୁଭୂଷଣ ନାୟକ, ଅମର ଛାଟୋଇ, ଲଳିତ କୁମାର ନାୟକ, ଅନୁଶ୍ରବ ଗନ୍ତାୟତ, ପ୍ରଭାକର ମଲ୍ଲିକ, ହରପ୍ରିୟା ଦାସ, ଜର୍ଣ୍ଣେଲ ସିଂ ଆଦି ମାମଲାରେ ଆଇନ୍ ଅଦାଲତଙ୍କ ରାୟକୁ ଅଣଦେଖା କରି କେବଳ ରାଜନୈତିକ ବିବୃତିବାଜି ଚାଲୁଛି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୨୩ ମେ ୨୦୨୫, ଭୁବନେଶ୍ୱର
Friday 23 May 2025, Bhubaneswar

# ନ୍ୟାୟପାଳିକାର ଗରିମା

ଗଣତନ୍ତ୍ରର ସମସ୍ତ ୩ଟି ସ୍ତମ୍ଭର ଗୁରୁତ୍ୱ ସମାନ ଏବଂ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ। ଜଣେ କକ୍ଷଚ୍ୟୁତ ହେଲେ ଅନ୍ୟ ଦୁଇଟି ସ୍ତମ୍ଭ ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ଥାଆନ୍ତି। ଭାରତରେ ସାମ୍ବିଧାନିକ ବିଧିବ୍ୟବସ୍ଥା ଏପରି ରହିଛି ଯେ, ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ପରସ୍ପର ଉପରେ ନିର୍ଭରଶୀଳ ଲବଂ ଜନତାଙ୍କ ନିକଟରେ ଉତ୍ତରଦାୟୀ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ନ୍ୟାୟପାଳିକା। ସମ୍ବିଧାନର ସୁରକ୍ଷା ହେଉଛି ଏହାର ଦାୟିତ୍ୱ। ଏହାକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ। ସଂସଦରେ ଆଇନ ପ୍ରଣୟନ ହୁଏ। ଏହାର କାର୍ଯ୍ୟକାରୀତାକୁ ଦେଖିବା ନ୍ୟାୟପାଳିକା। ତେଣୁ ନ୍ୟାୟପାଳିକାର ଗରିମା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। କିନ୍ତୁ ଗତ କିଛି ବର୍ଷ ହେବ ଭାରତରେ ନ୍ୟାୟପାଳିକାର ଗରିମା କ୍ଷୁର୍ଣ୍ଣ ହେବା ସହ ଏହା ପ୍ରତି ଲୋକଙ୍କର ଆସ୍ଥା ଏବଂ ବିଶ୍ୱାସ ସାମାନ୍ୟ ହ୍ରାସ ପାଇଥିବା ପରି ମନେ ହେଉଛି। କିଛି ପ୍ରସଙ୍ଗରେ ନ୍ୟାୟାଳୟ କିଛି ଲୋକଙ୍କ ଆଶାର ବିପରୀତ ନିଷ୍ପତ୍ତି ନେଉଛନ୍ତି। ତେଣୁ ସେମାନେ କ୍ଷୁବ୍ଧ ହେବା ଜରୁରୀ। ଅନ୍ୟ ପକ୍ଷରେ ନ୍ୟାୟାଳୟର କ୍ଷମତା ଏବଂ ଦାୟିତ୍ୱ ନେଇ ମଧ ପ୍ରଶ୍ନ ଉଠିଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ସମାଲୋଚନା କରିବାର ଏକ ଟ୍ରେଣ୍ଡ ମଧ ଏବେ ଆରମ୍ଭ ହୋଇଛି। ଏହା ନ୍ୟାୟାଳୟର ସମ୍ମାନ ହାନି ସହିତ ଏକ ଖରାପ ପରମ୍ପରା ମଧ ସୃଷ୍ଟି କରୁଛି। ଏହା ନିନ୍ଦନୀୟ ଏବଂ ବିପଜ୍ଜନକ। କିନ୍ତୁ ଅନେକ ପ୍ରସଙ୍ଗରେ ବିତର୍କର ଆବଶ୍ୟକତା ମଧ ରହିଛି। ଯାହା ବିଗତ ୭୫ ବର୍ଷ ମଧରେ ହୋଇନଥିଲା ତାହା ଏବେ ହେବ ନାହିଁ ବୋଲି ବିଚାର କରିବା ଅନୁଚିତ। ସମ୍ବିଧାନର ପୁନଃତର୍ଜମା କରାଯିବା ଆବଶ୍ୟକ। କିଛି ବ୍ୟବସ୍ଥାର ସମୀକ୍ଷା ଏବଂ ନୂତନ ସଂଜ୍ଞା ନିରୂପିତ ହେବା ଉଚିତ। ନିକଟରେ ପ୍ରଧାନବିଚାରପତି ଜଷ୍ଟିସ ବି ଆର ଗଭାଇ ତାଙ୍କ ନିଜ ରାଜ୍ୟ ମହାରାଷ୍ଟ୍ରକୁ ଯାଇଥିଲେ। ମହାରାଷ୍ଟ୍ର ଓ ଗୋଆ ବାର କାଉନସିଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ। ଏହା ସରକାରୀ କାର୍ଯ୍ୟକ୍ରମ ନଥିଲା। ତଥାପି ଦେଶର ପ୍ରଧାନବିଚାରପତି ଗସ୍ତରେ ଗଲେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପ୍ରୋଟୋକଲ ଅନୁଯାୟୀ ସମ୍ମାନ ଦିଆଯିବା ଉଚିତ। କିନ୍ତୁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁମ୍ବାଇ ପୋଲିସ କମିଶନର ଅନୁପସ୍ଥିତ ଥିଲେ। ଏହା ପ୍ରୋଟୋକଲ ଭଙ୍ଗ ବୋଲି ଉଲ୍ଲେଖ କରି ପ୍ରଧାନବିଚାରପତି କ୍ଷୋଭ ପ୍ରକାଶ କରିଥିଲେ। ପ୍ରଧାନବିଚାରପତିଙ୍କ କ୍ଷୋଭ ଯଥାର୍ଥ ଏବଂ ଏହାକୁ ଗୋ୍ଣର କରାଯାଇପାରିବ ନାହିଁ। ଦେଶର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେଉଛନ୍ତି ସର୍ବୋଚ୍ଚ ପଦାଧିକାରୀ। ସେ ହେଉଛନ୍ତି ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ବିଚରପତି କହିଥିଲେ ଯେ, ଗଣତନ୍ତ୍ରର ୩ଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପକର ଗରିମା, ଗୁରୁତ୍ୱ ଏବଂ ଦାୟିତ୍ୱ ସମାନ। ତିନିଟି ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେବା ଉଚିତ। କେହି କାହାର କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କେହି ନିଜ ଦାୟିତ୍ୱ ନିର୍ବାହରୁ ବିଚ୍ୟୁତ ହେବା ଅନୁଚିତ। ପରସ୍ପର ଉପରେ ବିଶ୍ୱାସ ରଖିବା ଉଚିତ। ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଏବଂ କ୍ଷୋଭ ପଛରେ ଅନେକ କାରଣ ରହିଛି। ଗତ କିଛି ମାସ ମଧରେ ଅନେକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରାଯାଇଛି, ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ କରାଯାଇଛି ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସମ୍ଭବତଃ ସେଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ଗଣତନ୍ତ୍ର ପରିପକ୍ୱ ଏବଂ ଜନ ସାଧାରଣ ସଚେତନ ହେବା ଫଳରେ ଏଭଳି ପ୍ରସଙ୍ଗ ସୃଷ୍ଟି ହେଉଛି। ଗତ ବର୍ଷ ଗଣେଶ ପୂଜା



ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଯାଇଥିଲେ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ଜଣେ ରାଜନୈତିକ ବ୍ୟକ୍ତି। ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବା ଶାସକ ଦଳର କିଛି ନେତାଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବା କେତେଦୂର ଯଥାର୍ଥ ସେଥିନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଅଯୋଧା ମାମଲାର ରାୟ ପ୍ରକାଶ ପରେ କେତେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ମଦ୍ୟ ପ୍ରଶ୍ନ ଉଠାଇଥିଲେ। ନିକଟରେ ସୁପ୍ରିମକୋର୍ଟ ଏକ ମାମଲାରେ କହିଥିଲେ ଯେ, ରାଜ୍ୟ ବିଧାନସଭରେ ଗୃହୀତ ବିଲକୁ ରାଜ୍ୟପାଳ ବା ରାଷ୍ଟ୍ରପତି ଅଧିକ ଦିନ ଅଟକାଇପାରିବେନି। ଏପରିକି ରାଷ୍ଟ୍ରପତି ମଧ ସର୍ବାଧିକ ୩ ମାସ ମଧରେ ଏହା ଉପରେ ନିଷ୍ପତ୍ତି ନେବାକୁ ବାଧ ଏବଂ ଯଦି ରାଷ୍ଟ୍ରପତି ବିଲକୁ ଅଗ୍ରାହ୍ୟ କରନ୍ତି ବା ଏହାକୁ ଅନୁମୋଦନ କରିବାରେ ବିଳମ୍ବ କରନ୍ତି ତେବେ ଏହାର କାରଣ ସମ୍ପର୍କରେ ତାଙ୍କୁ ଜଣାଇବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ଉପରେ ଶାସକ ଦଳର କେତେକ ସାଂସଦ ଏପରିକି ଖୋଦ ଦେଶର ଉପରାଷ୍ଟ୍ରପତି ମଧ ପ୍ରଶ୍ନ ଉଠାଇଥିଲେ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି କହିଥିଲେ। କାରଣ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ। ସେ ହେଉଛନ୍ତି ଦେଶର ସାମ୍ବିଧାନିକ ମୁଖ୍ୟ। ସୁପ୍ରିମକୋର୍ଟ ଜଣେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ, ତାଙ୍କୁ କ୍ଷମା କରିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି। ତେଣୁ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ଖୋଦ ଉପରାଷ୍ଟ୍ରପତି କହିଥିଲେ। ଏହା ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଏକ ପତ୍ର ଲେଖି ୧୪ଟି ପ୍ରଶ୍ନ ବା ସ୍ପଷ୍ଟୀକରଣ ମାଗିଛନ୍ତି। ତାଙ୍କର କହିବା କଥା ହେଲା ରାଜ୍ୟ ବିଧାନସଭାରେ ଗୃହୀତ ବିଲ ଉପରେ ପ୍ରଶ୍ନ ଉଠାଇବା, ଏହାର ବୈଧତା ନେଇ ଯାଞ୍ଚ କରିବା ଏବଂ ଯଦି ଏହା ଅସାମ୍ବିଧାନିକ ହୋଇଥିବ ତେବେ ଏହାକୁ ଫେରାଇବା ଅଧିକାର ରାଷ୍ଟ୍ରପତିଙ୍କର ଅଛି କି ନାହିଁ। ଏକଥା ସତ୍ୟ ଯେ, ସଂସଦ ବା ବିଧାନସଭାରେ ଗୃହୀତ ବିଲକୁ ଯଥାକ୍ରମେ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ଥରେ ପୁନର୍ବିଚାର ପାଇଁ ଫେରାଇପାରିବେ। କିନ୍ତୁ ଏହାକୁ ଦ୍ୱିତୀୟ ଥର ଫେରାଇପାରିବେ ନାହିଁ। କାରଣ ଆଇନ ପ୍ରଣୟନ କରିବା ହେଉଛି ସଂସଦ ବା ବିଧାନସଭାର ଦାୟିତ୍ୱ। ବ୍ୟବସ୍ଥାପକ ସଭାର ଏହି ଅଧିକାରକୁ ନ୍ୟାୟପାଳିକା କ୍ଷୁର୍ଣ୍ଣ କରିପାରିବେ ନାହିଁ। ଏହା ଏକ ସାମ୍ବିଧାନିକ ସଙ୍କଟ। ସମ୍ବିଧାନର ଅନୁଚ୍ଛେଦ ୧୪୨ ଆଧାରରେ ସୁପ୍ରିମକୋର୍ଟଙ୍କର ବିଶେଷାଧିକାର ଅଛି। ଏହି ଆଧାରରେ ସୁପ୍ରିମକୋର୍ଟ ଅନେକ ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପକାଇପାରିବେ ବା କ୍ଷମତା ଜାହିର କରିପାରିବେ। ଏହି ପ୍ରସଙ୍ଗରେ ଗଣତନ୍ତ୍ରର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ମଦ୍ୟରେ ବିବାଦ ସ୍ୱାଗତଯୋଗ୍ୟ ନୁହେଁ। ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର ଅଧିକାର ସୁପ୍ରିମକୋର୍ଟଙ୍କର ଅଛି କି ନାହିଁ ସେ ସମ୍ପର୍କରେ ସମ୍ବିଧାନରେ କିଛି ସ୍ପଷ୍ଟ ଉଲ୍ଲେଖ ନାହିଁ। ଏବେ ଏହା ଉପରେ ଚିତ୍ର ସ୍ପଷ୍ଟ କରିବାର ସୁଯୋଗ ସୃଷ୍ଟି ହୋଇଛି। କିନ୍ତୁ ଏହାକୁ ରାଜନୈତିକ ରଙ୍ଗ ଦେବା ଅନୁଚିତ। ପ୍ରଧାନ ବିଚାରପତି ପ୍ରୋଟୋକଲ ଭଙ୍ଗ ନେଇ ଯେଉଁ କ୍ଷୋଭ ପ୍ରକାଶ କରିଛନ୍ତି ତାହା ସଠିକ। କିନ୍ତୁ ଜଣେ ଯେତେ ବଡ଼ ପଦରେ ରହିଥିଲେ ବି ବା ସାମ୍ବିଧାନିକପୀଠର ମୁଖ୍ୟ ହୋଇଥିଲେ ମଧ ନିଜ ପାଇଁ କ୍ଷମତା ଓ ସମ୍ମାନ ଦାବି କରିବା ଅସୁନ୍ଦର କଥା। ମଧଯୁଗୀୟ ବ୍ୟବସ୍ଥାକୁ ପୁନର୍ବାର କାର୍ଯ୍ୟକାରୀ କରିବା ପ୍ରୟାସ ସ୍ୱାଗତଯୋଗ୍ୟ ନୁହେଁ। କେହି ସାଧାରଣ ଲୋକଙ୍କ ଆଗରେ ବଡ଼ ନୁହନ୍ତି। ସମ୍ବିଧାନ ପ୍ରଦତ୍ତ କ୍ଷମତା ଏବଂ ଦାୟିତ୍ୱ ନିର୍ବାହ କରିବା ଯେତିକି ଜରୁରୀ, ଲୋକଙ୍କ ଆସ୍ଥାଭାଜନ ହେବା ମଧ ସେତିକି ଜରୁରୀ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟର ବିଚାରପତି ହୁଅନ୍ତୁ ବା ପ୍ରଧାନବିଚାରପତି ସେମାନେ ଲୋକଙ୍କ ଟିକସ ଅର୍ଥରେ ଦରମା ପାଉଛନ୍ତି। ତେଣୁ ଲୋକଙ୍କ ସ୍ୱାର୍ଥରକ୍ଷା ସେମାନଙ୍କ ପ୍ରଥମ କର୍ତ୍ତବ୍ୟ। ପ୍ରୋଟୋକଲ ସେତିତି ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେତିକି ତ୍ୱରିତ ନ୍ୟାୟ ପ୍ରଦାନର ଆବଶ୍ୟକତା।

# ନ୍ୟାୟ ଅପେକ୍ଷାରେ କାର୍ଯ୍ୟପାଳିକା



## କିଶୋର ଚନ୍ଦ୍ର ବେହେରା

ଶାସନ ପ୍ରଣାଳୀକୁ ସୁଚାରୁ ରୂପେ ତୁଲାଇବା ପାଇଁ ଭାରତରେ ସାମ୍ବିଧାନିକ ପଦ୍ଧତିରେ ଏକ ସୁଦୃଢ଼ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ଭାରତ ହେଉଛି ଏକ ସାର୍ବଭୌମ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଦେଶର ଶାସନ ବ୍ୟବସ୍ଥା ଭାରତ ସରକାରଙ୍କ ଉପରେ ନ୍ୟସ୍ତ ଓ ସଂଘୀୟ ଶାସନ ମାଧମରେ ପରିଚାଳିତ। ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। କାର୍ଯ୍ୟପାଳିକା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବ୍ୟବସ୍ଥାପିକା ଦ୍ୱାରା ପ୍ରଣିତ ଆଇନକୁ କାର୍ଯ୍ୟକାରୀ କରିବା ସହିତ ଅଦାଲତର ନିଷ୍ପତ୍ତିକୁ ମଧ ପାଳନ କରିଥାଏ। ବିଶିଷ୍ଟ ରାଜନୀତିଜ୍ଞ ଗାର୍ଣ୍ଣର ମତପୋଷଣ କରନ୍ତି "ବ୍ୟବସ୍ଥାପିକା ଓ ସମ୍ବିଧାନ ଦ୍ୱାରା ପ୍ରଣିତ ଆଇନ ତଥା ନ୍ୟାୟାଳୟର ରାୟକୁ କାର୍ଯ୍ୟକାରୀ କରିଥାଏ ସରକାରଙ୍କ କାର୍ଯ୍ୟପାଳିକା ବିଭାଗ"। ଏହି ବିଭାଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବ୍ୟାବହାରିକ ଅର୍ଥରେ ସରକାର କହିଲେ କାର୍ଯ୍ୟପାଳିକା ହିଁ ବୁଝାଇ ଥାଏ। କାର୍ଯ୍ୟପାଳିକା କହିଲେ ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି, ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ, ମନ୍ତ୍ରୀମଣ୍ଡଳ ଓ ଉଚ୍ଚ ଶାସନ କର୍ମଚାରୀଙ୍କୁ ବୁଝାଇଥାଏ। କିନ୍ତୁ ବିକ୍ଷିପ୍ତ ଅର୍ଥରେ କାର୍ଯ୍ୟପାଳିକା ଉଭୟ ନୀତି ନିର୍ଦ୍ଧାରଣ ଓ ନୀତି କାର୍ଯ୍ୟକାରୀ ଶାସନ କର୍ତ୍ତାଙ୍କୁ ବୁଝାଏ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ନୀତି ନିର୍ଦ୍ଧାରଣ କରନ୍ତି ଓ ପ୍ରଶାସନିକ ସରକାରୀ କର୍ମଚାରୀ ସେଗୁଡିକ କାର୍ଯ୍ୟକାରୀ କରିଥାନ୍ତି। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ। ସେହିପରି ବିଚାରବିଭାଗ ଏହି ଆଇନ ଗୁଡିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ। ଭାରତୀୟ ସମ୍ବିଧାନ ଓ ନ୍ୟାୟୀକ ବ୍ୟବସ୍ଥା ଏକ ସୁଚିନ୍ତିତ ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚତମ ନ୍ୟାୟାଳୟ ତାମିଲନାଡୁ ରାଜ୍ୟପାଳଙ୍କ ପ୍ରସଙ୍ଗରେ ଦେଇଥିବା ରାୟ ସଂପର୍କୀତ ୧୪ ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି। ସମ୍ବିଧାନର ଧାରା ୨୦୦ , ୨୦୧ ଓ ୩୬୧କୁ ଉଲ୍ଲେଖ କରି ରାଜ୍ୟପାଳଙ୍କ ଇଚ୍ଛାଧିନ ବ୍ୟାପାର ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବା କେତେଦୂର ନ୍ୟାୟସଙ୍ଗତ ସେ ସଂପର୍କରେ ଅବଗତ କରିବା ପାଇଁ ସର୍ବୋଚ୍ଚତମ ନ୍ୟାୟାଳୟକୁ ଚିଠି ଲେଖିଛନ୍ତି। ସମ୍ବିଧାନର ଧାର ୧୪୩ ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟକୁ ପ୍ରଶ୍ନ କରିଛନ୍ତି। ଅପ୍ରେଲ ମାସରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିବାବେଳେ କିଛି ରାଜନେତା ବି ସୁପ୍ରିମକୋର୍ଟଙ୍କ କ୍ଷମତା ନେଇ ପ୍ରଶ୍ନ ଉଠାଇଥିଲେ। ତାମିଲନାଡୁ ସରକାର ବିନା ରାଜ୍ୟପାଳଙ୍କ ସମ୍ମତିରେ ୧୦ଟି ବିଲ୍ ଗୃହୀତ କରିବା ପରେ ଆରମ୍ଭ ହୋଇଥିଲା ବିତର୍କର ଝଡ଼। ସମ୍ବିଧାନର ଧାର ୧୪୩ (୧) ଆଧାରରେ ଭାରତର ପ୍ରଥମ ନାଗରିକ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ଅନେକ ପ୍ରଶ୍ନରେ ନ୍ୟାୟିକ ବ୍ୟବସ୍ଥାକୁ ହରଡ଼ଘଣାରେ ପକାଇଦେଇଛନ୍ତି। ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ସାଧାରଣ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ଏହି ବିଲ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି। ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି କି ରାଷ୍ଟ୍ରପତି ଏହି ବିଲ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ। ଏହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକଟ କରିବା ସହ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ ଠାରୁ। ପ୍ରଥମ ପ୍ରଶ୍ନ ଯେତେବେଳେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପଗୁଡ଼ିକ ରହିଥାଏ? ଦ୍ୱିତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କଣ ରାଜ୍ୟପାଳ କୌଣସି





ବିଲ ଉପରେ ନିଷ୍ପତ୍ତି ନେବା ବେଳେ ମନ୍ତ୍ରିପରିଷଦଙ୍କ ପରାମର୍ଶ ଦ୍ୱାରା ବନ୍ଧା? ତୃତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ ଚାଲେଞ୍ଜ ଦିଆଯାଇ ପାରିବ? ଚତୁର୍ଥରେ କଣ ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇ ପାରିବ? ପଞ୍ଚମୀରେ ଯଦି ସମ୍ବିଧାନରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ନାହିଁ ତାହାଲେ କ'ଣ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରିପାରି? ଷଷ୍ଠରେ କ'ଣ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବି ଅଦାଲତରେ ଚାଲେଞ୍ଜ କରିହେବ? ସପ୍ତମରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ମତାମତ ନେବା ବାଧତାମୂଳକ କି? ଅଷ୍ଟମରେ ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନରେ ଆସେ କି? ନବମରେ ଭାରତର ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କୌଣସି ପ୍ରକାରେ ବଦଳାଯାଇପାରିବ? ଦଶମରେ ରାଜ୍ୟପାଳଙ୍କ ଅନୁମୋଦନ ବିନା ମଧ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି? ଏକାଦଶରେ ଧାରା ୧୪୫(୩) ଅନୁଯାୟୀ ଏକ ସାମ୍ବିଧାନିକ ପ୍ରଶ୍ନର ବିଚାର କରିବା ପାଇଁ ସୁପ୍ରିମକୋର୍ଟର ସର୍ବନିମ୍ନ ପାଞ୍ଚ ଜଣିଆ ଖଣ୍ଡପୀଠ ଆବଶ୍ୟକ କି? ଦ୍ୱାଦଶରେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର କ୍ଷମତା କେବଳ ପ୍ରକ୍ରିୟା ଯାଏଁ ସୀମିତ ନା ବିପରୀତ ଆଦେଶ ମଧ ଜାରି କରାଯାଇପାରିବ? ତ୍ରୟୋଦଶରେ ସମ୍ବିଧାନ ତଥା ପ୍ରଚଳିତ ଆଇନ୍ ସହିତ ଅସଙ୍ଗତ ନିର୍ଦ୍ଦେଶ ବା ଆଦେଶନାମା ସର୍ବୋଚ୍ଚ ନ୍ୟାୟାଳୟ ଦେଇ ପାରିବକି? ଶେଷରେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧରେ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟର ଅନ୍ୟ କୌଣସି କ୍ଷମତା ଅଛି କି ବୋଲି ପ୍ରଶ୍ନ କରିଛନ୍ତି।

ରାଷ୍ଟ୍ରପତିଙ୍କ ଆପତ୍ତି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟ ବଦଳି ପାରିବେ କି ଏହି ପ୍ରଶ୍ନ କାର୍ଯ୍ୟପାଳିକା ପାଇଁ ବର୍ତ୍ତମାନ ଏକ ମୁଖ୍ୟ କାରଣ ରୂପେ ଠିଆ ହୋଇଛି। ଯଦି ଆମେ ଭାରତୀୟ ସମ୍ବିଧାନର ୧୪୩ (୧) କଥା ବିଚାର କରିବା ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସହ ପରାମର୍ଶ କରିପାରିବେ। ଏହି ମତାମତ ବାଧତାମୂଳକ ନୁହେଁ, କିନ୍ତୁ ଏହାର ଅନେକ ସାମ୍ବିଧାନିକ ମହତ୍ୱ ରହିଛି। ଭିନ୍ନଭିନ୍ନ ସମୟରେ ରାଷ୍ଟ୍ରପତି ମାଗିଥିବା ମତାମତ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଦୁଇଥର ଜବାବ ଦେବାକୁ ମନା କରିଦେଇଥିଲେ। ୧୯୮୨ ମସିହାରେ ପାକିସ୍ଥାନରୁ ଆସିଥିବା ପ୍ରବାସୀଙ୍କ ଥଇଥାନ ଆଇନ ଉପରେ ମତାମତ ଲୋଡ଼ାଯାଇଥିଲା, କିନ୍ତୁ ପରେ ସେହି ଆଇନ ପାରିତ ହୋଇ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା, ଯାହା ମତାମତକୁ ଅପ୍ରାସଙ୍ଗିକ କରିଦେଇଥିଲେ। ଦ୍ୱିତୀୟଟି ହଲା ୧୯୯୩ ମସିହାରେ ରାମ ଜନ୍ମଭୂମି - ବାବ୍ରି ମସଜିଦ ବିବାଦରେ ମନ୍ଦିରର ପୂର୍ବ ସ୍ଥିତି ଉପରେ ମତାମତ ଲୋଡାଯିବାରୁ କୋର୍ଟ ଏହାକୁ ଧାର୍ମିକ ଓ ସାମ୍ବିଧାନିକ ମୁଲ୍ୟବୋଧର ବିପରୀତ ବୋଲି କହି ଖାରଜ କରିଦେଇଥିଲେ। ୧୯୯୧ ମସିହାରେ କାବେରୀ ଜଳ ବିବାଦକୁ ନେଇ ଅଦାଲତ କହିଥିଲେ ଯେ ରାୟ ପ୍ରକାଶ ପାଇବା ପରେ ସେହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ମତାମତ ନେବା ନ୍ୟାୟପାଳିକାର ମର୍ଯ୍ୟାଦା ବିରୋଧୀ। ସରକାର ଚାହିଁଲେ ରିଭ୍ୟୁ ପିଟିସନ ଦାଖଲ କରିପାରିବେ, ଯାହା ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ବିଲ ରାଜ୍ୟପାଳ କେଉଁ ପରିସ୍ଥିତିରେ ରଖୁଛନ୍ତି ବା ପ୍ରତ୍ୟାଖ୍ୟାନ କରୁଛନ୍ତି, ସେଥିରୁ ଏହି ପୂରା ଘଟଣା ସମ୍ନାକୁ ଆସିଛି। ତାମିଲନାଡୁ ରାଜ୍ୟପାଳ ଆର୍ ଏନ୍ ରବି ୧୦ଟି ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ। ଏହା କେନ୍ଦ୍ର - ରାଜ୍ୟ ସଂପର୍କରେ ସନ୍ତୁଳନ ପ୍ରସଙ୍ଗ ଏବଂ ଏକ ସମୟସୀମା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଯୋଗୁଁ ସରକାର ଏହାକୁ ସାମ୍ବିଧାନିକ ଅସନ୍ତୁଳନ ବୋଲି କହିଥିଲେ। ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଧ ସର୍ବୋଚ୍ଚ ନ୍ୟାୟାଳୟକୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏହିଭଳି ଆରୋପପ୍ରତ୍ୟାରୋପ ଲାଗି ରହିବ ତେବେ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ ବୋଲି ରାଷ୍ଟ୍ରନିତିଜ୍ଞ ମତପୋଷଣ କରୁଛନ୍ତି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର, କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ସତ୍ୟ ପ୍ରେମର ହତ୍ୟାକାରୀ କିଏ ?



## ଦିପ୍ତିମୟୀ ନାୟକ

ଆଜିର ସମାଜରେ ଦୁଇ ପ୍ରକାରର ପ୍ରେମ ଦେଖିବାକୁ ମିଳୁଛି। ଗୋଟେ ପ୍ରେମ ହେଉଛି ସତ୍ୟ ପ୍ରେମ ଆଉ ଅନ୍ୟଟି ହେଉଛି ମିଥ୍ୟା ପ୍ରେମ। ସତ୍ୟ ପ୍ରେମରେ ଛଳନା ନଥାଏ ଆଉ ମିଥ୍ୟା ପ୍ରେମରେ ଛଳନା ରୂପକ ହିଂସା ରହିଥାଏ। ସତ୍ୟ ପ୍ରେମ କେବେବି ନିଜ ପ୍ରେମକୁ ହରେଇବାକୁ ଚେଷ୍ଟା କରିନଥାଏ ଆଉ ମିଥ୍ୟା ପ୍ରେମ ଜଣକୁ ହରେଇ ଆଉ ଜଣକୁ ପାଇବାର ଆଶା ରଖିଥାଏ। ସତ୍ୟ ପ୍ରେମରେ କେବଳ ପ୍ରେମ ହିଁ ପ୍ରେମ ଦେଖିବାକୁ ମିଳିଥାଏ ଆଉ ମିଥ୍ୟା ପ୍ରେମରେ କେବଳ ମାନସିକ ନିର୍ଯ୍ୟାତନା ସହ ଶରୀର ଉପଭୋଗ କରିବାର ଲାଳସା ରହିଥାଏ। ସେଥିପାଇଁ ବେଳେବେଳେ ମନକୁ ପ୍ରଶ୍ନ ଆସେ ଆଜିର କିଛି ଯୁବପିଢ଼ି ପ୍ରେମ ତ କରୁଛନ୍ତି ହେଲେ ଶାରୀରିକ ସୁଖକୁ ସବୁକିଛି କାହିଁକି ଭାବିଦେଉଛନ୍ତି। ଯଦି ଶରୀର କ୍ଷଣସ୍ଥାୟୀ ନୁହେଁ। ଯଦି ଶରୀରର ସୁଖ ମଧ କ୍ଷଣସ୍ଥାୟୀ ନୁହେଁ ତାହାଲେ କାହିଁକି ଏମାନେ ସଚ୍ଚା ପ୍ରେମକୁ ଭୁଲି ମିଥ୍ୟା ପ୍ରେମର ନାଟକ କରି ଅନ୍ୟର ଜୀବନ ବର୍ବାଦ କରୁଛନ୍ତି। ରାତି ପାହିଲେ ମଧ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହୁଏ। ଯେଉଁ ଚର୍ଚ୍ଚା ଗୁଡିକ ମଧରେ ଲଭ, ସେକ୍ସ, ଧୋକାର କୁପରିଣାମ ଦେଖିବାକୁ ମିଳେ। ଯଦି କିଛି ଯୁବପିଢ଼ି ପ୍ରେମ କରୁଛନ୍ତି ବହୁତ ଭଲ କଥା କାରଣ ପ୍ରେମ ମାନସିକ ଅଶାନ୍ତିରୁ ମୁକ୍ତି ଦିଏ। ପ୍ରେମ ପାଇଁ ଅନେକ ଯୁବକ ଯୁବତୀ ସଫଳ ମଧ ହୋଇଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ ମଧ ଆମେମାନେ ଦେଖିବାକୁ ପାଇଛେ। କିଏ ନିଜ ପ୍ରେମକୁ ପାଇବାପାଇଁ ସଫଳତାର ଶୀର୍ଷରେ ପଂହଁଚି ଯାଇଛି ତ ଆଉ କିଏ ନିଜ ପ୍ରେମ ପାଇଁ ନିଜ ପରିବାର ଠାରୁ ଦୂରେଇ ଯାଇଛି କିନ୍ତୁ ଆଜିକାଲି ପ୍ରେମର ଭିନ୍ନ ରୂପ ବଦଳି ଯାଇଛି। ପ୍ରେମ ତ ହେଉଛି ହେଲେ ମନକୁ ନୁହେଁ। ମନତ ଖୋଜୁଛି ମନର ମଣିଷ ଆଉ ସେହି ମନର ମଣିଷ ଖୋଜିଥାଏ ଆଉ କିଛି ଜିନିଷ। କଥାରେ ଅଛି ଧରା ଦେଲେ କଥା ସରେ ଏକଥା ଏଥିପାଇଁ କୁହାଗଲା। ମଣିଷ ଯେପର୍ଯ୍ୟନ୍ତ ନିସ୍ୱାର୍ଥପର ଭଲପାଇବ ସେପର୍ଯ୍ୟନ୍ତ ଠିକ ଅଛି କିନ୍ତୁ ସେ ଯେତେବେଳେ ବିବାହ ପୂର୍ବରୁ ଆଉ କିଛି ଚାହିଁବ ଜାଣିବ ଏ ପ୍ରେମ କେତେବେଳେ ନା କେଉଁଠି ମରିବ। ହେଲେ ଆଜିର କିଛି ଯୁବତୀ ଏକଥା ବୁଝନ୍ତି ନାହିଁ ମିଛ ପ୍ରେମକୁ ସତ ଭାବି ନିଜ ଇଜ୍ଜତ ତ ଦେଇଦିଅନ୍ତି କିନ୍ତୁ ପରେ ନିର୍ଯ୍ୟାତନାର ଶିକାର ହୋଇଥାଆନ୍ତି। କିଏ କାହା ବାରଣ୍ଡା ଆଗରେ ବସେ ତ ପୁଣି କିଏ କାହା ହୃଦୟ ଭିତରେ ଟିକେ ସ୍ଥାନ ଖୋଜେ। ତେବେ ଆପଣ ଭାବନ୍ତୁ ଏମିତି କଣ ପ୍ରେମ ହୁଏକି। ଠିକ ସେମିତି ପୁଅଙ୍କ କ୍ଷେତ୍ରରେ ମଧ ଦେଖିବାକୁ ମିଳିଥାଏ ଯେଉଁ ଝିଅକୁ ସେମାନେ ସବୁକିଛି ଭାବିଦିଅନ୍ତି ଆଉ ସେହି ଝିଅ ଏମାନଙ୍କୁ ସେତେବେଳେ ଛାଡି ଦିଅନ୍ତି ଯେତେବେଳେ ଏମାନଙ୍କ ପାଖରେ ପଇସା ସରିଯାଏ। ତେବେ ଏଠି ଆମେ କାହାକୁ ଦାୟୀ କରିବା କିଏ ଆଜିର ସମାଜରେ ପ୍ରକୃତ ପ୍ରେମର ହତ୍ୟାକାରୀ। ଏଠି ଜଣେ ପ୍ରକୃତ ପ୍ରେମ କଲେ ଆଉ ଜଣେ ଛଳନା କରେ। କିଏ ଟଙ୍କା ପାଇଁ ଛଳନା କରେ ତ ଆଉ କିଏ ଶାରୀରିକ ସୁଖ ପାଇଁ ଛଳନା କରେ ତ ପୁଣି କିଏ କେଉଁ କାରଣକୁ ନେଇ ଛଳନା କରେ। ଏହି ପ୍ରେମର ସେତେବେଳେ ହତ୍ୟା ହୋଇଥାଏ ଯେତେବେଳେ ମଣିଷର ସ୍ୱାର୍ଥ ପୂରଣ ହୋଇଥାଏ। ଯଦିଓ ପ୍ରେମ ମରେନି କିନ୍ତୁ ଏଠି ପ୍ରେମକୁ ମାରିଦିଆଯାଉଛି। ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଥିବା ମଣିଷକୁ ଏଠି ଆଉ ଜଣେ ମଣିଷ ଜାଳି ଦେଉଛି। ପ୍ରେମର ମୂଲ୍ୟ ଖୁବ କମ ଜଣ ବୁଝନ୍ତି ଯେଉଁମାନେ ଶରୀର ଅପେକ୍ଷା ମନକୁ ଭଲ ପାଆନ୍ତି। ଶରୀରକୁ ଭଲପାଉଥିବା ମଣିଷ ହୁଏତ ଶାରୀରିକ ସୁଖ ପାଇଯିବ କିନ୍ତୁ ଭବିଷ୍ୟତରେ ଶାନ୍ତି ପାଇପାରିବନି।

ଠିକ ସେମିତି ଏକ କଲେଜରେ ଦୁଇଜଣ ପ୍ରେମିଯୁଗଳ ଥାଆନ୍ତି। କ୍ଲାସ ନକରି ବାହାରେ ବୁଲନ୍ତି। ସାଙ୍ଗସାଥିଙ୍କ ମେଳରେ ନିଜ ପ୍ରେମକୁ ନେଇ ଗର୍ବ ଅନୁଭବ କରନ୍ତି। ସେମାନଙ୍କ ପ୍ରେମ ବୋଧହୁଏ ଅଳ୍ପ ଦିନ ପାଇଁ ଥିଲା କିନ୍ତୁ ସେମାନଙ୍କ ପ୍ରେମକୁ ଦେଖିଲେ ଭାରି ଖୁସି ଲାଗୁଥିଲା। ହେଲେ ଆପଣ ଶୁଣିଥିବେ କାରଣ ଦେଖି ବାରଣ ହୋଇ ରହିବା ଉଚିତ। ସେମାନଙ୍କର କିଛି କାରଣ ନଥିଲା ସେମାନେ ମଧ କେହି କାହାଠାରୁ ବାରଣ ହୋଇକି ନଥିଲେ। ଦୁଇ ପରିବାର ଭିତରେ କଥା ପକେଇ ବିବାହ କରିବାକୁ ଚାହିଁଥିଲେ। ପୁଅ ରାଜି ଥିଲା ଝିଅ ମଧ ରାଜିଥିଲା ଆଉ ଯେତେବେଳେ ସେମାନଙ୍କ ପଢା ସରିଗଲା ସେତେବେଳେ ପ୍ରେମ କରିବାର ଅସଲ କାରଣ ଜଣା ପଡିଗଲା। କଲେଜ ଆସିଲେ ଗାଡି ମୋଟରକୁ ଜଗିବାକୁ ପଡିବ କିନ୍ତୁ ପ୍ରେମିକ ଥିଲେ ନେବା ଆଣିବା କରିବ। ଯେପର୍ଯ୍ୟନ୍ତ କଲେଜ ଚାଲିବ ସେ ପର୍ଯ୍ୟନ୍ତ ପ୍ରେମ ପଢିବ ଆଉ ଯେତେବେଳେ କଲେଜ ସରିବ ସେ ପ୍ରେମ ସେଇଠୁ ପୂର୍ଣ୍ଣଚ୍ଛେଦ ପଡିବ। ଆଉ ସେୟା ହିଁ ହେଲା ପୁଅଟିଏ ସେହି ଝିଅକୁ ଯେହେତୁ ବହୁତ ଭଲପାଉଥିଲା ତା ସହ କଥା ହେବାକୁ ଅନେକ ଚେଷ୍ଟା କରିଥିଲା ହେଲେ ଝିଅଟିଏ ତାକୁ କୁକୁର ମାଙ୍କଡ଼ଙ୍କ ଠାରୁ ହୀନ ଦୃଷ୍ଟିରେ ଦେଖେ। ବାଧିଲାଭଳିଆ କଥା କୁହେ କିନ୍ତୁ ତଥାପି ସେ ପୁଅ ସେହି ଝିଅଟିକୁ ଚାହୁଁଥାଏ। ଶେଷରେ ଝିଅଟିଏ କହିଦେଲା କାହିଁକି କୁକୁର ପରି ମୋ ପଛରେ ପଡ଼ିଛୁ ଆବେ ତୋ ଔକାତ କଣ ତୁ ମୋତେ ପ୍ରେମ କରିବୁ। ଆମର କୋଠା ଘର ତୋର ଆଜବେଷ୍ଟ ଘର ମୁଁ ତୋ ଘରେ ଚଳି ପାରିବୁନି ମୁଁ ମୋ ଷ୍ଟାଣ୍ଡାର୍ଡର ପିଲାକୁ ବାହା ହେବି। ତାପରେ ପୁଅଟି ବହୁତ କାନ୍ଦିଲା ତାକୁ କହିଲା ଆମେ ପାଠ ପଢ଼ିଛେ। ଭଲପାଇଛେ ଆଜି ହୁଏତ ଚାକିରୀ କରିନି କିନ୍ତୁ କାଲିକୁ ଯଦି କୌଣସି ଚାକିରୀ କରିବି ତୁ ବହୁତ ଖୁସିରେ ରହିବୁ। ହେଲେ ଝିଅଟିଏ ନିଜ ଆବଶ୍ୟକତା ପାଇଁ ପ୍ରେମ କରୁଥିଲା ଆବଶ୍ୟକତା ସରିଗଲା ନିଜ ପ୍ରେମକୁ ଆଡେଇ ଦେଲା। ପୁଅଟିଏ କାନ୍ଦିଲା ତାକୁ ତା ସାଙ୍ଗସାଥି ବୁଝାଇଲେ କହିଲେ ଏମିତି କାହିଁକି କାନ୍ଦୁଛୁ ପୁଅଟିଏ କହିଲା ମୁଁ ତାକୁ ଚାହିଁଥିଲି ଆଉ ସେ ମୋତେ ଚାହିଁଥିଲା ହେଲେ ହଠାତ କେମିତି ଏତେ ପରିବର୍ତ୍ତନ ହୋଇଗଲା। ସେତେବେଳେ ତ ମୋତେ ଆଉ କାହାର ହେବାକୁ ଦେଲନି କି ଏବେ ମୋତେ ତା ନିଜର କଲାନି। ସେଇଠୁ ତା ସାଙ୍ଗମାନେ କହିଲେ ଆଜିକାଲି ପ୍ରେମ ନିଜ ସୁବିଧା ଅନୁଯାୟୀ ହେଉଛି ଯେଉଁଠି ଯାହାର ସୁବିଧା ସରିଯାଉଛି ସେ ପ୍ରେମରେ ସେଇଠି ପୂର୍ଣ୍ଣଚ୍ଛେଦ ପଡିଯାଉଛି। ହେଲେ ତୁ ବ୍ୟସ୍ତ ହନି ସବୁ ଝିଅ ସମାନ ନୁହଁନ୍ତି କି ସବୁବେଳେ ଝିଅ ନିଜ ଷ୍ଟାଣ୍ଡାର୍ଡର ବର ଖୋଜନ୍ତିନି ତୋତେ ଭଲ ଝିଅ ମିଳିବେ ତୁ ଅପେକ୍ଷା କର ଆଉ କିଛି ଦିନ ପରେ ତା ଜୀବନକୁ ଗୋଟେ ଭଲ ଝିଅ ଆସିଲା ଯିଏ ବିନା ସ୍ୱାର୍ଥରେ ତାକୁ ଭଲ ପାଇଲା ଆଉ ତାକୁ ହିଁ ବିବାହ କରି ଖୁସିରେ ରହିଲା।

ଏକଥା ଏଠାରେ ଏଥିପାଇଁ କୁହାଗଲା ସମସ୍ତେ ସଚ୍ଚା ପ୍ରେମ କରନ୍ତିନି। ସଚ୍ଚା ପ୍ରେମ ଯାହାକୁ ଆମେ ପ୍ରକୃତ ପ୍ରେମ କହୁଛେ ସେ ପ୍ରେମ ବହୁତ କମ ଜଣଙ୍କୁ ମିଳେ ଆଉ ଯେଉଁମାନଙ୍କୁ ମିଳେ ସେମାନେ ବହୁତ ଭାଗ୍ୟବାନ ହୋଇଥାନ୍ତି। ଏଠି ଝିଅଟିଏ ଧୋକା ଖାଇଲେ କାନ୍ଦେ ପୁଅଟିଏ ମଧ ଧୋକା ଖାଇଲେ କାନ୍ଦେ। ଜଣେ ପ୍ରକୃତ ପ୍ରେମ କଲେ ଆଉ ଜଣେ ଛଳନା କରେ। ଆଉ କେବେକେବେ ପରିବାର ଖୁସି ପାଇଁ ପ୍ରକୃତ ପ୍ରେମର ହତ୍ୟା କରାଯାଏ। ଆଜିର ଦିନରେ ପ୍ରକୃତ ପ୍ରେମର ହତ୍ୟାକାରୀ ହେଉଛନ୍ତି ଏହି କିଛି ଯୁବପିଢ଼ି। ଯେଉଁମାନେ ମନ ବଦଳରେ ଧନ। ଆଉ ଧନ ବଦଳରେ ବନ ଖୋଜିଥାଆନ୍ତି ଅର୍ଥାତ ଆଜିକାଲି ପ୍ରାୟ ଧନ ଦେଖି ଭଲ ପାଉଛନ୍ତି ଆଉ ବନ ଦେଖି ନିଜ ଇଜ୍ଜତ ହାରିଦେଉଛନ୍ତି। ତେଣୁ ଆଜିକାଲି ପ୍ରକୃତ ପ୍ରେମ ପାଇବା ଭାରି ମୁସ୍କିଲ। ଆଜିକାଲି ପ୍ରକୃତ ପ୍ରେମ ଟଙ୍କା, ସୁନା, ରୁପା, କୋଠା ଆଉ ଗାଡିରେ ଥିବା ଦେଖିବାକୁ ମିଳୁଛି। ତେଣୁ ଯଦି ଆପଣ ମଧ ପ୍ରେମ କରୁଛନ୍ତି ତେବେ ପ୍ରକୃତ ପ୍ରେମର ହତ୍ୟାକାରୀ ମାନଙ୍କୁ ଭଲ ପାଆନ୍ତୁନି କି ଧନ ଦେଖି ଫସି ଯାଆନ୍ତୁନି। ଧନରେ ମନ ନଥାଏ କିନ୍ତୁ ମନରେ ଅନେକଙ୍କ ପାଇଁ ପ୍ରେମ ରହିଥାଏ। ଯେଉଁ ପ୍ରେମରେ ସ୍ୱାର୍ଥ, ଅର୍ଥ, ଲୋଭ ରହିଲା ସେହି ପ୍ରେମକୁ ସେହିଠୁ ହିଁ ହତ୍ୟା କରାଗଲା।

**ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୯୬୬୧୫୮୬**

# କେବଳ ସ୍ୱାମୀଙ୍କ ପାଇଁ ଦିନଟିଏ



## ସନ୍ତୋଷ କୁମାର ଦାଶ

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି। ତା ମଧରୁ ସାବିତ୍ରୀ ଅମାବାସ୍ୟା ଅନ୍ୟତମ।ଏହି ପର୍ବ ଟି ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ କେବଳ ସ୍ୱାମୀ ମାନଙ୍କ ପାଇଁ ତାଙ୍କ ପତ୍ନୀ ମାନେ ପାଳନ କରିଥାନ୍ତି। ସଧବା ନାରୀ ମାନେ ନିଜ ସ୍ୱାମୀ ଙ୍କ ଦୀର୍ଘାୟୁ କାମନା କରି ଏହି ଓଷା/ବ୍ରତ କୁ ଭକ୍ତି ଓ ନିଷ୍ଠାର ସହିତ ପାଳନ କରିଥାନ୍ତି। ସଧବା ମହିଳା ମାନେ ପ୍ରାତଃ ରୁ ଶୁଦ୍ଧପୂତ ଭାବେ ସ୍ନାନ କରି ସାରି ନୂଆବସ୍ତ୍ର ପରିଧାନ କରି ଉପବାସ କରିଥାନ୍ତି। ବିଭିନ୍ନ ଫଳ ମୂଳ କୁ ଗ୍ରାମ ଦେବତୀ ଙ୍କ ପାଖରେ ଭୋଗ ଲାଗି କରି ସାରିବା ପରେ ଘର କୁ ଆସି ନିଜ ନିଜ ସ୍ୱାମୀ ମାନଙ୍କୁ ପ୍ରଣାମ କରିଥାନ୍ତି। ଦିନ ସାରା ଭୋଗ ଲାଗି ହୋଇଥିବା ଫଳ ମୂଳ ଆହାର ଗ୍ରହଣ କରି ଥାନ୍ତି। ମହିଳା ମାନେ ଯେଉଁ ନବ ବସ୍ତ୍ର ପରିଧାନ କରିଥାନ୍ତି ଓ ଦେବ ଦେବୀ ଙ୍କ ପାଖରେ ଯେଉଁ ଫଳ ମୂଳ ଭୋଗ ଲାଗି କରିଥାନ୍ତି ସେ ସବୁ ନିଜ ବାପା ଙ୍କ ଘରୁ ଆସିବା ପରମ୍ପରା ରହିଛି। ସ୍ୱାମୀ ମାନେ ମଧ ସେ ଦିନ ନିଜ ପତ୍ନୀ ମାନଙ୍କୁ ନୂଆ ଶାଢ଼ୀ ଉପହାର ପ୍ରଦାନ କରିଥାନ୍ତି। ଏହି ଓଷା/ ବ୍ରତ ଟି ପତି ଓ ପତ୍ନୀ ଙ୍କ ପ୍ରେମ ସମ୍ପର୍କ କୁ ମଜଭୁତ କରିଥାଏ। ସାବିତ୍ରୀ ବ୍ରତ ପାଳନ ସମ୍ପର୍କ ରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ସାବିତ୍ରୀ ବ୍ରତ ପୁସ୍ତିକାରେ ବର୍ଣ୍ଣିତ ହୋଇଛି ଯେ, ଅଶ୍ୱପତି ନାମକ ଜଣେ ରାଜା ଙ୍କ ର ସାବିତ୍ରୀ ନାମକ ଏକ କନ୍ୟା ଥିଲେ।Aସେ ଶାଲ୍ୱ ଦେଶ ରୁ ନିର୍ବାସିତ ଦୃଷ୍ଟିହୀନ ରାଜା ଦ୍ୟୁମତସେନ ଙ୍କ ପୁତ୍ର ସତ୍ୟବାନ ଙ୍କୁ ମନେ ମନେ ଭଲପାଇ ବିବାହ କରିବାକୁ ସ୍ଥିର କରିଥିଲେ। ଦେବର୍ଷି ନାରଦ ଙ୍କୁ ରାଜା ଅଶ୍ୱପତି ସାକ୍ଷାତ ସମୟ ରେ ଏ ସମ୍ପର୍କ ରେ ଜଣାଇବା ପରେ ଦେବର୍ଷି ନାରଦ ଯୋଗ ବଳରେ ଜାଣି ପାରିଥିଲେ ଯେ ବିବାହ ର ଏକ ବର୍ଷ ପରେ ସତ୍ୟବାନ ମୃତ୍ୟୁ ବରଣ କରିବେ। ସେ ଏ ବିଷୟ ରେ ରାଜା ଅଶ୍ୱପତି ଙ୍କୁ ଅବଗତ କରିଥିଲେ। ବିବାହ ର ଏକ ବର୍ଷ ପରେ ବିଧବା ହେବେ ଜାଣି ମଧ୍ଯ ସାବିତ୍ରୀ ସତ୍ୟବାନ ଙ୍କୁ ବିବାହ କରିବାକୁ ଜିଦ ଧରି ବିବାହ କରିଥିଲେ। ଏଇ ଜ୍ୟେଷ୍ଠ ମାସ ର ଅମାବାସ୍ୟା ଦିନ ସାବିତ୍ରୀ ସତ୍ୟବାନ ଙ୍କ ବିବାହ ର ଏକ ବର୍ଷ ପୂରଣ ହୋଇଥିଲା। ସେ ଦିନ ସାବିତ୍ରୀ ଉପବାସ ବ୍ରତ ପାଳନ କରି ସ୍ୱାମୀ ଙ୍କ ପାଖେ ପାଖେ ରହିଥିଲେ। ମୃତ୍ୟୁ ସମୟ ଉପନୀତ ହେବା ଜାଣି ସତ୍ୟବାନ ନିଜ ପତ୍ନୀ ସାବିତ୍ରୀ ଙ୍କ କୋଳରେ ଶୋଇ ପଡ଼ି ପ୍ରାଣ ତ୍ୟାଗ କଲେ। ସତ୍ୟବାନ ଙ୍କ ମୃତ୍ୟୁ ପରେ ଯମରାଜ ସେଠାରେ ପହଞ୍ଚିଥିଲେ ସତ୍ୟବାନ ଙ୍କ ଆତ୍ମା କୁ ନେଇ ଯିବା ପାଇଁ। ସାବିତ୍ରୀ ନିଜର ଉପବାସ ବ୍ରତ, ସତୀତ୍ୱ ଓ ପତି ଭକ୍ତି ର ପରାକାଷ୍ଠା ପ୍ରଦର୍ଶନ କରି ଦୃଢ଼ ଯୁକ୍ତି ଉପସ୍ଥାପନା କରି ଯମରାଜ ଙ୍କ ହୃଦୟ ଜିତି ପାରିଥିଲେ। ମୃତ୍ୟୁ ର ଦେବତା ଯମରାଜ ସାବିତ୍ରୀ ଙ୍କ ଭକ୍ତି, ନିଷ୍ଠା ଓ ପତି ଭକ୍ତି ରେ ସନ୍ତୁଷ୍ଟ ହୋଇ ସାବିତ୍ରୀ ଙ୍କୁ ଆଶ୍ରିବାଦ ପ୍ରଦାନ କରି ଥିଲେ। ଯମରାଜ ଙ୍କ ଆଶ୍ରିବାଦ ଫଳରେ ସତ୍ୟବାନ ପୁନଃ ଜୀବନ ପ୍ରାପ୍ତ ହୋଇଥିଲେ। ସାବିତ୍ରୀ ସେ ଦିନ ମହାସତୀ ର ଆଖ୍ୟା ପାଇବା ସହିତ ସତ ସନ୍ତାନ ର ଜନନୀ ହୋଇ ପାରିଥିଲେ। ତାଙ୍କ ଶଶୁର ରାଜା ଦ୍ୟୁମତସେନ ନିଜ ଦୃଷ୍ଟି ଶକ୍ତି ଓ ରାଜ୍ୟ ଫେରି ପାଇଥିଲେ। ଏ ସବୁ ସମ୍ଭବ ହୋଇଥିଲା ସାବିତ୍ରୀ ଙ୍କ କଠୋର ସାଧନା ଓ ସତୀତ୍ୱ ଯୋଗୁଁସେ ନିଜ ଭକ୍ତି, ନିଷ୍ଠା, ପତି ପ୍ରେମ ପାଇଁ ମୃତ୍ୟୁ ର ଦେବତା ଯମରାଜ ଙ୍କୁ ପ୍ରୀତ କରି ମୃତ୍ୟୁ କୁ ଜୟ କରି ପାରି ଥିଲେ। ଏହି କିମ୍ବଦନ୍ତୀ କୁ ଆଖି ଆଗରେ ରଖି ସଧବା ନାରୀମାନେ ନିଜ ନିଜ ସ୍ୱାମୀ ଙ୍କୁ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରି ଆସୁଛନ୍ତି। ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ସାବିତ୍ରୀ ବ୍ରତ ସ୍ୱତନ୍ତ୍ର ପର୍ବ ଭାବେ ପରିଗଣିତ ହୋଇ ଆସିଛି। ଆମ ଓଡ଼ିଆ ପରିବାର ରେ ଏହି ପର୍ବ କୁ ନେଇ ସୁନ୍ଦର ନିୟମ ରହିଛି। ବିବାହ ପରେ ଝିଅ ଟିଏ ବୋହୁ ହୋଇଥାଏ। ନବବଧୂ ପାଇଁ ପ୍ରଥମ ସାବିତ୍ରୀ ଓଷା/ବ୍ରତ ସ୍ୱତନ୍ତ୍ର ହୋଇଥାଏ। ନବବଧୂ ଟି ଯଦି ଏହି ସମୟରେ ବାପ ଘରେ ଥାଏ ତେବେ ଶାଶୁ ଘରୁ ତାଙ୍କ ପାଇଁ ନବବସ୍ତ୍ର, ଫଳ ମୂଳ, ସିନ୍ଦୂର, ହଳଦୀ ଓ ଶଙ୍ଖା ଭାର ଆକାର ରେ ପଠା ଯାଇଥାଏ। ଆଉ ଯଦି ନବବଧୂ ଟି ଶାଶୁ ଘରେ ଥାଏ ତେବେ ବାପ ଘର ପକ୍ଷରୁ ନିଜ ଝିଅ ପାଇଁ ଏହି ସବୁ ସାମଗ୍ରୀ ଶାଶୁ ଘରକୁ ପଠା ଯାଇଥାଏ। ଏହା ଦ୍ୱାରା ପିତୃ ଘର ଓ ଶାଶୁ ଘର ମଧରେ ସୁସମ୍ପର୍କ, ନିବିଡ଼ ସମ୍ପର୍କ ଗଢ଼ି ଉଠି ଥାଏ। ରାଜ୍ୟ ର ବିଭିନ୍ନ ମନ୍ଦିରରେ ପାଶ୍ୱ ଦେବତା ଭାବେ ସାବିତ୍ରୀ ସତ୍ୟବାନ ଙ୍କ ମୂର୍ତ୍ତୀ ପୂଜା ପାଉଥିବା ଦେଖିବାକୁ ମିଳେ। ସାବିତ୍ରୀ ଅମାବାସ୍ୟା ଦିନ ବ୍ରତଧାରୀ ମହିଳା ମାନେ ମନ୍ଦିର ମାନଙ୍କ ରେ ପହଞ୍ଚି ଏହି ମୂର୍ତ୍ତୀଙ୍କୁ ପୂଜା କରି ନିଜ ନିଜ ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରିଥାନ୍ତି। ଆଉ କିଛି ସ୍ଥାନ ରେ ଦେବ ଦେବୀ ପୀଠ ମାନଙ୍କ ରେ ଶିଳପୁଆ ରେ ସିନ୍ଦୂର, ହଳଦୀ ଚନ୍ଦନ ଲାଗି କରି ସାବିତ୍ରୀ ଙ୍କ ପ୍ରତୀକ ଭାବେ ସ୍ଥାପନା କରି ସଧବା ମହିଳା ମାନେ ପୂଜା କରିଥାନ୍ତି। ସାବିତ୍ରୀ ବ୍ରତ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ଏକ ସ୍ୱତନ୍ତ୍ର ପର୍ବ ଭାବେ ପାଳିତ ହୋଇ ଆସୁଛି।



**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ରାଜସ୍ଥାନକୁ ୨୬, ୦୦୦ କୋଟି ଭେଟିଦେଲେ ମୋଦି





**ନୂଆଦିଲ୍ଲୀ, ୨୨।୫:** ରାଜସ୍ଥାନର ବିକାନେର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୨୬, ୦୦୦ କୋଟି ଟଙ୍କାର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ ଏବଂ ଦେଶକୁ ସମର୍ପଣ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ, ସେ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶାଳ ସମାବେଶକୁ ସ୍ୱାଗତ କରିଥିଲେ। ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଅନଲାଇନରେ ଯୋଗ ଦେଇଥିବା ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ସ୍ୱୀକାର କରିଥିଲେ। ସେ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ସମସ୍ତ ସମ୍ମାନିତ ବ୍ୟକ୍ତି ଏବଂ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୋଦି କହିଥିଲେ ଯେ, ସେ କରଣୀ ମାତାଙ୍କ ଆଶୀର୍ବାଦ ନେବା ପରେ ଏହି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ଏହି ଆଶୀର୍ବାଦ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଦେଶର ସଂକଳ୍ପକୁ ଆହୁରି ମଜଭୁତ କରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ପରିବର୍ତ୍ତନକାରୀ ପଦକ୍ଷେପ ପାଇଁ ସେ ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତରେ ଭିତ୍ତିଭୂମିର ପରିବର୍ତ୍ତନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଗତ ୧୧ ବର୍ଷ ମଧ୍ୟରେ ରାସ୍ତା, ବିମାନବନ୍ଦର, ରେଳପଥ ଏବଂ ରେଳ ଷ୍ଟେସନରେ ହୋଇଥିବା ଦ୍ରୁତ ଅଗ୍ରଗତି ବିଷୟରେ ଇଙ୍ଗିତ କରିଥିଲେ। ଭାରତର ରେଳ ନେଟୱାର୍କକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱାରୋପ କରି ମୋଦି ଦେଶର ନୂତନ ଗତି ଏବଂ ପ୍ରଗତିର ପ୍ରତୀକ ଭାବରେ ବନ୍ଦେ ଭାରତ, ଅମୃତ ଭାରତ ଏବଂ ନମୋ ଭାରତ ଟ୍ରେନ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ପ୍ରାୟ ୭୦ ଟି ରୁଟରେ ଏବେ ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି। ମୋଦି ମାଲ ପରିବହନକୁ ସୁଗମ କରିବା ପାଇଁ ସମର୍ପିତ ମାଲ ପରିବହନ କରିଡରର ଦ୍ରୁତ ବିକାଶ ଏବଂ ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏହି ପ୍ରୟାସଗୁଡ଼ିକ ସହିତ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ୧, ୩୦୦ ରୁ ଅଧିକ ରେଳ ଷ୍ଟେସନର ଆଧୁନିକୀକରଣ କରାଯାଉଛି। ଅମୃତ ଭାରତ ଷ୍ଟେସନ ନାମରେ ନାମିତ ୧୦୦ ରୁ ଅଧିକ ଏପରି ଷ୍ଟେସନ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। 'ଏକ ବିକଶିତ ଭାରତ ଗଠନ ପାଇଁ ସୁରକ୍ଷା ଏବଂ ସମୃଦ୍ଧି ଉଭୟ ଜରୁରୀ' ବୋଲି ମୋଦି ଗୁରୁତ୍ୱାରୋପ କରି କହିଥିଲେ ଯେ, ଦେଶର ପ୍ରତ୍ୟେକ କୋଣକୁ ସଶକ୍ତ କଲେ ହିଁ ଏହି ଦୃଷ୍ଟିକୋଣ ସାକାର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନର ରାଜ୍ୟପାଳ ହରିଭାଉ କିଷନରାଓ ବାଗଡ଼େ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।

● କାଶ୍ମୀରରେ ଗୁଳି ବିନିମୟ

# ୨ ଆତଙ୍କୀ ନିପାତ, ଜଣେ ଯବାନ ସହିଦ



**ନୂଆଦିଲ୍ଲୀ ୨୨।୫:** ଜମ୍ମୁ-କାଶ୍ମୀରର କିସ୍ତୱାଡାରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏହି ସମୟରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ଏଥିରେ ଜଣେ ଯବାନ ସହିଦ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, କିସ୍ତୱାରର ଚଟ୍ରୁ ଅଞ୍ଚଳର ସିଂହପୋରାରେ ସୁରକ୍ଷା ବାହିନୀ ଅନେକ ଆତଙ୍କବାଦୀଙ୍କୁ ଘେରି ରହିଛନ୍ତି। ସେନା ଏବଂ ସୁରକ୍ଷା ବାହିନୀର ମିଳିତ ଅପରେସନ ଏବେ ବି ଜାରି ରହିଛି। ଘଟଣାସ୍ଥଳରେ ଗୁଳି ବିନିମୟ ମଧ୍ୟ ହୋଇଥିଲା। ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି ଏବଂ ବିପଦକୁ ନିରପେକ୍ଷ କରିବା ପାଇଁ ପ୍ରୟାସ କରାଯାଉଛି। ହାଇଆଲର୍ଟ ଅପରେସନରେ ଆତଙ୍କବାଦୀଙ୍କ ମୁକାବିଲା ପାଇଁ ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିବା ଖବର ରହିଛି। ଜମ୍ମୁ ଏବଂ କାଶ୍ମୀର ପୁଲିସ ମଇ ୨୦ ତାରିଖରେ ପାକିସ୍ତାନରେ କାର୍ଯ୍ୟରତ ଚାରି ଜଣ ଆତଙ୍କବାଦୀଙ୍କ ସମ୍ପତ୍ତି ଜବତ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଉତ୍ତର କାଶ୍ମୀରର ବାରାମୁଲ୍ଲା ଜିଲ୍ଲାର ସୋପୋର ଏବଂ ଦକ୍ଷିଣ କାଶ୍ମୀରର ପୁଲୱାମା ଜିଲ୍ଲାର ଅବନ୍ତିପୋରା ଅଞ୍ଚଳରେ କରାଯାଇଥିଲା। ଜଣେ ପୁଲିସ ମୁଖପାତ୍ର କହିଛନ୍ତି ଯେ ସୋପୋର ଅଞ୍ଚଳରେ ତିନୋଟି ଏବଂ ଅବନ୍ତିପୋରାରେ ଗୋଟିଏ ସମ୍ପତ୍ତି ଜବତ କରାଯାଇଛି। ସୋପୋରରେ ଯେଉଁ ଆତଙ୍କବାଦୀଙ୍କ ସମ୍ପତ୍ତି ଜବତ କରାଯାଇଛି ସେମାନଙ୍କ ମଧ୍ୟରେ ଅଛନ୍ତି ଅର୍ଶିଦ ଅହମ୍ମଦ ଟେଲି , ଫିରଦୌସ ଅହମ୍ମଦ ଦାର ଓରଫ ଉମର ଦାର ଏବଂ ନାଜିର ଅହମ୍ମଦ ଦାର ଓରଫ ଶବିର ଇଲାହି।

## ତୁର୍କୀକୁ କହିଲା ଭାରତ

# ଆତଙ୍କବାଦ ବନ୍ଦ ପାଇଁ ପାକିସ୍ତାନକୁ ବୁଝାଅ

**ନୂଆଦିଲ୍ଲୀ, ୨୨।୫:** ପାକିସ୍ତାନକୁ ସମର୍ଥନ କରିଥିବାରୁ ତୁର୍କୀ ପ୍ରତି ଭାରତରେ ଅସନ୍ତୋଷ ତେଜିଛି। ବେସରକାରୀ ସ୍ତରରେ ତୁର୍କୀ ସହିତ ବାଣିଜ୍ୟିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ବେଳେ ପ୍ରଥମ ଥର ସରକାର ଏନେଇ ବୟାନ ଦେଇଛନ୍ତି। ସୀମା ପାର ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ କରିବାକୁ ତୁର୍କୀ ଏହାର ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ଭାରତ ଅନୁରୋଧ କରିଛି। କେବଳ ସେତିକି ନୁହେଁ ଦଶନ୍ଧୀ ଧରି ପୋଷଣ କରିଆସୁଥିବା ଆତଙ୍କୀ ଇକୋସିଷ୍ଟମ ବିରୁଦ୍ଧରେ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତୁର୍କୀ ତାର ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ଭାରତ କହିଛି। ଏନେଇ ଗୁରୁବାର ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈୟସ୍ୱଲ କହିଛନ୍ତି 'ଆମେ ଆଶା କରୁଛୁ ଯେ ତୁର୍କୀ ପାକିସ୍ତାନକୁ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ କରିବାକୁ ଏବଂ ଦଶନ୍ଧି ଧରି ପୋଷଣ କରିଆସୁଥିବା ଆତଙ୍କୀ ଇକୋସିଷ୍ଟମ ବିରୁଦ୍ଧରେ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଭାବରେ ଅନୁରୋଧ କରିବ। ପହଲଗାମ ଆକ୍ରମଣ ପରେ ପାକିସ୍ତାନକୁ ସମର୍ଥନ କରିବା ନେଇ ତୁର୍କୀ ବିରୁଦ୍ଧରେ ଦେଖାଯାଇଥିବା କ୍ରୋଧ ବିଷୟରେ ଉଲ୍ଲେଖ କରି ଜୟସୱାଲ କହିଛନ୍ତି ଯେ ଉଭୟ ରାଷ୍ଟ୍ର ପରସ୍ପର ସମ୍ପର୍କିତ ପ୍ରସଙ୍ଗରେ ସମ୍ବେଦନଶୀଳ ଆଭିମୁଖ୍ୟ ରଖିବା ଉଚିତ। ପରସ୍ପରର ଚିନ୍ତା ପ୍ରତି ସମ୍ବେଦନଶୀଳତା ଆଧାରରେ ହିଁ ସମ୍ପର୍କ ଗଢ଼ି ଉଠିଥାଏ ବୋଲି ଜୟସ୍ୱାଲ କହି ପରୋକ୍ଷରେ ତୁର୍କୀକୁ ସୂଚାଇ ଦେଇଛନ୍ତି। ସେହିପରି ସେଲେବି ଏଭିଏସନ୍ ପ୍ରସଙ୍ଗରେ ଜୟସ୍ୱାଲ କହିଛନ୍ତି ଯେ ଏହି ପ୍ରସଙ୍ଗ ଉପରେ ନୂଆଦିଲ୍ଲୀରେ ତୁର୍କୀ ଦୂତାବାସ ସହିତ ଆଲୋଚନା କରାଯାଇଛି। କିନ୍ତୁ ଏହି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ବ୍ୟୁରୋ ଅଫ୍ ସିଭିଲ ଏଭିଏସନ୍ ସିକ୍ୟୁରିଟି ଦ୍ୱାରା ନିଆଯାଇଛି ବୋଲି ସେ କହିଛନ୍ତି। ଗତ ସପ୍ତାହରେ, ଭାରତୀୟ ବିମାନବନ୍ଦରରେ ଯାତ୍ରୀ ଏବଂ କାର୍ଗୋ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସେବା ଯୋଗାଇବାରେ ଜଡିତ ଏକ ତୁର୍କୀ କମ୍ପାନୀ ସେଲେବି ଆଭିଏସନ୍‌ର ସୁରକ୍ଷା କ୍ଲିୟରାନ୍ସକୁ ପ୍ରତ୍ୟାହାର କରି ନିଆଯାଇଥିଲା। ମେ ୧୫ ତାରିଖରେ ଜାରି ହୋଇଥିବା ଏକ ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା। କେବଳ ସେତିକି ନୁହେଁ, ପାକିସ୍ତାନକୁ ସମର୍ଥନ କରିବାରୁ ଆଇଆଇଟି ବମ୍ବେ ଏବଂ ଆଇଆଇଟି ରୁରକି ସମେତ ଅନେକ ଭାରତୀୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ତୁର୍କୀର ବିଶ୍ୱବିଦ୍ୟାଳୟ ସହିତ ସେମାନଙ୍କର ସମ୍ପର୍କ ସ୍ଥଗିତ କରି ଦେଇଛନ୍ତି। ବାଣିଜ୍ୟ ସଂଗଠନ ମଧ୍ୟ ତୁର୍କୀକୁ ବୟକଟ କରିଛି।



# ଦେଶବ୍ୟାପୀ ସଚେତନତା ବନ୍ଦ ହେବ ପ୍ଲାଷ୍ଟିକ୍ ପ୍ରଦୂଷଣ

**ନୂଆଦିଲ୍ଲୀ,୨୨।୫:** ବିଶ୍ୱ ପରିବେଶ ଦିବସ ଅବ୍ୟବହିତ ପୂର୍ବରୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ଲାଷ୍ଟିକ ପ୍ରଦୂଷଣ ବିରୋଧରେ ଏକ ଦେଶବ୍ୟାପୀ ଗଣସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅଭିଯାନର ନାଁ ରଖାଯାଇଛି 'ଗୋଟିଏ ଦେଶ, ଗୋଟିଏ ମିଶନ: ବନ୍ଦ ହେବ ପ୍ଲାଷ୍ଟିକ୍ ପ୍ରଦୂଷଣ'। ମିଶନ ଲାଇଫ ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଦର୍ଶିତ ପ୍ଲାଷ୍ଟିକର ପରିବେଶ ଅନୁକୂଳ ବିକଳ୍ପ ସଂପର୍କରେ ଲୋକମାନଙ୍କୁ ଏହି ଅଭିଯାନ ସଚେତନ କରିବ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ 'ଏକ୍ସ'ରେ ଲେଖିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଆସନ୍ତୁ ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରି ଏକ ପରିବେଶ ଅନୁକୂଳ ସ୍ଥାୟୀ ଜୀବନଯାପନ ଲାଗି ଆମ ସଚେତନତାକୁ କାର୍ଯ୍ୟରେ ପରିଣତ କରିବା।

# ସତ୍ୟପାଲ ମଲ୍ଲିକଙ୍କ ନାଁରେ ସିବିଆଇର ଚାର୍ଜସିଟ

● ୨୨ଶହ କୋଟି ଜଳବିଦ୍ୟୁତ ଦୁର୍ନୀତିରେ ଜଡ଼ିତ



**ନୂଆଦିଲ୍ଲୀ, ୨୨।୫ :** ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ନାଁରେ ମାମଲା ରୁଜୁ। ତାଙ୍କ ବିରୋଧରେ ସିବିଆଇ ଦୁର୍ନୀତି ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରିଛି। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ସଚିବ ଓ ଅନ୍ୟ ୪ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଛି। ଏଜେନ୍ସି ଅନୁସାରେ ଏହି ମାମଲା କିରୁ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ମାମଲାରେ ଦୁର୍ନୀତି ସହ ଜଡ଼ିତ, ସେତେବେଳେ ସତ୍ୟପାଳ ମଲ୍ଲିକ ଜମ୍ମୁ-କାଶ୍ମୀରର ରାଜ୍ୟପାଳ ଥିଲେ। ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲ୍ଲିକଙ୍କ ବିରୋଧରେ ସିବିଆଇ ଦୁର୍ନୀତି ମାମଲାରେ ଚାର୍ଜସିଟ୍ ଦାଖଲ କରିଛି । ସୂଚନା ଆଧାରରେ , ୨୦୨୨ ଏପ୍ରିଲରେ ସିବିଆଇ ଏହି ମାମଲାର ଯାଞ୍ଚ ଆରମ୍ଭ କରିଥିଲା। ସତ୍ୟାପାଲ ମଲ୍ଲିକ ହିଁ ଅନେକ ଇଣ୍ଟରଭ୍ୟୁ ଓ କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ ଯେ, ଏହି ପ୍ରୋଜେକ୍ଟରେ ଦୁର୍ନୀତି ହୋଇଥିଲା। ତାଙ୍କ କହିବାନୁସାରେ ଯେବେ ସେ ରାଜ୍ୟପାଳ ଥିଲେ, ଏହି ପ୍ରୋଜେକ୍ଟର ଅନୁମୋଦନ ପାଇଁ ତାଙ୍କୁ ଲାଞ୍ଚ ଅଫର କରାଯାଇ ଥିଲା। କେବଳ ଏତିକି ନୁହେଁ ସେ କହିଥିଲେ - ତାଙ୍କ ସଚିବ କହିଥିଲେ କି, ଏହି ସବୁ ଡିଲ୍‌ରେ ଆଉ ଏକ ମାମଲା ଅଛି , ଯଦି ସେ ମଞ୍ଜୁରୀ ଦିଅନ୍ତି ତ ପ୍ରତି ଫାଇଲରେ ୧୫୦ କୋଟି ଟଙ୍କା ମିଳି ପାରେ। ଦୁଇଟି ଫାଇଲ ଥିବାରୁ ୩୦୦ କୋଟି ଟଙ୍କାର ଅଫର ଥିଲା। ଏହି ଆଧାରରେ ସିବିଆଇ ୨୦୨୨ ଏପ୍ରିଲ ୨୦ରେ ମାମଲା ରୁଜୁ କରିଥିଲା। କେନ୍ଦ୍ରୀୟ ଏଜେନ୍ସି ଚେନାବ ଭ୍ୟାଲି ପାୱାର ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡର ତତ୍କାଳୀନ ଅଧ୍ୟକ୍ଷ ନବୀନ କୁମାର ଚୌଧୁରୀ ଏବଂ ନିର୍ମାଣ ସଂସ୍ଥା ପଟେଲ ଇଞ୍ଜିନିୟରିଂ ଲିମିଟେଡ୍ ସମେତ ଏମ ଏସ ବାବୁ, ଏମ କେ ମିତ୍ତଲ ଏବଂ ଅରୁଣ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି।

ମାଓବାଦୀ ବିରୋଧୀ ଅଭିଯାନ

# ଜଣେ ଯବାନ ସହିଦ, ଜଣେ ମାଓବାଦୀ ମୃତ

**ରାୟପୁର, ୨୨।୫:** ଛତିଶଗଡ଼ ନାରାୟଣପୁର ବିଜାପୁର ଜଙ୍ଗଲରେ ଜାରି ରହିଛି ସୁରକ୍ଷାକର୍ମୀଙ୍କ ମାଓବାଦୀ ବିରୋଧୀ ଅଭିଯାନ। ଏହି ସମୟରେ ଉଭୟଙ୍କ ଭିତରେ ଗୁଳି ବିନିମୟରେ ଆଉ ଜଣେ ଯବାନ ସହିଦ ହୋଇଛନ୍ତି। ଆହତ ଅବସ୍ଥାରେ ନାରାୟଣପୁର ମୁଖ୍ୟ ଚିକିତ୍ସାଳୟରେ ଯବାନଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସହିଦ ଯବାନ ହେଲେ ଖୋଟଲୁ ରାମ କୋରାମ। ସେ ସିଆରପିଏଫର ଜଣେ କୋବ୍ରା କମାଣ୍ଡୋ। ସେହିପରି ଜଣେ ମାଓବାଦୀ ବି ଗୁଳିରେ ଟଳିଛି। ଜିଲ୍ଲାର ଉସୁର ପୁଲିସ ଷ୍ଟେସନ ଅନ୍ତର୍ଗତ ଟୁମରେଲ ଅଞ୍ଚଳରେ ସିଆରପିଏଫର କୋବ୍ରା ୟୁନିଟର ୨୧୦ତମ ବାଟାଲିୟନ ଏବଂ ଛତିଶଗଡ଼ ପୁଲିସ ଡିଆରଜି ଏବଂ ଏସଟିଏଫ ସୈନ୍ୟଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଥିବା ଅଧିକାରୀମାନେ କହିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ଶେଷ କରିବା ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ସୁରକ୍ଷା ବାହିନୀ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକରେ ନିରନ୍ତର ଅପରେସନ୍ କରୁଛନ୍ତି। ଛତିଶଗଡ଼ର ବସ୍ତର ଅଞ୍ଚଳ ସେମାନଙ୍କର ମୁଖ୍ୟ କାର୍ଯ୍ୟକ୍ଷେତ୍ର ଭାବରେ ରହିଛି। ବୁଧବାର ଛତିଶଗଡ଼ ଅବୁଝମାଡ ଜଙ୍ଗଲରେ ଏନକାଉଣ୍ଟରରେ ମାଓନେତା ବାସବରାଜୁଙ୍କ ସମେତ ୨୭ ମାଓବାଦୀଙ୍କୁ ନିପାତ କରିଛି ସେନା । ଏହାପରେ ଏକ ଦଶନ୍ଧି ଭିତରେ ପ୍ରଥମ ଥର ପାଇଁ ମୁଖିଆ ବିହୀନ ହୋଇଯାଇଛି ମାଓ ସଙ୍ଗଠନ । ୭୦ ବର୍ଷୀୟ ବାସବରାଜୁ ମାଓବାଦୀଙ୍କ ଟପ୍ ନେତା ଥିଲେ । ଅନ୍ୟ ଦୁଇ ବରିଷ୍ଠ ନେତା ମାଲୋଜୁଲ୍ଲା ବେଣୁଗୋପାଳ ଓରଫ୍ ସୋନୁ ଏବଂ ଥିପିରି ତିରୁପତି ଓରଫ୍ ଦେବଜୀଙ୍କର ମୃତ୍ୟୁ ହୋଇଛି । ଜଣେ ଯବାନ ସହିଦ ହୋଇଥିବା ବେଳେ ଜଣେ ଆହତ ହୋଇଥିଲେ । ବିଜାପୁର, ନାରାୟଣପୁର, ଦାନ୍ତେୱାଡା, କୋଣ୍ଡାଗାଓଁ ଡିଆରଜି ଯବାନଙ୍କ ପକ୍ଷରୁ ଅପରେସନ ଜାରି ରହିଛି।

# ଦିବ୍ୟାଙ୍ଗଙ୍କ ପାଇଁ କେନ୍ଦ୍ର ଆବାସିକ ଯୋଜନାରେ ୪% ସଂରକ୍ଷଣ

**ନୂଆଦିଲ୍ଲୀ, ୨୨।୫:** ପ୍ରଧାନମନ୍ତ୍ରୀଙ୍କ ସବକା ସାଥ, ସବକା ବିକାଶ ଦୃଷ୍ଟିକୋଣରୁ ପ୍ରେରଣା ନେଇ ଏବଂ ସୁଗମ୍ୟ ଭାରତ ଅଭିଯାନ ଅଧୀନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ପ୍ରତି ଥିବା ପ୍ରତିବଦ୍ଧତା ଅନୁସାରେ କେନ୍ଦ୍ର ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ସମାବେଶୀ ବିକାଶ ଦିଗରେ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପ ଅନୁସାରେ କେନ୍ଦ୍ର ସରକାରଙ୍କ ଆବାସ ଆବଣ୍ଟନ ଯୋଜନାରେ ଏଣିକି ୪% ଗୃହ ଦିବ୍ୟାଙ୍ଗ ଆବେଦନକାରୀମାନଙ୍କ ପାଇଁ ସଂରକ୍ଷିତ ରହିବ। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସମାନତା, ମର୍ଯ୍ୟାଦା ପ୍ରଦାନ ତଥା ସାର୍ବଜନୀନ ସେବା ପହଞ୍ଚାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରହଣ କରାଯାଇଛି। ଏହା ପୂର୍ବରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର (ଆରପିଡବ୍ଲ୍ୟୁଡି) ଆଇନ, ୨୦୧୬ ସହିତ ସମନ୍ୱୟ ରଖି, ଇଷ୍ଟେଟ୍ ନିର୍ଦ୍ଦେଶାଳୟ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଆବାସିକ ଯୋଜନାରେ ନ୍ୟାୟପୂର୍ଣ୍ଣ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ଏକ ଅଫିସ ମେମୋରାଣ୍ଡମ ଜାରି କରିଛନ୍ତି। ଏହିସବୁ ପଦକ୍ଷେପ ପ୍ରତ୍ୟେକ ନାଗରିକଙ୍କ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ଏକ ସମାବେଶୀ ଏବଂ ସୁଗମ ଭାରତର ମୂଳଦୁଆକୁ ମଧ୍ୟ ସୁଦୃଢ଼ କରିବ।

ଅସ୍ତ୍ର ବିରତି ଉଲ୍ଲଂଘନ

# ସୀମାରେ ୫୦ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ



**ସାମ୍ବା,୨୨।୫:** ଜମ୍ମୁ-କାଶ୍ମୀର ସାମ୍ବା ଜିଲ୍ଲାରେ ପାକିସ୍ତାନୀ ରେଞ୍ଜର୍ସ ଆତଙ୍କବାଦୀଙ୍କ ଅନୁପ୍ରବେଶ ପାଇଁ ଅସ୍ତ୍ର ବିରତି ଉଲ୍ଲଂଘନ କରିଛନ୍ତି। ଏଥିରେ ପାକିସ୍ତାନ ପଟରୁ କାଶ୍ମୀରକୁ ୫୦ରୁ ଅଧିକ ଆତଙ୍କବାଦୀଙ୍କୁ ଅନୁପ୍ରବେଶ ଉଦ୍ୟମ କରାଯାଇଥିଲା। ତେବେ ସୀମା ସୁରକ୍ଷା ବଳ ବିଏସଏଫ ପାକିସ୍ତାନୀ ରେଞ୍ଜରଙ୍କ ଉଦ୍ୟମ ପଣ୍ଡ କରିଦେଇଥିବା ବେଳେ ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କୁ ଘଉଡାଇ ଦେଇଛନ୍ତି। ଏହି ସୂଚନା ବିଏସଏଫର ଜନୈକ ବରିଷ୍ଠ ଅଧିକାରୀ ଦେଇଛନ୍ତି।
ବିଏସଏଫ ଡିଆଇଜି ଏସ୍.ଏସ୍. ମଣ୍ଡଙ୍କ ଅନୁସାରେ ପାକିସ୍ତାନ ଅସ୍ତ୍ର ବିରତି ଉଲ୍ଲଂଘନ କରି ଆତଙ୍କବାଦୀଙ୍କୁ ଅନ୍ତର୍ଜାତୀୟ ସୀମା ପାର କରାଇବା ପାଇଁ ଭୀଷଣ ଗୁଳି ଓ ଗୋଳା ବିନିମୟ କରିଥିଲା। ବିଏସଏଫ ଯବାନମାନେ ଏହାର ଦୃଢ଼ ମୁକାବିଲା କରିଥିବା ବେଳେ ସୀମାରୁ ଆତଙ୍କବାଦୀଙ୍କ ସହ ପାକିସ୍ତାନୀ ରେଞ୍ଜର୍ସ ମଧ୍ୟ ସେମାନଙ୍କ ଚୌକି ଛାଡି ପଳାୟନ କରିଥିଲେ। ଡିଆଇଜି ମଣ୍ଡ କହିଛନ୍ତି ଯେ ଆତଙ୍କବାଦୀଙ୍କ ଏକ ବଡ଼ ଗୋଷ୍ଠୀ ଅନୁପ୍ରବେଶ କରିବେ ବୋଲି ଆମକୁ ପୂର୍ବରୁ ଗୁଇନ୍ଦା ସୂଚନା ମିଳିଥିଲା। ସେହି ଅନୁସାରେ ଆମେ ପ୍ରସ୍ତୁତ ଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କୁ ଖୋଜି ନେଇଥିଲୁ। ଘଟଣା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଡିଆଇଜି ମଣ୍ଡ କହିଛନ୍ତି ଯେ ଯେପରି ସୂଚନା ଥିଲା ସେହି ଅନୁସାରେ ସୀମା ସେପାଖରୁ ଭୀଷଣ ଗୁଳି ଓ ଗୋଳା ବର୍ଷା ହୋଇଥିଲା। ଏହାର ଜବାବରେ ଆମ ପକ୍ଷରୁ ସଠିକ ଓ ଭୀଷଣ ଆକ୍ରମଣ କରିଥିଲୁ। ଏଥିରେ ସେମାନଙ୍କୁ ଚୌକି ଛାଡି ପଳାୟନ କରୁଥିବାର ଦେଖାଯାଇଥିଲା। ପରିସ୍ଥିତି ଘଣ୍ଟେ ଦେଢ ଘଣ୍ଟା ମଧ୍ୟରେ ଆୟତ୍ତକୁ ଆସିଥିଲା। ବିଏସଏଫ ଅଧିକାରୀମାନେ ଅଗ୍ରୀମ ମୋର୍ଚ୍ଚାରେ ଥିଲେ। ଏଣୁ ଯବାନଙ୍କ ମନବଳ ଢେର ଅଧିକ ଥିଲା। ଏଥି ମଧ୍ୟରେ ବିଏସଏଫ ପଞ୍ଜାବ ସୀମାରେ ଥିବା ଅଟ୍ଟାରୀ-ବାଘା, ହୁସେନୀୱାଲା ଓ ସାଦକୀରେ ବିଟିଂ ରିଟ୍ରିଟ ଉତ୍ସବ ପୁଣି ଆରମ୍ଭ କରିଦେଇଛି। ପହଲଗାମ ଆତଙ୍କବାଦୀ ଗୁଳିକାଣ୍ଡ ଓ ଅପରେସନ ସିନ୍ଦୂର ଆରମ୍ଭ କାଳରେ ମେ ୯ ତାରିଖ ଦିନ ପତାକା ଆବତରଣର ଦୈନିକ ରୀତିନୀତିକୁ ସ୍ଥଗିତ କରିଦିଆଯାଇଥିଲା। ଏବେ ଏହା ପୁଣି ଥରେ ସାଧାରଣ ଜନତାଙ୍କ ନିମନ୍ତେ ଆରମ୍ଭ ହୋଇଛି।

**ମୋଦିଙ୍କୁ ରାହୁଲଙ୍କ ଟାର୍ଗେଟ**

# ଫାଙ୍କା ଭାଷଣ ଦେବା ବନ୍ଦ କର

**ନୂଆଦିଲ୍ଲୀ,୨୨।୫:** କଂଗ୍ରେସ ଯୁବରାଜ ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ଫାଙ୍କା ଭାଷଣ ଦେବା ବନ୍ଦ କରିବାକୁ କହିବା ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଛନ୍ତି। ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ରାହୁଲ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରଶ୍ନଗୁଡ଼ିକ ପଚାରି ଦେଶର ସମ୍ମାନ ସହ ବୁଝାମଣା କରିଥିବା ଅଭିଯୋଗ କରିଛନ୍ତି। ରାହୁଲ ତାଙ୍କ ପୋଷ୍ଟରେ ଲେଖିଛନ୍ତି: ପ୍ରଧାନମନ୍ତ୍ରୀ ଜୀ, ଫାଙ୍କା ଭାଷଣ ଦେବା ବନ୍ଦ କରନ୍ତୁ। କେବଳ ଏତିକି କୁହନ୍ତୁ: ଆତଙ୍କବାଦ ପ୍ରସଙ୍ଗରେ ଆପଣ ପାକିସ୍ତାନର କଥା ଉପରେ କାହିଁକି ଭରସା କଲେ ? ଟ୍ରମ୍ପଙ୍କ ଆଗରେ ନତମସ୍ତକ ହୋଇ ଆପଣ ଭାରତର ସ୍ୱାର୍ଥକୁ କାହିଁକି ବଳି ଦେଲେ ? ଆପଣଙ୍କର ରକ୍ତ କେବଳ କ୍ୟାମେରା ସାମ୍ନାରେ କାହିଁକି ଗରମ ହୁଏ ? ଆପଣ ଭାରତର ସମ୍ମାନ ସହ ବୁଝାମଣା କରିଛନ୍ତି! ଏହି ପୋଷ୍ଟ ପରେ କଂଗ୍ରେସ ସମର୍ଥକମାନେ ମଧ୍ୟ ଏହାକୁ ସୋସିଆଲ ମିଡିଆରେ ବହୁଳ ଭାବେ ସେୟାର କରିଛନ୍ତି। ଇଣ୍ଡିଆନ ୟୁଥ କଂଗ୍ରେସର ମିନି ହ୍ୟାଣ୍ଡଲ ଏବଂ ଅନ୍ୟ ସମର୍ଥକମାନେ ରାହୁଲଙ୍କ ଏହି ବୟାନକୁ ରିପୋଷ୍ଟ କରି ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚାପ ପକାଇଛନ୍ତି। ରାହୁଲଙ୍କ ଏହି ଆକ୍ରମଣ ରାଜନୈତିକ ବିତର୍କକୁ ତୀବ୍ର କରିଛି। ତାଙ୍କ ପ୍ରଶ୍ନଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦିଙ୍କ ବୈଦେଶିକ ନୀତି ଏବଂ ଆତଙ୍କବାଦ ପ୍ରସଙ୍ଗରେ ନେଇଥିବା ନିଷ୍ପତ୍ତିକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ବିଶେଷ କରି ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ ଭାରତର ସ୍ଥିତିକୁ ନେଇ ଏହି ଅଭିଯୋଗ ଉଠାଯାଇଛି।



# ଭାରତର ତୈଳ ଚାହିଦା ୪ ପ୍ରତିଶତ ବୃଦ୍ଧି ପାଇବ

**ନୂଆଦିଲ୍ଲୀ, ୨୨।୫:** ଏସଆଣ୍ଡପି ଗ୍ଲୋବାଲ କମୋଡିଟି ଇନସାଇଟ୍ସ ରିପୋର୍ଟ ଅନୁଯାୟୀ, ଆଗାମୀ ଦଶ ବର୍ଷ ମଧ୍ୟରେ ଭାରତର ତୈଳ ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ, ଯେଉଁଥିରେ ଘରୋଇ ଖର୍ଚ୍ଚ ୪ ପ୍ରତିଶତ ବାର୍ଷିକ ଯୌଗିକ ବୃଦ୍ଧି ହାର (ସିଏଜିଆର) ଅନୁଯାୟୀ ବୃଦ୍ଧି ପାଇବ। ୨୦୨୫ ପର୍ଯ୍ୟନ୍ତ ଭାରତର ଦୈନିକ ତୈଳ ଖର୍ଚ୍ଚ ୪.୮ ନିୟୁତ ବ୍ୟାରେଲ ପ୍ରତି ଦିନ (ଏମବିପିଡି) ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୪.୩ ପ୍ରତିଶତ ବୃଦ୍ଧି ଦର୍ଶାଉଛି ବୋଲି ପିଟିଆଇ ରିପୋର୍ଟ କରିଛି। ଚଳିତ ବର୍ଷ ପାଇଁ ଦେଶର ଅଶୋଧିତ ତୈଳ ଆବଶ୍ୟକତା ୫.୪ ଏମବିପିଡି ରହିଛି। ଏହି ଚାହିଦା ବୃଦ୍ଧି ସତ୍ତ୍ୱେ, ୨୦୨୫ରେ ବିଶ୍ୱ ତୈଳ ମୂଲ୍ୟ ହ୍ରାସ ପାଇଛି, ଯାହା ଦୁର୍ବଳ ଚାହିଦା ପରିସ୍ଥିତି ଏବଂ ଓପେକ+ ଓ ଅନ୍ୟ ଉତ୍ପାଦକଙ୍କଠାରୁ ଯୋଗାଣ ବୃଦ୍ଧି ଦ୍ୱାରା ପରିଚାଳିତ। ଏସଆଣ୍ଡପି ଗ୍ଲୋବାଲର ଭାରତ କଣ୍ଟେଣ୍ଟ (କ୍ରସ କମୋଡିଟିଜ) ମୁଖ୍ୟ ପୁଲକିତ ଅଗ୍ରୱାଲ କହିଛନ୍ତି, ଭାରତ ପାଇଁ ତୈଳ ଚାହିଦା ଅନୁକୂଳ ଜନସଂଖ୍ୟା ଏବଂ ଅର୍ଥନୈତିକ ବୃଦ୍ଧି ଦ୍ୱାରା ସହାୟତା ପାଇ ବୃଦ୍ଧି ପାଉଛି। ଭାରତ ବିଶ୍ୱ ତୈଳ ଚାହିଦା ବୃଦ୍ଧି କ୍ରମରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରୁଛି, ଯଦିଓ ଏହାର ଭିତ୍ତି ବିଶ୍ୱ ବଜାର ଉପରେ ବଡ଼ ପ୍ରଭାବ ପକାଇବା ପାଇଁ ଏବେ ମଧ୍ୟ ଛୋଟ ରହିଛି। ଅଗ୍ରୱାଲ ଆହୁରି ଉଲ୍ଲେଖ କରିଛନ୍ତି ଯେ ଭାରତର ତୈଳ ଉତ୍ସ ପସନ୍ଦରେ ପରିବର୍ତ୍ତନ ଆସୁଛି। ଭାରତର ରୁଷିଆ ଆଡ଼କୁ ମୁହାଁ ଚତୁର୍ଥ ବର୍ଷରେ ମଧ୍ୟ ବିନା ବାଧାରେ ଜାରି ରହିଛି।

## ଆତଙ୍କବାଦ ବିରୁଦ୍ଧରେ ବିଶ୍ୱସ୍ତରୀୟ ପ୍ରୟାସ

# ଭାରତକୁ ୟୁଏଇ ଓ ଜାପାନର ସମର୍ଥନ



**ନୂଆଦିଲ୍ଲୀ, ୨୨।୫:** ଆତଙ୍କବାଦ ବିରୋଧରେ ଭାରତର ବିଶ୍ୱସ୍ତରୀୟ ପ୍ରୟାସ। ଅପରେସନ ସିନ୍ଦୂରର ଏକ ଅଂଶ ଭାବରେ ଭାରତର ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଯାଇ ପାକିସ୍ତାନର ମୁଖା ଖୋଲିବାର କାର୍ଯ୍ୟ ଜାରି ରଖିଛନ୍ତି। ଏହି କ୍ରମରେ ଜେଡି(ୟୁ) ସାଂସଦ ସଞ୍ଜୟ ଝା ଏବଂ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜାପାନ ଏବଂ ୟୁଏଇରେ ପହଞ୍ଚିଛନ୍ତି। ପାକିସ୍ତାନ କିଭଳି ଦଶନ୍ଧି ଧରି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ କରି ରକ୍ତପାତ ଘଟଉଛି ତା'ର ପର୍ଦ୍ଦାଫାସ ହୋଇଛି। ବିଦେଶ ଗସ୍ତ ପାଇଁ ସରକାର ଗଠନ କରିଥିବା ୭ ବହୁ-ଦଳୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରୁ ପ୍ରଥମ ଦଳ ଗୁରୁବାର ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ୟୁଏଇ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଅଲି ରସିଦ ଅଲ୍ ନୁଆଇମି ଏବଂ ସହନଶୀଳତା(ମିନିଷ୍ଟ୍ରୀ ଅଫ୍ ଟଲରେନ୍ସ) ମନ୍ତ୍ରୀ ଶେଖ୍ ନାହାୟାନଙ୍କ ସମେତ କିଛି ୟୁଏଇ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସୂଚନା ମିଳିଛି। ବୈଠକରେ ୨୨ ଏପ୍ରିଲ ପହଲଗାମ ଆକ୍ରମଣ ପରେ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ୟୁଏଇ ଭାରତକୁ ଦୃଢ଼ ସମର୍ଥନ ଦେଇଥିବେ ସିନ୍ଦେ କହିଛନ୍ତି। ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି 'ୟୁଏଇ ପ୍ରତିପକ୍ଷଙ୍କ ସହ ଆମର ବୈଠକ ଅତ୍ୟନ୍ତ ଫଳପ୍ରଦ ହୋଇଥିଲା। ଆତଙ୍କବାଦ ବିରୋଧରେ ୟୁଏଇ ଭାରତ ସହିତ କାନ୍ଧକୁ କାନ୍ଧ ମିଳାଇ ଠିଆ ହୋଇଛି।' ୟୁଏଇ ପ୍ରଥମ ଦେଶ ଭାବେ ଭାରତରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରିଥିଲା। ଭାରତର ଏକ ପ୍ରମୁଖ ସହଯୋଗୀ ଭାବରେ ଭୂମିକାକୁ ଆହୁରି ଦୃଢ଼ କରିଥିଲା। ବୈଠକରେ ସିନ୍ଦେ ମଧ୍ୟ ୟୁଏଇରେ ଭାରତୀୟ ପ୍ରବାସୀମାନଙ୍କୁ ଦିଆଯାଉଥିବା ସୁରକ୍ଷା ଓ ସେମାନଙ୍କ ଉନ୍ନତି ଦେଖି ୟୁଏଇର ଶାନ୍ତି ପାଇଁ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ସଞ୍ଜୟ ଝାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜାପାନର ବୈଦେଶିକ ମନ୍ତ୍ରୀ ଟାକେଶି ଇୱାୟାଙ୍କୁ ଭେଟିଥିଲେ। ଝାଙ୍କ ପ୍ରତିନିଧି ମଣ୍ଡଳର ବୈଠକ ମଧ୍ୟ ସଫଳ ହୋଇଥିଲା। ଜାପାନ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ଦୃଢ଼ ସମର୍ଥନ ଜଣାଇଥିଲା ଏବଂ ନୂଆଦିଲ୍ଲୀର ସଂଯମତାକୁ ପ୍ରଶଂସା କରିଥିଲା। ଜାପାନୀ ବୈଦେଶିକ ବ୍ୟାପାର ମନ୍ତ୍ରୀ ଟାକେଶୀ ଇୱାୟା ଆତଙ୍କବାଦୀଙ୍କୁ ଦଣ୍ଡିତ କରିବାକୁ ଆହ୍ୱାନ ଦେବା ସହ ଏବଂ ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ଇଂଲଣ୍ଡ ଗସ୍ତ ଲାଗି ୨୪ରେ ହୋଇପାରେ ଦଳ ଘୋଷଣା

**ମୁମ୍ବାଇ, ୨୨।୫:** ଭାରତୀୟ କ୍ରିକେଟ୍ ଦଳର ବହୁ ପ୍ରତୀକ୍ଷିତ ଇଂଲଣ୍ଡ ଲାଗି ଦଳ ଘୋଷଣା ଆସନ୍ତା ୨୪ ତାରିଖରେ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଦିନ ମଧ ଚୟନକର୍ତ୍ତା ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଉତ୍ତରାଧିକାରୀଙ୍କ ନାଁ ଘୋଷଣା କରିବେ। ଭାରତୀୟ ଦଳର ନୂଆ ଅଧିନାୟକ ଦୌଡ଼ରେ ଶୁବମନ ଗିଲ୍ ଓ ଋଷଭ ପନ୍ତ ଥିଲା ବେଳେ କେଏଲ୍ ରାହୁଲଙ୍କ ନାଁ ମଧ ବିଚାରକୁ ଆସିଛି। ପୂର୍ବରୁ ଅଧିନାୟକ ଦୌଡ଼ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ମଧ ରହିଥିଲେ। ତାଙ୍କୁ ମଧ ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଏବଂ ପୂର୍ବତନ ସ୍ପିନର ଆର୍ ଅଶ୍ୱିନ ଦୃଢ଼ ସମର୍ଥନ କରିଥିଲେ। ତେବେ ବୁମ୍ରା ନିଜ ଆଡ଼ୁ ଅଧିନାୟକ ଦୌଡ଼ରୁ ଓହରି ଯାଇଥିବା ଜଣାପଡ଼ିଛି। ଗିଲ୍ ଭାରତୀୟ ଟେଷ୍ଟ୍ ଦଳର ଅଧିନାୟକ ହେବା ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଥିଲେ ମଧ୍ୟ ଜଣେ ଦୁଇଜଣ ଚୟନକର୍ତ୍ତା ତାଙ୍କୁ ଏତେ ଶୀଘ୍ର ଟେଷ୍ଟ୍ ଦଳର ମଙ୍ଗ ଧରାଇବା ସପକ୍ଷରେ ନାହାନ୍ତି। ବରଂ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଉପଅଧିନାୟକ କରି ଜଣେ ତୁଳନାତ୍ମକ ଭାବେ ଅଧିକ ଅଭିଜ୍ଞତା ରଖିଥିବା ଖେଳାଳିଙ୍କୁ ଅଧିନାୟକ ପଦରେ ଅବସ୍ଥାପିତ କରିବାକୁ ସେମାନେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ସୁପାରିସ୍ ମଧ କରିସାରିଛନ୍ତି। ଏହି ଶୃଙ୍ଖଳାରୁ ଭାରତ ୨୦୨୫ରୁ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଚକ୍ର ଆରମ୍ଭ କରିବାକୁ ଯାଉଥିବାରୁ ୨୫ ବର୍ଷୀୟ ଗିଲ୍‌ଙ୍କ ଏତେ ବଡ଼ ଦାୟିତ୍ୱ ଦେବା ଠିକ୍ ହେବ ନାହିଁ ବୋଲି କିଛି ପୂର୍ବତନ କ୍ରିକେଟର୍ ଖୋଲାଖୋଲି ମନ୍ତବ୍ୟ ଦେବା ତାଙ୍କ ବିପକ୍ଷରେ ଯାଇପାରେ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶନିବାର ପୂର୍ବାହ୍ନ ଜାତୀୟ ବରିଷ୍ଠ ଚୟନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହା ପରେ ଅପରାହ୍ଣ ୧୨ରେ ସାମ୍ବାଦିକ ସମ୍ମିଳନୀ କରି ଆନୁଷ୍ଠାନିକ ଭାବେ ଦଳ ସହ ନୂଆ ଅଧିନାୟକଙ୍କ ନାଁ ଘୋଷଣା କରାଯିବ। ଭାରତୀୟ ଏ' ଦଳରେ ସ୍ଥାନ ପାଇଥିବା କରୁଣ ନାୟର ଓ ଈଶାନ କିଶନଙ୍କ ଭଳି ଖେଳାଳିଙ୍କୁ ମଧ ଚୟନକର୍ତ୍ତା ବରିଷ୍ଠ ଦଳ ଲାଗି ବିଚାରକୁ ନେଇ ପାରନ୍ତି। ସେହିଭଳି ଶୃଙ୍ଖଳାର ପୂରା ପାଞ୍ଚଟି ମ୍ୟାଚ୍ ଲାଗି ଦଳ ଘୋଷଣା କରିବା ପରିବର୍ତ୍ତେ ପ୍ରଥମ ତିନିଟି ମ୍ୟାଚ୍ ଲାଗି ଦଳ ଘୋଷଣାର ବିକଳ୍ପକୁ ମଧ ବିଚାରକୁ ନେଇ ପାରନ୍ତି।



ଭାରତୀୟ କ୍ରିକେଟ୍ ଦଳର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି। ଜୁନ୍‌ରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବାକୁ ଥିବାରୁ କୋହଲି ଓ ରୋହିତଙ୍କ ଅନୁପସ୍ଥିତି ଭାରତୀୟ ଦଳକୁ ପୂର୍ବାପେକ୍ଷା ଦୁର୍ବଳ କରି ଦେଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ପାଇଁ ଭାରତୀୟ ଦଳକୁ ହାଲ୍‌କା ଭାବେ ନ ନେବାକୁ ଇଂଲଣ୍ଡର ତାରକା ଅଲରାଉଣ୍ଡର୍ ବେନ୍ ଷ୍ଟୋକ୍ସ ସାଥୀ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି। ଇଂଲଣ୍ଡ ଏବଂ ୱେଲ୍‌ସ କ୍ରିକେଟ୍ ବୋର୍ଡ (ଇସିବି)ର ନିଜସ୍ୱ ୱେବସାଇଟ୍‌କୁ ସାକ୍ଷାତକାର ଦେଇ କହିଛନ୍ତି ଭାରତର ବ୍ୟାଟିଂକ୍ରମ ବେଶ୍ ଗଭୀର। ରୋହତ ଓ କୋହଲି ଅବସର ନେବାର ପ୍ରଭାବ ଭାରତୀୟ ଦଳ ଉପରେ ନିଶ୍ଚିତ ପଡ଼ିବ। ତେବେ ସେମାନେ ପୂର୍ବାପେକ୍ଷା ଦୁର୍ବଳ ହୋଇଯାଇଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍ ହେବ। ବିଶ୍ୱର ଯେକୌଣସି ଦେଶରେ ଖେଳିଲେ ବି ଭାରତ ଏକ ଶକ୍ତିଶାଳୀ ଦଳ ଭାବେ ନିଜକୁ ପ୍ରତିପାଦିତ କରି ଆସଛି। ସବୁଠୁ ବଡ଼ କଥା ହେଲା କୋହଲି ଓ ରୋହିତଙ୍କ ଅନୁପସ୍ଥିତି ନେଇ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଭରଣା କରିବାକୁ ଖେଳାଳି ସେମାନଙ୍କ ପାଖରେ ଅଛନ୍ତି।

ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଆହତ ହୋଇଛନ୍ତି। ଫଳରେ ୱେଷ୍ଟ୍‌ଇଣ୍ଡିଜ ବିପକ୍ଷ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡ଼ିଛନ୍ତି। ଭାରତ ଶୃଙ୍ଖଳା ପୂର୍ବରୁ ଆର୍ଚର ସୁସ୍ଥ ନହେଲେ ଏହା ଇଂଲଣ୍ଡକୁ ଚିନ୍ତାରେ ପକାଇବ। ଏଥିପାଇଁ ଆର୍ଚର ରାଜସ୍ଥାନ ରୟାଲ୍ସର ଗତ ଦୁଇ ମ୍ୟାଚ୍ ଖେଳିପାରି ନାହାନ୍ତି। ଶେଷ ଥର ଲାଗି ଚଳିତ ମାସ ୪ ତାରିଖରେ କେକେଆର୍ ବିପକ୍ଷରେ ଖେଳିଥିଲେ। ଜାତୀୟ ସେବା ଲାଗି ଆର୍ଚରଙ୍କୁ ରାଜସ୍ଥାନ ରୟାଲ୍ସ ମଙ୍ଗଳବାର ଛାଡ଼ି ଦେଇଛି। ଅନ୍ୟପକ୍ଷରେ ୱେଷ୍ଟ୍‌ଇଣ୍ଡିଜ୍ ଶୃଙ୍ଖଳାରେ ତାଙ୍କ ବଦଳରେ ଇଂଲଣ୍ଡ ଦଳରେ ଲୁକ୍ ଉଡ୍ ସ୍ଥାନ ପାଇଛନ୍ତି।



## ଇଂଲଣ୍ଡ ଯିବେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୨୨।୫ଃ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁଭମନ ଗିଲ, ଜସପ୍ରିତ ବୁମ୍ରା, ରିଷଭ ପନ୍ତଙ୍କ ଭଳି କ୍ରିକେଟର ଖେଳିବାର ଆଶା କରାଯାଉଛି। କିନ୍ତୁ ଏହି ସମୟରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିଷୟରେ ମଧ ବଡ଼ ଖବର ଆସିଛି। ସେ ମଧ ଇଂଲଣ୍ଡ ଯାଉଛନ୍ତି। ବିସିସିଆଇ ଜୁନିଅର ଚୟନ କମିଟି ଟିମ ଇଣ୍ଡିଆର ୧୯ ବର୍ଷରୁ କମ ଦଳ ଘୋଷଣା କରିଛି। ସେହି ୧୬ ଜଣିଆ ଦଳରେ ଗୋଟିଏ ନାମ ହେଉଛି ବୈଭବ ସୂର୍ଯ୍ୟବଂଶୀ। ଭାରତ ୧୯ ବର୍ଷରୁ କମ ୧୬ ଜଣିଆ ଦଳର କମାଣ୍ଡ ଆୟୁଷ ମହାତ୍ରେଙ୍କ ହାତରେ ଅଛି। ଆୟୁଷ ଏବଂ ବୈଭବ ଉଭୟ କେବଳ IPL ୨୦୨୫ ରେ ଖେଳି ନାହାନ୍ତି ବରଂ ନିଜର ପ୍ରତିଭା ଦେଖାଇଛନ୍ତି। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ, ସେ ଏବେ ଇଂଲଣ୍ଡରେ ଭାରତ ପାଇଁ ୧୯ ବର୍ଷରୁ କମ କ୍ରିକେଟ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ବୈଭବ ପ୍ରକାଶ କରିସାରିଛନ୍ତି।

୨୦୨୫ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସର ଯାତ୍ରା ଶେଷ ହେବା ପରେ, ବୈଭବ ସୂର୍ଯ୍ୟବଂଶୀ ରାହୁଲ ଦ୍ରାବିଡଙ୍କ ସହ ଏକ କଥାବାର୍ତ୍ତା କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ସେହି କଥାବାର୍ତ୍ତା ସମୟରେ, ବୈଭବ ସୂର୍ଯ୍ୟବଂଶୀ ଦ୍ରାବିଡଙ୍କୁ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିଥିଲେ। ସେ କହିଛନ୍ତି ଯେ ଏବେ ତାଙ୍କୁ ଭାରତ ୧୯ ବର୍ଷରୁ କମ କ୍ୟାମ୍ପରେ ଯୋଗ ଦେବାକୁ ପଡିବ ଏବଂ ସେମାନଙ୍କୁ ବିଜୟୀ କରାଇବା ପାଇଁ ପ୍ରସ୍ତୁତ ହେବାକୁ ପଡିବ।

୧୯ ବର୍ଷରୁ କମ ଦଳର ସିରିଜ ଜୁନ ୨୪ ରୁ ଆରମ୍ଭ ହୋଇ ୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧରେ, ଇଂଲଣ୍ଡର ଅଣ୍ଡର ୧୯ ଦଳ ସହିତ ଏକ ୫୦ ଓଭରର ଅଭ୍ୟାସ ମ୍ୟାଚ ଖେଳିବା ବ୍ୟତୀତ, ଭାରତର ଅଣ୍ଡର ୧୯ ଦଳ ୫ ଦିନିକିଆ ଏବଂ ୨ବହୁ-ଦିବସୀୟ ମ୍ୟାଚର ସିରିଜ ମଧ ଖେଳିବ।

## ରାଜସ୍ଥାନ ରୟାଲ୍ସ ଛାଡ଼ିବେ ଯଶସ୍ୱୀ ଜୈସୱାଲ !

**ନୂଆଦିଲ୍ଲୀ,୨୨।୫:** ରାଜସ୍ଥାନ ରୟାଲ୍ସରେ ସବୁକିଛି ଠିକ ନାହିଁ କି? ଯଶସ୍ୱୀ ଜୈସୱାଲ ଏବଂ ରାଜସ୍ଥାନ ଫ୍ରାଞ୍ଚାଇଜ ମାଲିକଙ୍କ ମଧ୍ୟରେ ସବୁକିଛି ଠିକ ନାହିଁ କି? ଆଇପିଏଲ୍‌ରେ ଫ୍ରାଞ୍ଚାଇଜର ଏକମାତ୍ର ଖେଳାଳି ଭାବେ ୫୦୦ରୁ ଅଧିକ ରନ କରିଥିବା ଜୈସୱାଲ ରାଜସ୍ଥାନ ଛାଡ଼ି କେକେଆର୍ ଯିବେ ବୋଲି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। କହିବାକୁ ଗଲେ ଏଭଳି ଖବର ପ୍ରସାର ପଛରେ ଯଶସ୍ୱୀଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ରହିଛି। ଇନଷ୍ଟାଗ୍ରାମରେ ସେ କରିଥିବା ପୋଷ୍ଟରେ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, ସବୁକିଛି ପାଇଁ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ। ଆମେ ଯେପରି ଚାହୁଁଥିଲୁ, ସିଜନ ଠିକ ସେହିପରି ନ ଥିଲା, କିନ୍ତୁ ଏହି ଯାତ୍ରା ପାଇଁ ଧନ୍ୟବାଦ। ଜୈସୱାଲଙ୍କ ଏହି ପୋଷ୍ଟ ଆସିବା ପରେ, ସୋସିଆଲ ମିଡିଆରେ ଚର୍ଚ୍ଚା ସରଗରମ ରହିଛି। ସେ ରାଜସ୍ଥାନ ରୟାଲ୍ସ ଛାଡିବେ ବୋଲି କୁହାଯାଉଛି।



## ଗୁରୁଗାଓଁରେ ୬୯ କୋଟିର ଘର କିଣିଲେ ପୂର୍ବତନ ଷ୍ଟାର କ୍ରିକେଟର୍ ଶିଖର ଧାୱନ

**ନୂଆଦିଲ୍ଲୀ,୨୨।୫:** ପତ୍ନୀ ଆୟେଶା ମୁଖାର୍ଜୀଙ୍କ ସହ ବିଚ୍ଛେଦ ହେବା ପରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଏବେ ନିଃସଙ୍ଗ ଜୀବନ ବିତାଉଛନ୍ତି। ପୁଅ ଜୋରାଭର ବି ପାଖରେ ନାହିଁ। ଏହାରି ଭିତରେ ଧାୱନ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ଯାହାର ମୂଲ୍ୟ ୬୯ କୋଟି ବୋଲି ଜାଣିବାକୁ ମିଳିଛି। ଧାୱନ ଗୁରୁଗାଓଁରେ ୬୦୪୦ ସ୍କୟାର ଫୁଟର ଏକ ଆପାର୍ଟମେଣ୍ଟ କିଣିଛନ୍ତି। ଘର କିଣା ଖର୍ଚ୍ଚ ୬୫.୬୧ କୋଟି ଏବଂ କାଗଜପତ୍ର ବାବଦକୁ ୩.୨୮ କୋଟି ଟଙ୍କା ଦେବାକୁ ପଡ଼ିଛି। ଗତ ବର୍ଷ ଅକ୍ଟୋବର ମାସରେ ଧାୱନ କ୍ରିକେଟର ସବୁ ଫର୍ମାଟରୁ ଅବସର ନେଇଥିଲେ। ୨୦୧୦ରେ ଦିନିକିଆରେ ପଦାର୍ପଣ କରିଥିଲେ। ୨୦୨୨ରେ ବାଂଲାଦେଶ ବିପକ୍ଷରେ ଶେଷ ମ୍ୟାଚ୍ ଖେଳିଥିଲେ। ଆୟେଶାଙ୍କ ସହ ବିଚ୍ଛେଦ ହେବା ପରେ ଧାୱନ ଏବେ ନୂଆ ବାନ୍ଧବୀ ପାଇଛନ୍ତି ବୋଲି କୁହାଯାଉଛି। ତାଙ୍କ ନାମ ସୋଫିଆ ସାଇନ। ଦୁହିଁଙ୍କ ଫଟୋ ବି ସୋସିଆଲ ମିଡିଆରେ ଭାଇରାଲ ହେଉଛି। କିନ୍ତୁ ଧାୱନ ଏ ବିଷୟରେ କିଛି କହି ନାହାନ୍ତି।

## ଭୁବନେଶ୍ୱରରେ ଭାରତୀୟ ଜିମ୍ନାଷ୍ଟିକ୍ସ ଦଳର ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର, ୨୨।୫:** ଆଗାମୀ ଏସୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ପୂର୍ବରୁ ଭାରତର ଉଭୟ ବରିଷ୍ଠ ଓ କନିଷ୍ଠ (ପୁରୁଷ, ମହିଳା) ଖେଳାଳିଙ୍କୁ ନେଇ ଭୁବନେଶ୍ୱରରେ ଚାଲିଛି ଜାତୀୟ ପ୍ରଶିକ୍ଷଣ ଶିବିର। ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ନିକଟରେ ଖେଳ ଜୀବନରୁ ଅବସର ନେଇ ଜାତୀୟ ପ୍ରଶିକ୍ଷକ ହୋଇଥିବା ଓଡ଼ିଆ ପୁଅ ରାକେଶ ପାତ୍ରଙ୍କ ନେତୃତ୍ୱରେ ଚାଲିଛି। ଏକାଧିକ ଅନ୍ତର୍ଜାତୀୟ ପଦକ ଜିତିବାର ଅଭିଜ୍ଞତା ରଖିଥିବା ରାକେଶଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଏସୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ଆଶାରେ ମଧ ରହିଛି। ତାଙ୍କ ନେତୃତ୍ୱରେ ପ୍ରଶିକ୍ଷକ ମଣ୍ଡଳିରେ ରହିଛନ୍ତି ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିବା ଦୀପା କର୍ମକାରଙ୍କ ପ୍ରଶିକ୍ଷକ ବିଶ୍ୱେଶ୍ୱର ନନ୍ଦିଙ୍କ ସହ ପ୍ରବୀଣ ଶର୍ମା, ପାୟଲ ଭଟ୍ଟାଚାର୍ଯ୍ୟ, ହରିଶ ଚନ୍ଦେରା, ଜିମି ଅଞ୍ଜନ, ଅଭିଷେକ ମୋର ଓ ରାଜା ବାବୁ ଯାଦବ। ଏହି ପ୍ରଶିକ୍ଷଣ ଶିବିରରେ ବରିଷ୍ଠ (୮ ଲେଖାଏଁ ପୁରୁଷ ଓ ମହିଳା) ଏବଂ କନିଷ୍ଠ (୬ ଲେଖାଏଁ ପୁରୁଷ ଓ ମହିଳା)ରେ ମୋଟ ୨୮ ଖେଳାଳି ଅଛନ୍ତି। ଏମାନଙ୍କ ମଧରୁ ୨୦ ଜଣ ଏସୀୟ ପ୍ରତିଯୋଗିତା ଲାଗି ଘୋଷିତ ଦଳରେ ରହିଛନ୍ତି। ଘୋଷିତ ଦଳରେ ଥିବା ଓଡ଼ିଶାରୁ ୪ ଜଣ ପ୍ରଣତି ନାୟକ, ତପନ ମହାନ୍ତି (ବରିଷ୍ଠ), ପ୍ରୀତି ଝାଙ୍କର ଓ ବୀରୁ ଚନ୍ଦ୍ର ରାଓ (କନିଷ୍ଠ) ମଧ ଏହି ଶିବିରରେ ନିଜକୁ ଶାଣିତ କରୁଛନ୍ତି। ତପନ ଓ ପ୍ରଣତି ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଭାଗନେବାକୁ ଥିଲା ବେଳେ ପ୍ରୀତି କନିଷ୍ଠ ମହିଳାରେ ଅଂଶଗ୍ରହଣ କରିବେ। ହେଲେ ବୀରୁ କନିଷ୍ଠ ପୁରୁଷ ରିଜର୍ଭ ଦଳରେ ଅଛନ୍ତି। ଏସୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଦକ୍ଷିଣ କୋରିଆରେ ଅନୁଷ୍ଠିତ ହେବ। ପୁରୁଷ ଓ ମହିଳାଙ୍କ ପ୍ରତିଯୋଗିତା ଯଥାକ୍ରମେ ଜୁନ୍ ୫ରୁ ୮ ଏବଂ ୧୨ରୁ ୧୫ ପର୍ଯ୍ୟନ୍ତ ଖେଳାଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏବେ ଓଡ଼ିଶା...

ପାଲଟିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥୀ କରି ଆମ ସରକାର କାର୍ଯ୍ୟ କରୁଛନ୍ତି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ଆଜି ସଫଳ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଶ୍ରୀ ବଳ ସାମନ୍ତ କହିଛନ୍ତି। ଏହାଛଡ଼ା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ଆର୍ଥିକ ପ୍ରଗତିର ମେରୁଦଣ୍ଡ ଯୁବଶକ୍ତି ହୋଇଥିବାରୁ ଏହାର ବିକାଶ ପାଇଁ ରୋଜଗାର ନିତାନ୍ତ ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ଯୋଡ଼ିଚାଲିଛନ୍ତି। ତେଣୁ ଶିଳ୍ପର ବିକାଶ ହେବା ସହ ରାଜ୍ୟର ବିକାଶ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପପତି ଯୋଗଦେଇଥିଲେ। ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶାକୁ...

କୌଣସି କାରଣ ନାହିଁ। ବର୍ତ୍ତମାନ ଆମର କୌଣସି ଆନୁଷ୍ଠାନିକ ପରାମର୍ଶଦାତା ନାହିଁ, କିନ୍ତୁ ଆମେ ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ। ଉପଲବ୍ଧ ତଥ୍ୟ ସୂଚାଇ ଦେଉଛି ଯେ ପ୍ରଚଳିତ ଷ୍ଟ୍ରେନ୍ ହାଲୁକା, କମ୍ ତୀବ୍ରତା ଯୁକ୍ତ। ଚିନ୍ତାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ପରାମର୍ଶ ଜାରି କରାଯାଇ ନାହିଁ।

ଆମେ ପରିସ୍ଥିତି ଉପରେ କଡ଼ା ନଜର ରଖୁଛୁ। ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପରେ, ଆମେ ସେହି ଅନୁସାରେ କାର୍ଯ୍ୟକାରୀ କରିବୁ। ପଜିଟିଭ୍ ପରୀକ୍ଷା କରାଯାଇଥିବା ରୋଗୀ ସୁସ୍ଥ ହେଉଛନ୍ତି। ନୂତନ ପ୍ରକାର ସ୍ୱାସ୍ଥ୍ୟ ବିପଦ ବୃଦ୍ଧି କରୁଥିବା ପରି ମନେ ହେଉନାହିଁ ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ପରିଚାଳନାରେ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରି କମିସନର ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଯଦି ଅଧିକ ମାମଲା ସାମ୍ନାକୁ ଆସେ କିମ୍ବା ନୂତନ ନିର୍ଦ୍ଦେଶନାମା ଜାରି ହୁଏ, ତେବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ।

ଅନ୍ୟପକ୍ଷରେ ଗତ ୧୯ ତାରିଖ ପରେ ଦେଶରେ କୌଣସି କୋରନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ୨୫୭ ଜଣଙ୍କ ସଂଖ୍ୟାରେ କୌଣସି ବୃଦ୍ଧି ଘଟିନାହିଁ। ଆଇସିଏମଆର ଏବଂ ଏନସିଡିସିର ପ୍ରତିନିଧିମାନଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତର ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ରହିଛି, ବଡ଼ ଧରଣର ପୁନରୁଥାନର କୌଣସି ସୂଚନା ନାହିଁ। ଉନ୍ନତ ନିରୀକ୍ଷଣ, ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିକ୍ରିୟା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ସମୟ ମଧ୍ୟରେ ସିଙ୍ଗାପୁରରେ ସାପ୍ତାହିକ ମାମଲା ସଂଖ୍ୟାରେ ୨୮% ବୃଦ୍ଧି ଘଟିଛି ଏବଂ ହଂକଂରେ ୩୧ଜଣ କୋଭିଡ-ସମ୍ବନ୍ଧୀୟ ମୃତ୍ୟୁ ରିପୋର୍ଟ ହୋଇଛି, ଯାହା ଏକ ବର୍ଷ ମଧ୍ୟରେ ସର୍ବାଧିକ। ବିଶେଷଜ୍ଞମାନେ ଆତ୍ମସନ୍ତୋଷ ବିରୁଦ୍ଧରେ ସତର୍କ କରାଇଛନ୍ତି, ବିଶେଷକରି ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳରେ ଭାରତୀୟମାନଙ୍କୁ ସୁରକ୍ଷା ପ୍ରୋଟୋକଲ ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି।

### ଏସ୍‌ସି/ଏସ୍‌ଟିଙ୍କ...

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିକୁ ସୁରକ୍ଷିତ ରଖିବା ପାଇଁ କର୍ପସ ଫଣ୍ଡ ଗଠନ ହେବ। ଏସସି ଓ ଏସଟି ବର୍ଗର ଲୋକେ ସେମାନଙ୍କ ଜମି ବିକ୍ରି କରିବା ସକାଶେ ସିଧାସଳଖ ସରକାରଙ୍କ ପାଖକୁ ଯିବେ। ଏନେଇ ରୋକଠୋକ ଶୁଣାଇଛନ୍ତି ରାଜସ୍ୱ ମନ୍ତ୍ରୀ। ମନ୍ତ୍ରୀ କହିଛନ୍ତି ଯେ ଏଥର ଧନୀ ଲୋକମାନେ ଚାପ ପକାଇ ଏସସି ଓ ଏସଟିଙ୍କ ଜମିକୁ ହଡ଼ପ କରିପାରିବେ ନାହିଁ। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ, ନିର୍ଦ୍ଦେଶକ ଏବଂ ବିଶେଷଜ୍ଞ ରହିବେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଗୃହ କମିଟି, ବିଧାୟକଙ୍କ ପରାମର୍ଶ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେବା ପରେ ନିଷ୍ପତ୍ତି ହେବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନେ ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ, ସରକାର ଏହି ଜମିକୁ କିଣିବେ ଓ ସେସବୁକୁ ୨ରୁ ୩ ବର୍ଷ ସରକାର ସୁରକ୍ଷିତ ରଖିବେ। ଜମି ମାଲିକ ଚାହିଁଲେ ପରବର୍ତ୍ତୀ ସମୟରେ ସେମାନଙ୍କ ଜମି ଫେରାଇ ନେଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ପ୍ରଶଂସା...

ହସ୍ତକ୍ଷେପ ଯୋଗୁଁ ଏହାର ପ୍ରାୟ ୮୫ ପ୍ରତିଶତ ଅର୍ଥାତ୍ ୮୭୧୩ଟିର ସମାଧାନ ହୋଇପାରିଛି। ମୁଖ୍ୟମନ୍ତ୍ରୀ ସମସ୍ତ ପରମ୍ପରାକୁ ଭାଙ୍ଗି ନିଜେ ଅଭିଯୋଗ ଶୁଣାଣି ସମୟରେ ନିଜେ ଲୋକଙ୍କ ମଝିରେ ବସୁଥିବାରୁ ବିଭାଗୀୟ ମନ୍ତ୍ରୀମାନେ ମଧ୍ୟ ସେଠାରେ ଉପସ୍ଥିତ ରହିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଫଳରେ ଆସିଥିବା ଅଭିଯୋଗଗୁଡ଼ିକ ବିଭାଗୱାରୀ ତୁରନ୍ତ ସମାଧାନ ହୋଇପାରୁଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଖର୍ଚ୍ଚାନ୍ତ ହୋଇ ନଆସି କିଭଳି ଲୋକେ ନ୍ୟାୟ ପାଇବେ ସେଥିପାଇଁ ଅନ୍‌ଲାଇନରେ ଅଭିଯୋଗ ଗ୍ରହଣ ପ୍ରକ୍ରିୟାକୁ ସକ୍ରିୟ କରାଯାଇଛି। ଲୋକେ ଘରେ ବସି ସେମାନଙ୍କର ଅଭିଯୋଗ ତୁରନ୍ତ ଦରଜ କରିପାରିବା ସହିତ ନ୍ୟାୟ ପାଇପାରିବେ। ଉଲ୍ଲେଖନୀୟ ଯେ ଓଡ଼ିଶାରେ ପୂର୍ବରୁ ମୁଖ୍ୟମନ୍ତ୍ରୀମାନେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ତାହାର ସମାଧାନ କରୁଥିବାବେଳେ ବିଜେଡି ସରକାର ସମୟରେ ଏହି ବ୍ୟବସ୍ଥାକୁ ଏକ ପ୍ରକାର କବର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବଦଳରେ ତାଙ୍କ କର୍ମଚାରୀମାନେ ଆସି ଲୋକଙ୍କ ଅଭିଯୋଗ ଗ୍ରହଣ କରିବାରୁ ଧିରେ ଧିରେ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଲୋକଙ୍କ ସଂଖ୍ୟା କମିବାରେ ଲାଗିଲା । ଅବସ୍ଥା ଏଭଳି ହେଲା ଯେ ଗଣମାଧ୍ୟମର ସମାଲୋଚନାକୁ ବର୍ତ୍ତିବାପାଇଁ ବିଜେଡି ସରକାର ଅଭିଯୋଗ ପ୍ରକୋଷ୍ଠକୁ ଲୋକଙ୍କୁ ଯୋଗାଡ଼ କରି ଆଣିଥିଲେ। ତେବେ ନିର୍ବାଚନ ସମୟରେ ବିଜେପି କ୍ଷମତାକୁ ଆସିଲେ ପୁର୍ନବାର ଅଭିଯୋଗ ପ୍ରକୋଷ୍ଠ ସକ୍ରିୟ ହେବ ଏବଂ ମୁଖ୍ୟମନ୍ତ୍ରୀ ନିଜେ ଅଭିଯୋଗ ଶୁଣିବେ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାହାକୁ ଅକ୍ଷରେ ଅକ୍ଷରେ ପାଳନ ସହିତ ଓଡ଼ିଶାବାସୀଙ୍କ ଆଶା ଓ ଭରସାକୁ ଯେଭଳି ଜିତିଛନ୍ତି ତାହା ଏବେ ଅନେକ ଉଦାହରଣ ସୃଷ୍ଟି କରିବାରେ ଲାଗିଛି ।

### ସୀମା...

ଦର୍ଶାଇଥିଲେ ଯେ ଟାସମାକ ଅଧିକାରୀଙ୍କ ଫୋନର କ୍ଲୋନ କପି ନେଇଛି ଇଡି। ଯାହା ସେମାନଙ୍କ ଗୋପନୀୟତାର ଉଲ୍ଲଂଘନ। ଟାସମାକ ଏହା ମଧ୍ୟ ଯୁକ୍ତି ଦର୍ଶାଇଛି ଯେ ଏହି କାର୍ଯ୍ୟାନୁଷ୍ଠାନ ଆଗାମୀ ତାମିଲନାଡୁ ନିର୍ବାଚନ ସହିତ ଜଡିତ। କାରଣ ନିର୍ବାଚନରେ ସାମିଲ ଥିବା ଲୋକଙ୍କ ପ୍ରତିଛବିକୁ ଖରାପ କରିବାକୁ ଚାହୁଁଛି ଇଡି। ଏହା ମଧ୍ୟ ଅନୁରୋଧ କରାଯାଇଥିଲା ଯେ ଇଡି ପାଖରେ କୌଣସି ମାମଲାର ତଦନ୍ତ କରିବାର ମୂଳ ଅଧିକାର ନାହିଁ। ପ୍ରଧାନ ବିଚାରପତି ବିଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିହଙ୍କ ନେଇ ଗଠିତ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି. ରାଜୁଙ୍କୁ ପ୍ରଶ୍ନ କରିଥିଲେ ଯେ ଏକ ନିଗମ ବିରୋଧରେ ଅପରାଧ କିପରି କରାଯାଏ ? ଆପଣ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ମାମଲା ଦାୟର କରିପାରିବେ, କିନ୍ତୁ ଏକ ନିଗମ ବିରୁଦ୍ଧରେ ଫୌଜଦାରୀ ମାମଲା ? ଆପଣଙ୍କ ଇଡି ସମସ୍ତ ସୀମା ଇଲ୍ଲଙ୍ଘନ କରୁଛି। ତୁମେ ଦେଶର ସଂଘୀୟ ଢାଞ୍ଚାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛ।

ପ୍ରକାଶଥାଉକି ଏହି ମାମଲା ତାମିଲନାଡୁରେ ହୋଇଥିବା ୧୦୦୦ କୋଟି ଟଙ୍କାର ମଦ ଦୁର୍ନୀତି ସହିତ ଜଡିତ। ମାର୍ଚ୍ଚ ମାସରେ ଇଡିର ଚଢ଼ାଉ ପରେ ଅଭିଯୋଗ ଆସିଥିଲା ଯେ ଡିଷ୍ଟିଲେରୀ କମ୍ପାନୀଗୁଡ଼ିକର ହୋଇଥିବା ପରିମାଣକୁ ବେନାମୀ ନଗଦ ଭାବରେ ବ୍ୟବହାର କରିଥିଲେ। ଏହାକୁ ଏକ ରାଷ୍ଟ୍ରାୟତ୍ତ ମଦ ମାର୍କେଟିଂ ସଂସ୍ଥା ଠାରୁ ଅଧିକ ଯୋଗାଣ ଅର୍ଡର ପାଇବା ପାଇଁ ବ୍ୟବହାର କରାଯାଇଥିଲା। ଟାସମାକର ବରିଷ୍ଠ ଅଧିକାରୀମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଥିଲେ ମଧ୍ୟ ଏହାର ଦୋକାନଗୁଡ଼ିକ ପ୍ରକୃତ ଏମଆରପି ଠାରୁ ଅଧିକ ମୂଲ୍ୟ ନେଉଥିବା ଅଭିଯୋଗ ହୋଇଥିଲା।

### ବଢ଼ିଲା...

ଏହାପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଜ୍ୟୋତିଙ୍କୁ ପଠାନକୋଟ ନେଇଯାଇଥିଲେ। କାରଣ ଏଜେନ୍ସିଗୁଡ଼ିକୁ ତାଙ୍କ ପଠାନକୋଟ ଗସ୍ତ ଏବଂ ସେଠାରୁ ସେନା ଶିବିର ବିଷୟରେ ସୂଚନା ବାଣ୍ଟିବା ନେଇ ସନ୍ଦେହ ଥିଲା। ତେବେ ଶୁଣାଣି ସମୟରେ ୫ଦିନିଆ ରିମାଣ୍ଡରେ ଜେରା ସମୟରେ ଜ୍ୟୋତି ପୁଲିସକୁ ଯାହାସବୁ ସୂଚନା ଦେଇଥିଲେ ସେ ନେଇ ପୁଲିସ୍ କୋର୍ଟରେ ତଥ୍ୟ ରଖିଥିଲା। ଏଥିରେ ଜ୍ୟୋତି ପାକିସ୍ତାନୀ ହାଇକମିଶନ୍‌ଙ୍କ ଯୋଗାଯୋଗରେ ଥିବା ସ୍ୱୀକାର କରିଥିଲେ। କିନ୍ତୁ ପୁଲିସ୍‌ର କେତେକ ଅଭିଯୋଗକୁ ସେ ଖଣ୍ଡନ ମଧ୍ୟ କରିଥିଲେ। ପୁଣିଥରେ ସେହିସବୁ ମାମଲାରେ ପଚରାଉଚରା କରିବା ସକାଶେ ସମ୍ଭବତଃ କୋର୍ଟ ପୁଣି ତାଙ୍କୁ ୪ଦିନିଆ ରିମାଣ୍ଡରେ ପଠାଇଛନ୍ତି। ଏଥିସହ ତଦନ୍ତକାରୀ ସଂସ୍ଥା ଜ୍ୟୋତି କେବଳ ଯାତ୍ରା ଉଦ୍ଦେଶ୍ୟରେ ଭିଡିଓ ତିଆରି କରିଥିଲେ ନା ଏଥିରେ ପାକିସ୍ତାନୀ ଏଜେଣ୍ଟମାନଙ୍କ ପାଇଁ କିଛି କୋଡ୍ ଲୁଚି ରହିଥିଲା, ତା' ଜାଣିବା ସକାଶେ ମଧ୍ୟ ଉଦ୍ୟମ ହୋଇପାରେ। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ୍ କରୁଛନ୍ତି। ଏହି ସମୟରେ ହିସାର ପୁଲିସ ଜ୍ୟୋତିଙ୍କୁ ପଚରାଉଚରା କରି ଅନେକ କିଛି ତଥ୍ୟ ବାହାର କରିଛି।

ପୁଲିସ୍‌ର କହିବାନୁସାରେ, ଜ୍ୟୋତିଙ୍କୁ ଗିରଫ କରାଯିବା ସମୟରେ ସେ ପାକିସ୍ତାନୀ ଗୁଇନ୍ଦା ଅଧିକାରୀଙ୍କ ଯୋଗାଯୋଗରେ ଥିଲେ। ସେ ପାକିସ୍ତାନୀ ଅଧିକାରୀଙ୍କ ସହ ସେନା ଓ ତଦନ୍ତ ଏଜେନ୍ସି ସହ ଜଡିତ କିଛି ଗୁପ୍ତ ସୂଚନା ଶେୟାର କରିଥିଲେ। ଜ୍ୟୋତି ସୂଚନା ପ୍ରଦାନ ସକାଶେ ହ୍ୱାଟସଆପ୍, ସ୍ନାପଚାଟ୍ ଭଳି ଆପ୍ ବ୍ୟବହାର କରୁଥିଲେ। ଏଥିସହିତ ହିସାର ଏସ୍‌ପି କହିଛନ୍ତି ଯେ ଜ୍ୟୋତିଙ୍କ ହ୍ୱାଟସଆପ୍ ଚାଟ୍ ବିଷୟରେ ଏବେ କିଛି କୁହାଯାଇପାରିବ ନାହିଁ। ଜ୍ୟୋତିଙ୍କର ଅଲି ହାସନଙ୍କ ସହ ଏକ ଚାଟ୍ ଥିଲା ଯେଉଁଥିରେ ସେ ଜଣେ ପାକିସ୍ତାନୀଙ୍କ ସହ ବିବାହ କରିବା ବିଷୟରେ କଥା ହେଉଥିଲେ।

### କୋଟିଆ...

ସଚିବ, ଆଇନ ବିଭାଗ ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସଚିବ, ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସହ କୋରାପୁଟ ଜିଲ୍ଲାପାଳ ଓ ଏସପି ରହିଛନ୍ତି। କୋଟିଆରେ ଓଡ଼ିଆ ଅସ୍ମିତା ଦିଗରେ ଏହି କମିଟି କାର୍ଯ୍ୟ କରିବ।

### ଚାରି ମାସରେ...

ସେହିପରି ଭାବେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ ବି ଭକ୍ତଙ୍କ ସାଥ ଦେଇନାହାନ୍ତି। ଉଭୟଙ୍କ ପୁଅଙ୍କୁ ଭକ୍ତ ଦାସ ଦଳର କୌଣସି ପଦ ଦେଇନାହାନ୍ତି କି ତାଙ୍କ ଗୋଷ୍ଠୀର ନେତାଙ୍କୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି।

ଏଥିଲାଗି ଦଳର ଏହି ଦୁଇ ବରିଷ୍ଠ ନେତା ଆଜିର ପଛୁଆ ବର୍ଗ ଆନ୍ଦୋଳନରୁ ଦୂରେଇ ରହିଲେ। ଚର୍ଚ୍ଚା ହେଉଛି ଖୁବଶୀଘ୍ର ଭକ୍ତ ଦାସ ନିରଂଜନ ପୁତ୍ର ନବଜ୍ୟୋତି ପଟ୍ଟନାୟକଙ୍କୁ କଂଗ୍ରେସ ପ୍ରଚାର କମିଟିର ଗୁରୁ ଦାୟିତ୍ୱ ଦେଇପାରନ୍ତି । ହେଲେ ପ୍ରଥମ କମିଟିରେ ନିରଂଜନଙ୍କ ଲିଗାସୀକୁ ଭକ୍ତ ଗୁରୁତ୍ୱ ଦେଇନଥିବାରୁ ସେ ଏହି ଆନ୍ଦୋଳନରୁ ଦୂରେଇ ରହିଲେ । ସେହିପରି ପୂର୍ବତନ ବିଧାୟକ ମହମ୍ମଦ ମୋକିମ କି ତାଙ୍କ ଝିଅ ବିଧାୟିକା ସୋଫିଆ ଫିରଦୋଷକୁ ଦଳ ଗୁରୁତ୍ୱ ଦେଇନଥିରୁ ଉଭୟ ଏହି ଆନ୍ଦୋଳନରୁ ଦୁରେଇ ରହିଛନ୍ତି। ନିରଂଜନଙ୍କ ପରି ଚର୍ଚ୍ଚା ହେଉଛି ମୋକିମଙ୍କ ଝିଅକୁ ମଧ୍ୟ କଂଗ୍ରେସ ମହିଳା ସଭାପତି କରିପାରେ । ସେହିପରି ବହୁ ହେବିଓ୍ୱେଟ କଂଗ୍ରେସ ନେତା ଆଜିର ଆନ୍ଦୋଳନରେ ସାମିଲ ନହେବା ନେଇ ଭକ୍ତ ବିରୋଧୀ ଧୀରେଧୀରେ ଏକାଠି ହେଲେଣୀ ତାହାର ସଙ୍କେତ ଦେଖିବାକୁ ମିଳିଛି। ଯେଉଁଥିପାଇଁ ଆସନ୍ତାକାଲି ଭକ୍ତ ଡାକାଇଛନ୍ତି ଜରୁରୀକାଳୀନ ରାଜନୈତିକ ବ୍ୟାପାର କମିଟି ବୈଠକ। ଏପରିକି ଭକ୍ତ ଦାସ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ନେଇ ସଂଗଠନ ଚଳାଉଥିବା ଅଭିଯୋଗ କରି ନେତାମାନେ ଏବେ ଦିଲ୍ଲୀ ମୁହାଁ ହୋଇଛନ୍ତି। ସେହିପରି ଶରତ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ରମେଶ ଜେନା, ବିଶ୍ୱ ମହାନ୍ତି, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଦାଶରଥୀ ଗମାଙ୍ଗ ଅନୁପସ୍ଥିତ ଥିଲେ। ଦଳର ବହୁ ବରିଷ୍ଠ ନେତା ନିଜ ନାଁ ଗୋପନ ରଖି କହିଛନ୍ତି ଯେ ଭକ୍ତଙ୍କ ଅହଙ୍କାର ଯୋଗୁଁ କଂଗ୍ରେସର ଆନ୍ଦୋଳନକୁ କଂଗ୍ରେସ ପ୍ରଭାରୀ ଉପସ୍ଥିତ ରହିବା ସତ୍ତ୍ୱେ ୫୦୦ ଲୋକ ଏକାଠି ନହେବା ଦଳରେ ଭକ୍ତବିରୋଧି ଗୋଷ୍ଠୀ ସକ୍ରିୟ ହୋଇଛି।

### ଦେବୀଙ୍କ...

ଯୋଜନା ଚାଲିଛି। ଯେଉଁମାନେ ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ବିରୋଧ କରିବେ ସେମାନେ ଦଳରେ ରହିପାରିବେନି । ଏହି ନ୍ୟାୟରେ ଏବେ ବିଜେଡି ଗଠନ କରିଛି ଶୃଙ୍ଖଳା କମିଟି ।

### ସିନ୍ଦୂର...

୯ଟି ପ୍ରମୁଖ ଆଡ୍ଡାକୁ ଧ୍ୱଂସ କରିଦେଇଥିଲୁ। ଯେଉଁମାନେ ସିନ୍ଦୂର ପୋଛିବାକୁ ବାହାରିଥିଲେ ସେମାନେ ଧୂଳିରେ ମିଶିଯାଇଥିଲେ। ଯେଉଁମାନେ ଭାବୁଥିଲେ ଯେ ଭାରତ ଚୁପ୍ ରହିବ, ଯେଉଁମାନେ ନିଜ ଅସ୍ତ୍ରଶସ୍ତ୍ର ଉପରେ ଗର୍ବ କରୁଥିଲେ, ସେମାନେ ଆଜି ଧ୍ୱଂସାବଶେଷ ତଳେ ପୋତି ହୋଇଯାଇଛନ୍ତି। ଏହା ପ୍ରତିଶୋଧ ନୁହେଁ, ଏହା ନ୍ୟାୟର ଏକ ନୂଆ ରୂପ। ଏହା ହେଉଛି 'ଅପରେସନ ସିନ୍ଦୂର' ବୋଲି ମୋଦି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ ବାଲାକୋଟ ବିମାନ ଆକ୍ରମଣ ପରେ ବି ରାଜସ୍ଥାନରେ ହିଁ ତାଙ୍କର ପ୍ରଥମ ରାଲି ହୋଇଥିଲା।

ମୋଦି ଦୃଢ଼ ଭାବରେ କହିଥିଲେ ଯେ ଭାରତ ଉପରେ ଯେକୌଣସି ଆତଙ୍କବାଦୀ ଆକ୍ରମଣର ପରିଣାମ କଠୋର ହେବ। ପାକିସ୍ତାନକୁ ତା'ର ସାମରିକ ବାହିନୀ ଓ ଅର୍ଥନୀତି ଯୋଗୁଁ ବହୁମୂଲ୍ୟ ଦେବାକୁ ପଡ଼ିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଗତ ୧୧ ବର୍ଷ ମଧ୍ୟରେ ରେଳବାଇ ସମେତ ବିଭିନ୍ନ କ୍ଷେତ୍ରରେ କରାଯାଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଥିଲେ। ସେ 'ସବ କା ବିକାଶ, ସବ କା ସାଥ, ସବ କା ପ୍ରୟାସ' ମନ୍ତ୍ର ମାଧ୍ୟମରେ ୧୪୦ କୋଟି ଲୋକଙ୍କ ସମର୍ଥନରେ 'ବିକଶିତ ଭାରତ'ର ଦୃଷ୍ଟିକୋଣ ହାସଲ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ।

# ଯୁକ୍ତ ୨ ପରୀକ୍ଷା ଫଳ

## ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୯୯%, ବାଣିଜ୍ୟରେ ୯୦% ଓ କଳାରେ ୯୫% ପାସ

**କାକଟପୁର/ଅସ୍ତରଙ୍ଗ, ୨୨।୫ (ସଂଚାର ବ୍ୟୁରୋ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଯୁକ୍ତ ଦୁଇ ପରୀକ୍ଷାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ପାସହାର ୯୯ ପ୍ରତିଶତ, ବାଣିଜ୍ୟ ୯୦ ପ୍ରତିଶତ ଓ କଳାରେ ୯୫ପ୍ରତିଶତ ଚଳିତ ବର୍ଷ ଫଳାଫଳ ହୋଇଛି । ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୫୨ଜଣ ଛାତ୍ର, ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧ଜଣ ପାସ ହୋଇଥିବା ବେଳେ ବିଜ୍ଞାନ ପାସ ହାର ୯୯ ପ୍ରତିଶତ ରହିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟ ରେ ୪୧ଜଣ ଛାତ୍ର, ଛାତ୍ରୀ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୦ଜଣ ହୋଇଥିବା ବେଳେ ବାଣିଜ୍ୟ ପାସ ହାର ୯୦ ପ୍ରତିଶତ ରହିଛି। ଯୁକ୍ତ ଦୁଇ କଳା ରେ ୧୧୮ଜଣ ଛାତ୍ର, ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ରେ ୧୨ଜଣ ହୋଇଥିବା ବେଳେ କଳାରେ ୯୫ ପ୍ରତିଶତ ରହିଛି। ସମସ୍ତ କୃତି ପ୍ରତିଭା ମାନଙ୍କୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ହରିଶ ଚନ୍ଦ୍ର ସ୍ୱାଇଁଙ୍କ ଶହ କଲେଜ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇବା ଶହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷା, ଅଧାପକ, ଅଧ୍ୟାପିକା ଙ୍କ ନିଷ୍ଠା ଓ ଛାତ୍ର, ଛାତ୍ରୀଙ୍କ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ପ୍ରତିବର୍ଷ ବିଦ୍ୟାଳୟ ରେ ସଫଳତା ମିଳୁଛି। ଅଭିଭାବକ ମାନେ ଏଥିପାଇଁ ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଶାରଳା ବିଜ୍ଞାନ ଆବାସିକ ବିଦ୍ୟାଳୟ ଫଳ ୯୯ ପ୍ରତିଶତ ସ୍ୱପ୍ନାଶ୍ରୀ କୁଅଁର ଟପର





**କାକଟପୁର/ଅସ୍ତରଙ୍ଗ, ୨୨।୫ (ସଂଚାର ବ୍ୟୁରୋ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଳା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ୯୯ପ୍ରତିଶତ ଫଳାଫଳ ହୋଇଛି। ୬୦୦ ନମ୍ବରରୁ ସର୍ବାଧିକ ୫୧୭ନମ୍ବର ରଖି ସ୍ୱପ୍ନାଶ୍ରୀ କୁଅଁର କଲେଜ ଟପ୍ପର ଆଖ୍ୟ ଅର୍ଜନ କରିଛନ୍ତି। ସେହିପରି ସାଇ ଲକ୍ଷ୍ମୀ ସାହୁ ୫୧୪ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସ୍ମୃତିକ୍ରିଷ୍ଟା ମହାରଣା ୫୦୮ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସାଇସ୍ମୃତି ବେହେରା ୫୦୬ନମ୍ବର, ନିରଞ୍ଜନ ଦାଶ ୫୦୧ନମ୍ବର ଓ ରୁପାଲୀ ମାହାରୀ ୫୦୦ନମ୍ବର ରଖିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ପାସ ହାର ୯୯ପ୍ରତିଶତ ରହିଛି। ମୋଟ ୧୦୨ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୦ଜଣ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ଓ ତୃତୀୟ ଶ୍ରେଣୀରେ ୩ଜଣ ବାଜିମାତ କରିଛନ୍ତି। ସମସ୍ତ କୃତି ପ୍ରତିଭା ମାନଙ୍କୁ ଶାରଳା ବିଜ୍ଞାନ ଆବାସିକ ବିଦ୍ୟାଳୟ ର ଅଧକ୍ଷ ଙ୍କ ଶହ କଲେଜ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇବା ଶହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷା, ଅଧାପକ, ଅଧାପିକା ଙ୍କ ନିଷ୍ଠା ଓ ଛାତ୍ର, ଛାତ୍ରୀ ଙ୍କ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ପ୍ରତିବର୍ଷ କଲେଜ ସଫଳତା ମିଳୁଛି। ଅଭିଭାବକ ମାନେ ଏଥିପାଇଁ ସମସ୍ତ ଅଧାପକ ଓ ଅଧାପିକା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷାରେ ବୋରିଗୁମ୍ମା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

● କଳାରେ ୭୬%, ବାଣିଜ୍ୟରେ ୭୦% ଓ ବିଜ୍ଞାନରେ ୪୫% ଉତ୍ତୀର୍ଣ୍ଣ

**ବୋରିଗୁମ୍ମା, ୨୨।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ସଫଳତା ହାର ବୃଦ୍ଧି ପାଇଛି । ବିଦ୍ୟାଳୟର କଳା ବିଭାଗରେ ୩୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩୭ ଜଣ ପାସ କରିଛନ୍ତି। ୧୧୦ ଜଣ ପ୍ରଥମ ଶ୍ରେଣୀ, ୨୨ ଜଣ ୨ୟ ଶ୍ରେଣୀ, ୩୮ ଜଣ ତୃତୀୟ ଶ୍ରେଣୀରେ ରହିଛନ୍ତି ,ଛାତ୍ରୀ ଦେବକୀ ଭତ୍ରା ସର୍ବାଧିକ ୪୮୬ ନମ୍ବର ରଖି ବିଦ୍ୟାଳୟର କଳା ବିଭାଗରେ ପ୍ରଥମ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୧୩୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୯ ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ୩ ଜଣ, ୨ୟ ଶ୍ରେଣୀରେ ୮ଜଣ, ୩ୟ ଶ୍ରେଣୀରେ ୪୮ ଜଣ ରହିଛନ୍ତି। ରହିତ କୁମାର ପଣ୍ଡା ୯୦ ପ୍ରତିଶତ ନମ୍ବର ରଖି ବିଜ୍ଞାନରେ ବିଦ୍ୟାଳୟର ପ୍ରଥମ ହୋଇଛନ୍ତି। ବାଣିଜ୍ୟରେ ୧୨୦ ଜଣଙ୍କ ମଧ୍ୟରୁ ୮୪ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ଏଥିରେ ପ୍ରଥମ ଶ୍ରେଣୀରେ ମାତ୍ର ଜଣେ, ୨ୟ ଶ୍ରେଣୀରେ ୧୧ ଜଣ ଏବଂ ୩ୟ ଶ୍ରେଣୀରେ ୭୨ ଜଣ ରହିଛନ୍ତି। ଛାତ୍ର ଏନ. ଶୁଭମ ୩୮୪ନମ୍ବର ରଖି ମହାବିଦ୍ୟାଳୟର ପ୍ରଥମ ହୋଇଛନ୍ତି। ସେହିପରି ଭୈରବ ମାଧ୍ୟମିକ ବିଦ୍ୟାଳୟର ସଫଳତା ଜାରି ରହିଛି। ଆଗାମୀ ଦିନରେ ଜାରି ରହିବ ବୋଲି ବିଦ୍ୟାଳୟର ଅଧକ୍ଷ ଦାଶରଥି ଗୌଡ଼ ସୂଚନା ଦେଇଛନ୍ତି।

## ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଓ କଳାରେ ଉଲ୍ଲେଖନୀୟ ସଫଳତା




**ବୋରିଗୁମ୍ମା, ୨୨।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ଓ କଳାରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳାଫଳରେ ଅଭୂତପୂର୍ବ ସଫଳତା ଆଣିଛନ୍ତି। ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ମୋଟ ୫୧ ଜଣ ପାସ କରିଛନ୍ତି। ସୁବ୍ରତ କୁମାର ଦାସ ୬୦୦ ମାର୍କ ରୁ ୫୩୫ ମାର୍କ(୮୯.୧୬) ରଖି ଟପ୍ପର ହୋଇଥିବା ବେଳେ ହିତାକାଂକ୍ଷୀ ଚୌଧୁରୀ ୫୧୩ (୮୫.୫୦) ରଖି ଦ୍ୱିତୀୟ ସ୍ଥାନ ଓ ଐଶ୍ୱରିୟା ମହାନ୍ତି ୫୦୩ ମାର୍କ(୮୩.୩୩) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ମୋଟ ୫୧ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୨ ଜଣ ଓ ତୃତୀୟ ଶ୍ରେଣୀରେ ୨ ଜଣ ପାସ କରିଛନ୍ତି। ସେହିଭଳି ଯୁକ୍ତ ଦୁଇ କଳାରେ ଶତ ପ୍ରତିଶତ ଫଳାଫଳ ହୋଇଛି। ମୋଟ ୧୭ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳାରେ ସମସ୍ତେ ପାସ ହୋଇଛନ୍ତି। ଅମିଶା ମହୁରିଆ ମୋଟ ୬୦୦ ମାର୍କରୁ ୪୮୫ ମାର୍କ (୮୦.୮୩)ରଖି ଟପ୍ପର ହୋଇଥିବା ବେଳେ ମିନାକ୍ଷୀ ପଣ୍ଡା ୪୮୨ ମାର୍କ(୮୦.୩୩) ରଖି ଦ୍ୱିତୀୟ ସ୍ଥାନ ଓ ସୌମ୍ୟ ରଞ୍ଜନ ମୁଦୁଲି ୪୫୭ (୭୬.୧୬) ରଖି ତୃତୀୟ ସ୍ଥାନ ରହିଛନ୍ତି ବୋଲି ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଶିବ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଯୁକ୍ତ ଦୁଇ ବିଜ୍ଞାନ ଓ କଳାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିଚାଳନା କମିଟିର ଅଧକ୍ଷ ସରିତା ମିଶ୍ର ଓ ସମ୍ପାଦକ ରେଣୁକା ପଣ୍ଡା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ୨୦୩୫ ସୁଦ୍ଧା ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ କରିବ ଭାରତ: ଇସ୍ରୋ ଅଧ୍ୟକ୍ଷ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମହାକାଶରେ ୨୦୩୫ ସୁଦ୍ଧା ଏକ ମଡ୍ୟୁଲାର ମହାକାଶ କେନ୍ଦ୍ର - 'ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ୍' ସ୍ଥାପନ କରିବାର ଯୋଜନା ରଖିଛି ବୋଲି ଇସ୍ରୋର ଅଧକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ୍ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଫ୍ୟାକଲ୍ଟିମାନଙ୍କ ସହିତ ଆଲୋଚନା ପରିପ୍ରେକ୍ଷୀରେ ଏହି ସୂଚନା ଦେଇଛନ୍ତି ଇସ୍ରୋର ଅଧକ୍ଷ।

ଭାରତର ପ୍ରଥମ ମାନବ ମହାକାଶ ମିଶନ, 'ଗଗନାୟନ' ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ ହେବା ନିମନ୍ତେ ପ୍ରଚେଷ୍ଟା ଚାଲିଥିବା ବେଳେ ଏଥି ନିମନ୍ତେ ୪ ଜଣ ଟେଷ୍ଟ ପାଇଲଟଙ୍କୁ ମହାକାଶଚାରୀ ଭାବେ ପ୍ରଶିକ୍ଷଣ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ମନୁଷ୍ୟ ନ ଥାଇ ଏହି ପରୀକ୍ଷା କରାଯିବ। ସେହିପରି ୨୦୪୭ ସୁଦ୍ଧା ଭାରତ ବିଶ୍ୱରେ ଏକ ମହାକାଶ ଶକ୍ତି ଭାବେ ନିଜକୁ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ ଋଷିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ହିଁ ମହାକାଶକୁ ମାନବ ପଠାଇବାରେ ସଫଳ ହୋଇପାରିଛନ୍ତି ବୋଲି ସେ କହିଥିଲେ।

ଜଣେ ରକେଟ ବିଶେଷଜ୍ଞଭାବେ ପରିଚିତ ଡକ୍ଟର ନାରାୟଣନ କହିଥିଲେ ଯେ ଯଦିଓ ଭାରତର ମହାକାଶ ଅଭିଯାନ ୧୯୬୨ରେ ଆରମ୍ଭ ହୋଇଥିଲା ଏହି ଯାତ୍ରା ଖୁବ୍ ଲମ୍ବା ଥିଲା। ଦେଶ ଏବେ ଜଣେ ଭାରତୀୟଙ୍କୁ ନିରାପଦ ଭାବେ ଚନ୍ଦ୍ରକୁ ପଠାଇ ପୁଣି ସଫଳତାର ସହ ଫେରାଇ ଆଣିବା ନିମନ୍ତେ ଲକ୍ଷ୍ୟ ରଖିଛି। ୧୯୬୯ ମସିହାରେ ଇସ୍ରୋ ପ୍ରତିଷ୍ଠା ହୋଇଥିଲା ପରବର୍ତ୍ତୀ ସମୟରେ ଭାରତ ୬ଟି ପିଢ଼ିର ଲଞ୍ଚ ଭେହିକଲ ନିର୍ମାଣ କରିବାକୁ ସକ୍ଷମ ହୋଇଛି। ମାତ୍ର ୨୭ ଦିନ ମଧ୍ୟରେ ଏକ ୪୦ ମହଲା ଉଚ୍ଚର ରକେଟ ପ୍ରସ୍ତୁତ କରିବା ଭାରତ ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେ କହିଥିଲେ। ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରାୟାନ୍-୩କୁ ଅବତରଣ କରାଇପାରିବା ସହ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇପାରିଥିବା ଏକ ବିରାଟ ସଫଳତା ବୋଲି ପ୍ରକାଶ କରି ସେ ଭାରତ ଗୋଟିଏ ମିଶନ୍‌ରେ ମହାକାଶରେ ୧୦୦ରୁ ଅଧିକ ସାଟେଲାଇଟ୍ ସ୍ଥାପନ କରି ବିଶ୍ୱ ରେକର୍ଡ କରିଥିବା କହିଥିଲେ। ଡକ୍ଟର ନାରାୟଣନ୍ କହିଥିଲେ ଯେ ଚନ୍ଦ୍ରାୟାନ -୪ ଏକ ଜଟିଳ ମିଶନ ଭାବେ ଉଭା ହୋଇପାରେ। କାରଣ ଏହି ମିଶନ ଜରିଆରେ ଚନ୍ଦ୍ରରେ ଥିବା ପଦାର୍ଥକୁ ଆଣିବାର ଯୋଜନା ରଖାଯାଇଛି। ସେହିପରି ଭାରତ ଜାପାନ୍‌ର ସହଭାଗିତାରେ ଚନ୍ଦ୍ରାୟାନ-୫ ଲଞ୍ଚ୍ କରିବାର ଯୋଜନା ରଖିଥିବା ସେ କହିଛନ୍ତି।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର ଅନ୍ତରାଷ୍ଟ୍ରୀୟ ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ ତଥା ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଡକ୍ଟର ନାରାୟଣନ୍‌ଙ୍କୁ ସ୍ୱାଗତ କରିଥିବା ବେଳେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ଏବଂ ବିଭିନ୍ନ ଅନୁଷ୍ଠାନର ଡିନ୍ ମାନେ ଉପସ୍ଥିତ ଥିଲେ। ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋରିଗୁମ୍ମାରେ ପ୍ରାକ୍ ମୌସୁମୀ ବର୍ଷା



**ବୋରିଗୁମ୍ମା, ୨୨।୫ (ସଂଚାର ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରାକ୍ ମୌସୁମୀ ପାଗ ଅନୁଭୂତ ହେବା ସହ ଆଜି ବୋରିଗୁମ୍ମାରେ ମଧ ବର୍ଷା ଆରମ୍ଭ ହୋଇଯାଇଛି। ବୁଧବାର ଭୁବନେଶ୍ୱର ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଭଳି ପାଗ ଦେଖିବାକୁ ମିଳିଛି। ସାଧାରଣତଃ ରଜ ସମୟରେ ଏଭଳି ପାଗ ରାଜ୍ୟରେ ଅନୁଭୂତ ହେଉଥିବା ବେଳେ ହାଲକା ପବନ ସାଙ୍ଗକୁ ମେଘାଚ୍ଛନ୍ନ ଆକାଶ ମୌସୁମୀର ପ୍ରାକ୍ ସୂଚନା ଦେଉଛି ।

ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପୂର୍ବାନୁମାନ କରାଯାଉଛି। ଫଳରେ ଏଥର ଶୀଘ୍ର ମୌସୁମୀ ଆସିବା ନେଇ ଆଇଏମ୍‌ଡି କରିଥିବା ଆକଳନ ସଠିକ୍ ହେବାକୁ ଯାଉଛି। ଗୁରୁବାର ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଝାରସୁଗୁଡା, ବରଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏହି ୧୦ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ରୁ ୪୦ କିମି ଝଡି ପବନ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

## ବିହନ ଉତ୍ପାଦକମାନଙ୍କୁ ନେଇ ବୈଠକ

✸ ଅଣସ୍ୱୀକୃତିପ୍ରାପ୍ତ ବିହନ କମ୍ପାନୀଙ୍କ ବିକ୍ରି ରୋକିବାକୁ ଗୁରୁତ୍ୱ



**ନବରଙ୍ଗପୁର, ୨୨।୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ତରଫରୁ ଗତକାଲି ସ୍ୱୀକୃତି ପ୍ରାପ୍ତ ବିହନ ଉତ୍ପାଦନକାରୀ କମ୍ପାନୀମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀ ବୈଠକ ନବରଙ୍ଗପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ବିହନ କମ୍ପାନୀ ମାନଙ୍କର ୩୫ ଜଣ ପ୍ରତିନିଧି ସହିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ, କୃଷି ଜିଲ୍ଲା ଅଧିକାରୀ ନବରଙ୍ଗପୁର ଓ ପାପଡାହାଣ୍ଡି, ଉମରକୋଟ ତଥା ଯୋଜନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଚଳିତ ଖରିଫ ଋତୁ-୨୦୨୫ ନିମନ୍ତେ ଚାଷୀମାନଙ୍କୁ ସଠିକ ମାନର ବିହନ ଅଧିକୃତ ବିହନ କମ୍ପାନୀ ମାନଙ୍କ ଦ୍ୱାରା ଲେମ୍ପସ ଏବଂ ସ୍ୱୀକୃତି ପ୍ରାପ୍ତ ବିହନ ବ୍ୟବସାୟୀଙ୍କୁ ଠିକ ସମୟରେ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ଧାନ ଓ ମକା ଚାଷ ମୁଖ୍ୟ ହୋଇଥିବାରୁ ଏବଂ ଚାଷୀମାନଙ୍କ ଦ୍ୱାରା ଶଙ୍କର ଜାତୀୟ ବିହନ ପ୍ରତି ଅଧିକ ଆଗ୍ରହ ଥିବାରୁ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ବିହନ ଯୋଗାଣ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଅଣସ୍ୱୀକୃତି ପ୍ରାପ୍ତ କମ୍ପାନୀ ମାନଙ୍କର ବିହନ କୌଣସି ପରିସ୍ଥିତିରେ ବିକ୍ରୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ଅନିୟମିତତା ପରିଲକ୍ଷିତ ହୁଏ ତେବେ ନିୟମ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲ୍ଲାରେ ଚଳିତ ଖରିଫ ଋତୁରେ ୬୯୦୦୦ ହେକ୍ଟର ଜମିରେ ଶଙ୍କର ଜାତୀୟ ମକା ଚାଷ ହେବ ଏବଂ ୪୫୦୦୦ ହେକ୍ଟର ଜମିରେ ଶଙ୍କର ଜାତୀୟ ଧାନ ଚାଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସ୍ୱୀକୃତି ପ୍ରାପ୍ତ କମ୍ପାନୀ ମାନଙ୍କର ତରଫରୁ ସଠିକ ବିହନ ଠିକ ସମୟରେ ସୁଲଭ ମୂଲ୍ୟରେ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ ଗଠନ କରାଯାଇଅଛି, ଯେଉଁ ମାନେ ଜିଲ୍ଲାରେ ବିକ୍ରୟ କରୁଥିବା ଯେ କୌଣସି ସାର/ବିହନ/କୀଟନାଶକର ଯେ କୌଣସି ଅଧିକୃତ ବିକ୍ରେତାଙ୍କ ଦୋକାନରେ ବିନା ନୋଟିସରେ ଚଢାଉ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ତତକ୍ଷଣାତ୍ ନେଇ ପାରିବେ।

## ଅକ୍ସଫୋର୍ଡ଼ କଲେଜର ବାର୍ଷିକ ଉତ୍ସବ ଅକ୍ସ ମମ୍ବୋ ୨୦୨୫ ଉଦ୍‌ଯାପିତ



**ବାଲିଅନ୍ତା, ୨୨।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ରାମଚନ୍ଦ୍ରପୁର ସ୍ଥିତ ଅକ୍ସଫୋର୍ଡ୍ ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ ଅକ୍ସ ମମ୍ବୋ ୨୦୨୫ ଆଜି ଉଦଯାପିତ ହୋଇଯାଇଛି । ଦ୍ୱିତୀୟ ସନ୍ଧ୍ୟାରେ ରାଜସ୍ୱ, ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ବିଭିନ୍ନ ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନ୍ୟତମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସମ୍ପଦ ସ୍ୱାଇଁ ଯୋଗ ଦେଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, କଲେଜର ଚେୟାରମ୍ୟାନ ଡା. ଅନୁମାଧବ ପଣ୍ଡା,ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ଖଇରା ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ, କଲେଜର ପ୍ରିନସିପାଲ , ମ୍ୟାନେଜେମେଣ୍ଟ ଷ୍ଟାଫ, ଅଧାପକ/ଅଧାପିକା, ଛାତ୍ରଛାତ୍ରୀ ଓ ଅବିଭାବକମାନେ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବିଜେତା ଓ କ୍ୟାମ୍ପସ ଚୟନରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ପଟ୍ଟାମୁଣ୍ଡାଇ, ୨୨।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୋହନପୁର ପଂଚାୟତରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ପ୍ରାଣ ହରାଇ ଥିବା ଦୁଇ ମୃତକ ହେଲେ ବଡ଼ମୋହନପୁର ପଂଚାୟତ କଣିପାଳ ଗ୍ରାମର ଚିତ୍ତ ରଞ୍ଜନ ସାହୁ ଓ ମୃତ୍ୟୁଞ୍ଜୟ ସାହୁ। ଉଭୟ ଚିତ୍ତରଞ୍ଜନ ଓ ମୃତ୍ୟୁଞ୍ଜୟ ବାଇକ ଯୋଗେ ଯାଉଥିବା ସମୟରେ ଦିହୁଡିପୁର ପଂଚାୟତ ଚହଲିବାଙ୍କ ଛକ ନିକଟରେ ଅସାବଧାନତା ଯୋଗୁଁ ଭାରସାମ୍ୟ ହରାଇ ବାଇକ ସହିତ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ । ଯାହାଫଳରେ ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ଘଟି ଥିଲା । ତେବେ ଅତ୍ୟନ୍ତ ମୁମୂର୍ଷ ଅବସ୍ଥାରେ ଚିତ୍ତରଞ୍ଜନ ଓ ମୃତ୍ୟୁ ଞ୍ଜୟଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା । ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଂଚି ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

## କଳାରେ ମୋନାଲିସା ଓ ବାଣିଜ୍ୟରେ ସୌଭାଗିନୀ ଜିଲ୍ଲା ଟପର୍




**ନାଉଗାଁ, ୨୨।୫ (ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ଫଳ ପ୍ରକାଶ ପାଇଛି। ଏଥିରେ ନାଉଗାଁ ବ୍ଲକର କଳା ଓ ବାଣିଜ୍ୟ ବିଭାଗର ଦୁଇ ଛାତ୍ରୀ ଜଗତସିଂହପୁର ଜିଲ୍ଲା ଟପର୍ ହୋଇଛନ୍ତି। ଜଗତସିଂହପୁର ଏସଭିଏମ୍ କଲେଜର ଛାତ୍ରୀ ସୌଭାଗିନୀ ବିଶ୍ୱାଳ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ୫୫୫ ନମ୍ବର ରଖି ଜିଲ୍ଲା ଟପର୍ ହୋଇଥିବା ବେଳେ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମୋନାଲିସା ସ୍ୱାଇଁ ଯୁକ୍ତ ୨ କଳା ବିଭାଗରେ ୫୪୮ନମ୍ବର ରଖି ଜିଲ୍ଲା ଟପର୍ ହୋଇଛନ୍ତି। ସୌଭାଗିନୀଙ୍କ ଘର କୋରୁଅ ପଞ୍ଚାୟତର ଧୂଆଁପଦା ଗ୍ରାମରେ। ତାଙ୍କ ବାପା ଭଗବାନ ବିଶ୍ୱାଳ ଜଣେ ଚାଷୀ ହୋଇଥିବା ବେଳେ ମାତା ସ୍ମିତାରାଣୀ ବିଶ୍ୱାଳ ଗୃହିଣୀ ଅଟନ୍ତି। ସୌଭାଗିନୀ ଏହି ସଫଳତା ପାଇଁ ବାପା, ମାଆ ଓ ବଡ ବାପା କିଶୋର ଚନ୍ଦ୍ର ବିଶ୍ୱାଳଙ୍କ ସହିତ କଲେଜର ଅଧାପକ ଓ ଅଧାପିକାଙ୍କୁ ଶ୍ରେୟ ଦେଇଛନ୍ତି। ଉଚ୍ଚ ଶିକ୍ଷା କରି ଚାର୍ଟାର୍ଡ ଆକାଉଂଟାଂଟ ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସେହିପରି ମୋନାଲିସାଙ୍କ ଘର ଓଷକଣା ପଞ୍ଚାୟତର ନୟାସିଙ୍ଗଡ଼ା ଗ୍ରାମରେ। ତାଙ୍କ ବାପା ଆଦିକନ୍ଦ ସ୍ୱାଇଁ ଭାରତର ଖାଦ୍ୟ ନିଗମ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ମାତା ରିନାଲତା ସ୍ୱାଇଁ ଗୃହିଣୀ ଅଟନ୍ତି। ମନୋଲିସାଙ୍କ ଏହି ସଫଳତାର ଶ୍ରେୟ ନିଜର ଦୃଢ ଆତ୍ମବିଶ୍ୱାସ, କଠିନ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଥିବା ବେଳେ ପରିବାର ସଦସ୍ୟ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ମାନଙ୍କୁ ପ୍ରଦାନ କରିଛନ୍ତି। ଉଚ୍ଚ ଶିକ୍ଷା କରି ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖିଥିବା ମତବ୍ୟକ୍ତ କରିଛନ୍ତି।

## ଗୋପରେ ହେବ ହଜାର ଆସନ ବିଶିଷ୍ଟ ଅଡ଼ିଟୋରିୟମ

**ଗୋପ, ୨୨।୫ (ସଂଚାର ବ୍ୟୁରୋ):** ୩୧ଗୋଟି ପଞ୍ଚାୟତ ଏବଂ କୋଣାର୍କ ବିଜ୍ଞାପିତ ଅଞ୍ଚଳକୁ ଗୋପ ବ୍ଲକ ଗଠିତ। ଗୋପ ଅନ୍ୟ ଅଞ୍ଚଳ ମାନଙ୍କ ଠାରୁ ବହୁ ପଛରେ ରହିଯାଇଛି। ପ୍ରତ୍ୟକ ଦିନ ହଜାର ହଜାର ଲୋକେ ବିଭିନ୍ନ କାର୍ଯ୍ୟରେ ଗୋପ ଆସିଥାନ୍ତି। ସରକାରୀ ଠାରୁ ବେସରକାରୀ ବଡ ବଡ଼ ସଭା ଏବଂ ସାଂସ୍କୃତିକ କାର୍ଯ୍ୟଟିଏ କରିବାକୁ ହେଲେ ମଣ୍ଡପ କିମ୍ବା ବେସରକାରୀ ଜମିରେ ଟେଣ୍ଟବାନ୍ଧି କାର୍ଯ୍ୟକ୍ରମ ହୋଇଥାଏ। ଆଉ ଏସବୁ ଅସୁବିଧା ରହିବ ନାହିଁ। ଗୋପର ଉନ୍ନତି ପାଇଁ ସରକାର ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଗୋପ ବ୍ଲକରେ ବହୁଶୀଘ୍ର ଏକ ହଜାର ସିଟ ବିଶିଷ୍ଟ ଏକ ଅଡ଼ିଟୋରିୟମ କାରାଯିବ ଯାହା ଫଳରେ ସରକାରୀ ପୋଗ୍ରାମ ହେବା ସହ ସାଧାରଣ ଲୋକେ ଏହାର ସୁବିଧା ନେଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେହିପରି ଗୋପ ଦେଇ ହଜାର ହଜାର ପ୍ରଯ୍ୟଟକ କୋଣାର୍କ ଓ ପୁରୀ ଯାତାୟାତ କରିଥାନ୍ତି। ରାସ୍ତା ସଂକୋଚିତ ଯୋଗୁ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ଉପୁଜୁଛି। ଗୋପ ରାସ୍ତା ଚଉଡା ସହ ଗୋପ ବ୍ଲକରେ ଏକ ଷ୍ଟାଡିୟମ କାରଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

## ଦେବୀ ନଦୀ ଅଞ୍ଚଳରୁ ବୃଦ୍ଧି ପାଉଛି କଙ୍କଡା ଚାଲାଣ



ମାଫିଆ ସକ୍ରିୟ; ମାଲାମାଲ ବେପାରୀ

**କାକଟପୁର/ଅସ୍ତରଙ୍ଗ, ୨୨।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଜଙ୍ଗଲ ଓ ଦେବୀ ନଦୀ ପଠାରେ ଗାତରେ ରହୁଥିବା କଙ୍କଡା ହୋଟେଲରେ ଗ୍ରାହକ ମାନଙ୍କର ପ୍ରଥମ ପସନ୍ଦ। ଏଥିପାଇଁ ବିଭିନ୍ନ ଉପାୟରେ କଙ୍କଡା ବ୍ୟବସାୟୀମାନେ ଗଳାବାଟ ଦେଇ ଜଙ୍ଗଲ ଓ ନଦୀପଠାରୁ କଙ୍କଡା ଧରୁଛନ୍ତି। ତେବେ କେତେକ ଲୋକ ବିନା ଅନୁମତିରେ କଙ୍କଡା ଗୁଡିକୁ ଧରିବା ପରେ ଡ଼ଙ୍ଗାରେ ଆଣି ବ୍ୟବସାୟୀଙ୍କୁ ଦେଉଛନ୍ତି। ଏହି ରାକେଟରେ ବଡ଼ ବଡ଼ କଙ୍କଡା ବ୍ୟବସାୟୀ ରହିଛନ୍ତି। ସେମାନେ ସ୍ଥାନୀୟ ଗରିବ ଓ ଅବହେଳିତ ଶ୍ରେଣୀର ଲୋକ ମାନଙ୍କୁ ଦିନ ମଜୁରିଆ ହିସାବରେ ଡ଼ଙ୍ଗା ଦ୍ୱାରା ନିଷିଦ୍ଧାଞ୍ଚଳକୁ ପଠାଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ କଙ୍କଡା ଧରିବା ପରେ ସନ୍ଧ୍ୟା ପୂର୍ବରୁ ପୁଣି କୂଳକୁ ଫେରି ଆସିଥାନ୍ତି। ସେଠାରେ କଙ୍କଡା ବ୍ୟବସାୟୀମାନେ ଅପେକ୍ଷା କରି ରହୁଥାନ୍ତି। ଏହା ପରେ ଏହି କଙ୍କଡା ଗୁଡିକୁ ଫିସାରୀକୁ ନିଆଯାଇଥାଏ। ଏଠାରେ କଙ୍କଡା ଗୁଡିକର ଓଜନ ଓ ଗ୍ରେଡେସନ କରାଯିବା ପରେ ପ୍ୟାକିଂ କରି ସୁରକ୍ଷିତ ସ୍ଥାନରେ ରଖିଥାନ୍ତି। ପରେ ଅସ୍ତରଙ୍ଗରୁ ବସ ଯୋଗେ କଲିକତା, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏ ସବୁ ପ୍ରକ୍ରିୟା ଦୀର୍ଘ ବର୍ଷ ଧରି ଚାଲୁ ରହିଛି।

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା, ନଗର, ଝାଡ଼ଲିଙ୍ଗ, ଶିଶୁଅ ଆଦି ପଂଚାୟତରେ କଙ୍କଡା ବ୍ୟବସାୟ ବୃଦ୍ଧି ପାଇ ଚାଲିଛି। ଯାହା ଫଳରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ମଧ କଙ୍କଡା ଗୁଡିକ ବିକ୍ରୟ ହେଉଥିବାର ଦେଖିବାକୁ ମିଳିଛି। କଙ୍କଡା ଜଳରେ ବାସ କରୁଥିବା ବେଳେ ଆବର୍ଜନା ଖାଇ ସଫା କରିଦେଇଥାଏ। ଏପରିକି ତରଳ ଅପରିଷ୍କାର ଜିନିଷ ଗୁଡିକ ମଧ ଖାଇବା ଦ୍ୱାରା ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥାଏ। ଓଡିଶା ବାହାରେ ଅସ୍ତରଙ୍ଗ ଅଞ୍ଚଳ କଙ୍କଡା କିଲୋ ପିଛା ୧ହଜାରରୁ ଦେଢ଼ ହଜାର ଟଙ୍କାରେ ବିକ୍ରୟ ହୋଇଥାଏ। ଦିନକୁ କୁଇଣ୍ଟାଲ କୁଇଣ୍ଟାଲ କଙ୍କଡା ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ସମ୍ପୃକ୍ତ ମାଫିଆମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପରିବେଶବିତ୍ ନାମ ଗୋପନ ରଖି କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କିଛି ଗୋଷ୍ଠୀ କଙ୍କଡା ବଂଶ ନିପାତ ପାଇ ସକ୍ରିୟ ହୋଇ ପଡିଛନ୍ତି। କଙ୍କଡା ବଂଶକୁ ସୁରକ୍ଷା ଦେବା ପାଇ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି।

**AFFIDAVIT**

By virtue of an affidavit sworn before the Notary Public, Borigumma on dated 15/05/2025, I SAMUDU GADABA of village , Sosahandi, post-Sosahandi, P.S Kotpad, District-Koraput,pin-764056, declare that I have changed my name from SAMANDHU GADABA to SAMUDU GADABA. Henceforth, I shall be known as SAMUDU GADABA to all purpose.

### ଟୋକିଓ ଗସ୍ତରେ ସାଂସଦ ଅପରାଜିତା ଷଡଙ୍ଗୀ

# ରକ୍ତ ଓ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାୟ ୩୩ଟି ଦେଶକୁ ୭ ଦଳ ପଠାଯାଇଛି। ଏହା ଅନ୍ତର୍ଜାତୀୟ ସମୁଦାୟ ସହ ଭାରତର ସୀମାପାର ଆତଙ୍କବାଦ ବିରୋଧରେ ଦୃଢ଼ ଆସ୍ଥା ସଂଯୋଗ କରିବା ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଦ୍ୱାରା ଗଠିତ ହୋଇଥିବା ୮ମ ଦଳର ୭ଜଣିଆ ପ୍ରତିନିଧି ଦଳ ଟୋକିଓ ଗସ୍ତରେ ଯାଇଛନ୍ତି। ଗୁରୁବାର ଭାରତୀୟ ଦୂତାବାସରେ ଜାପାନରେ ଭାରତୀୟ ରାଷ୍ଟ୍ରଦୂତଙ୍କ ପ୍ରତିନିଧିମଣ୍ଡଳୀଙ୍କୁ ଏହି ପ୍ରତିନିଧି ଦଳ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ଏଥିସହ ଶ୍ରୀମତୀ ଷଡ଼ଙ୍ଗୀ ଟୋକିଓସ୍ଥିତ ଏଡୋଗାୱାଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜାପାନର ବୈଦେଶିକ ମନ୍ତ୍ରୀ ତାକେଶୀ ଇୱାୟାଙ୍କୁ ଏହି ପ୍ରତିନିଧି ଦଳ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପହଲଗାମ୍ ଆତଙ୍କୀ ହମ୍‌ଲା ପରେ ଆତଙ୍କବାଦ ବାଣିଜ୍ୟ କଦାପି ଏକାଠି ଚାଲିପାରିବ ନାହିଁ। ରକ୍ତ ଓ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ଏହି ପ୍ରତିନିଧି ଦଳ ଆତଙ୍କବାଦ ବିରୋଧରେ ଆମର ଯୁଦ୍ଧରେ ଜାପାନର ସମର୍ଥନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଏହି ସହରର ବୁଦ୍ଧିଜୀବୀ, ପେଷାଜୀବୀ ଓ ବୟୋଜ୍ୟେଷ୍ଠଙ୍କ ସହ ବାର୍ତ୍ତାଳାପ କରିବା ସହ ପହଲଗାମ୍‌ରେ ପାକିସ୍ତାନ ରଚିଥିବା ଘୃଣିତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଶୁଣି ସେମାନେ ସମସ୍ତେ ନିର୍ବାକ ହୋଇଯାଇଥିଲେ। ପରେ ଅନ୍ତିମ ସନ୍ଧ୍ୟାରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ଉପସଭାପତି ଯୋଶୀହିଦେ ସୁଗା ଓ ହାଉସ୍ ଅଫ୍ ରିପ୍ରେଜିଣ୍ଟିଭ୍ ରାଷ୍ଟ୍ରୀୟ ସୁରକ୍ଷା ସମିତିର ସଦସ୍ୟ ଟାକାଶି ଏଣ୍ଡୋଙ୍କ ସହ ଆଲୋଚନା କରିଥିଲୁ। ପାକିସ୍ତାନ ଦ୍ୱାରା ଭାରତ ବିରୋଧରେ କରାଯାଉଥିବା ମିଥ୍ୟା ଓ ସଂଗଠିତ ଭାବେ ଆତଙ୍କବାଦକୁ ବୃଦ୍ଧି ଦେବା ସମ୍ପର୍କରେ ଏହି ପ୍ରତିନିଧି ଦଳ ସେମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେମାନେ ମଧ୍ୟ ଆତଙ୍କୀବାଦୀଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସମର୍ଥନ ଲୋଡିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀମତୀ ଷଡଙ୍ଗୀ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିବା ବେଳେ ଜେଡିୟୁ ସାଂସଦ ମନୋଜ ଝା ନେତୃତ୍ୱ ନେଉଛନ୍ତି।

## ମେୟରଙ୍କ ଇସ୍ତଫା ଦାବିକଲେ ଜଗନ୍ନାଥ



**ଭୁବନେଶ୍ୱର,୨୨।୫ (ସଂଚାର ବ୍ୟୁରୋ):** ପଡୋଶୀ ବଂଲାଦେଶୀମାନଙ୍କ ଅନୁପ୍ରବେଶ ଓ ବେଆଇନ ଭାବେ ବସବାସ କରିବା ଦେଶର ବାହ୍ୟ ଓ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଘୋର ବିପଦ ସୃଷ୍ଟି କରିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ ବିତାଡ଼ିତ କରିବା ସକାଶେ ଯୋଜନା ଓ ଆଇନ ପ୍ରସ୍ତୁତ କରୁଥିବା ସମୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଗଣମାଧ୍ୟମ ଜରିଆରେ ସେମାନଙ୍କୁ ସୁରକ୍ଷା, ସମର୍ଥନ ଓ ସ୍ଥାୟୀ ରୂପେ ରହିବା ପାଇଁ ଦେଇଥିବା ମନ୍ତବ୍ୟକୁ ଘୋର ନିନ୍ଦା କରି ଆଜି ରାଜରାସ୍ତାରେ ବିକ୍ଷୋଭ କରିଛି ଆଞ୍ଚଳିକ ସୁରକ୍ଷା ମଞ୍ଚ। ମଞ୍ଚ ସଭାପତି ତଥା ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ରାଜମହଲ ଛକରେ ହଜାର ହଜାର ଜନସାଧାରଣ ଯୋଗଦେଇ ମେୟର ଶ୍ରୀମତୀ ଦାସଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ମଞ୍ଚର ସଭାପତି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବିରୋଧରେ ଷଡଯନ୍ତ୍ର କରୁଥିବା ବାଂଲାଦେଶ ନାଗରିକଙ୍କୁ ମେୟର ଏକ ସାମ୍ବିଧାନିକ ପଦରେ ରହି ସମର୍ଥନ କରିବା ନିନ୍ଦନୀୟ ଓ ରାଷ୍ଟ୍ର ବିରୋଧୀ। ଯଦି ମେୟରଙ୍କ ନିକଟରେ ସାମାନ୍ୟତମ ରାଷ୍ଟ୍ରପ୍ରେମ ଥାଏ, ତା'ହେଲେ ସେ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ସହ ଦେଶବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଉଚିତ। ଶୋଭାଯାତ୍ରାଟି ରାଜମହଲ ଛକରୁ ବାହାରି ଶିଶୁ ଭବନ ଛକରେ ପହଞ୍ଚିଥିବା ବେଳେ ଏହି ପ୍ରତିବାଦକୁ ସାଧାରଣ ଜନତା ପୂର୍ଣ୍ଣ ସମର୍ଥନ ଦେଇଥିବା ଶ୍ରୀ ପ୍ରଧାନ କହିଛନ୍ତି।

## ଖୋର୍ଦ୍ଧା ଗସ୍ତରେ ରାଜ୍ୟପାଳ, ବିଭିନ୍ନ ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

**ଖୋର୍ଦ୍ଧା, ୨୨।୫ (ସଂଚାର ବ୍ୟୁରୋ) :** ରାଜ୍ୟପାଳ ହରିବାବୁ କମ୍ଭମ୍‌ପତି ଖୋର୍ଦ୍ଧା ଗସ୍ତ କରିଛନ୍ତି। ରାଜ୍ୟପାଳ ଏହି ସମୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ଖୋର୍ଦ୍ଧା ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କିଭଳି କାର୍ଯ୍ୟ ଚାଲିଛି, ତାହାର ସମୀକ୍ଷା କରୁଛନ୍ତି ରାଜ୍ୟପାଳ। ପୂର୍ବାହ୍ନ ୧୦ଟାରେ ରାଜ୍ୟପାଳ ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ରାଜ୍ୟପାଳ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଅଛନ୍ତି। ଜିଲାପାଳ ସ୍ୱାଗତ ଭାଷଣରେ ଜିଲାର ଭୌଗୋଳିକ, ଐତିହ୍ୟ, ପର୍ଯ୍ୟଟନ, ଶିଳ୍ପ ସ୍ଥିତି ଉପରେ କହିଥିଲେ। ପରେ ରାଜ୍ୟପାଳ ଗୋଟିଏ ପରେ ଗୋଟିଏ ବିଭାଗର ସମୀକ୍ଷା କରିଥିଲେ।




# ଧରାପଡ଼ିଲେ ଦୁଇ ନକଲି ପୁଲିସ୍



**ଦିଗପହଣ୍ଡି,୨୨।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଥାନାଠାରୁ ପ୍ରାୟ ୫୦ ମିଟର ଦୂର ଏନ୍‌ଏସି ଚେକ୍ ଗେଟ୍ ନିକଟରେ ନିଜକୁ ପୁଲିସ ବୋଲି ପରିଚୟ ଦେଇ ୨ ଜଣ ଯୁବକଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଦୁଇ ଲୁଟେରାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ତରାଶ ଗ୍ରାମର ମହେଶ୍ୱର ଦଳାଇ ଓରଫ ଜଗନ ଓ ଗଣେଶ ବେହେରା ବୋଲି ଜଣାପଡ଼ିଛି। ସେମାନଙ୍କ ନାମରେ ୧୮୨/୨୫ ନମ୍ବରରେ ଏତଲା ରୁଜୁ ହୋଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଇ ଦିଆଯାଇଛି।

ଗତ ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ପି. ସଇଲାଙ୍ଗ ଗ୍ରାମର କପଡ଼ା ବ୍ୟବସାୟୀ ଅଇମୋଷ ପାଣି ତାଙ୍କ ଭିଣୋଇ ଦିଲରାଜ ଛିଞ୍ଚାଣିଙ୍କ ସହ

### ବାଇକ୍, ଲ୍ୟାପଟପ୍ ସହ ଲକ୍ଷେ ଟଙ୍କା ଜବତ

ବାଇକ (ନଂ. ଓଡ଼ି ୨୦ ବି -୨୦୪୯) ଯୋଗେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ଯାଉଥିବା ବେଳେ ଦିଗପହଣ୍ଡି ଏନ୍‌ଏସି ଚେକ୍ ଗେଟ୍ ହନୁମାନ ଛକ ନିକଟରେ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଅଟକାଇଥିଲେ। ଉଭୟେ ସେମାନଙ୍କୁ ପୁଲିସ କର୍ମଚାରୀ ବୋଲି ପରିଚୟ ଦେଇ ଦ୍ରୁତ ଗତିରେ ବାଇକ୍ ଚଳାଉଥିବାରୁ ୩୨ ଶହ ଟଙ୍କାର ଚାଲାଣ କାଟିବାକୁ ବାଧ୍ୟ କରିଥିଲେ। ଏଥିରେ ଅଇମୋଷ ଓ ଦିଲରାଜ ଅରାଜି ହେବାରୁ ଅଭିଯୁକ୍ତମାନେ ୧ ହଜାର ଟଙ୍କା ଦେବାକୁ କହିଥିଲେ। କିନ୍ତୁ ଏଥିରେ ବି ସେମାନେ ରାଜି ନ ହେବାରୁ ଦୁଇ ଅଭିଯୁକ୍ତ ମାଡ଼ ମାରିବା ସହ ଟଙ୍କା ଥିବା ତାଙ୍କ ବ୍ୟାଗକୁ ଛଡ଼ାଇ ନେଇଥିଲେ। ପରେ ଥାନାକୁ ଚାଲ ବୋଲି କହି ସେମାନେ ଉଭୟଙ୍କୁ ବାଇକ୍‌ରେ ବସାଇ ଥାନାକୁ ଯିବା ସମୟରେ ପୁଲିସ୍‌କୁ ଦେଖି ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କ ବାଇକ୍ ରାସ୍ତାକଡ଼କୁ ଖସିପଡ଼ିଥିଲା। ବ୍ୟବସାୟୀ ଅଇମୋସ ଥାନା ମଧ୍ୟକୁ ଦୌଡ଼ି ଯାଇ ସେଠାରେ ଥିବା କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଭିଯୁକ୍ତଙ୍କୁ କାବୁ କରିବା ସହ ଥାନାକୁ ଆଣିଥିଲେ। ଏନେଇ ଏତଲା ହେବା ପରେ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବା ସହ ତଦନ୍ତ ପାଇଁ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ବାଇକ୍ (ନଂ. ଓଡ଼ି ୩୩ ଏଆର -୦୧୬୮), ୧ ଲକ୍ଷ ଟଙ୍କା ଥିବା ବ୍ୟାଗ୍, ୨ଟି ମୋବାଇଲ ଫୋନ୍, ମହେଶ୍ୱରଙ୍କ ଆଧାର କାର୍ଡ, ମନିପର୍ସରେ ଥିବା ୫୧୦ ଟଙ୍କା ଓ ଏଟିଏମ୍ କାର୍ଡ ଆଦି ଜବତ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଘର ଭିତରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ବାଲେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ବାଲେଶ୍ୱରର ଭୋଗରାଇ ଅଞ୍ଚଳରୁ ଜନୈକା ନାବାଳିକାଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏକ ଘର ଭିତରୁ ଉକ୍ତ ମୃତଦେହ ଉଦ୍ଧାର ହୋଇଥିବା ବେଳେ ତାଙ୍କୁ ହତ୍ୟା କରି କେହି ଟାଙ୍ଗିଦେଇଥିବା ଭୋଗରାଇ ଥାନାରେ ମୃତା ନାବାଳିକାଙ୍କ ଭାଇ ଗତକାଲି ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ଭୋଗରାଇ ଥାନା ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିବା ସହ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଘଟଣାରେ ବସନ୍ତ ମାଝୀ ନାମକ ଯୁବକକୁ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ନାବାଳିକାଙ୍କ ବାପା, ମା' ଏବଂ ଭାଇ ରାଜ୍ୟ ବାହାରେ କାମ କରୁଥିବା ବେଳେ ମୃତ ନାବାଳିକା ଜଣକ କଲେଜରେ ପଢ଼ିବା ସହ ହଷ୍ଟେଲ୍‌ରେ ରହୁଥିଲେ। ଦୁଇ ଦିନ ପୂର୍ବରୁ ନାବାଳିକା ଜଣଙ୍କ ଘରକୁ ଆସି ଏକୁଟିଆ ରହିଥିଲେ। ମୃତ ଛାତ୍ରୀଙ୍କ ଭାଇ ଏତଲାରେ ଦର୍ଶାଇଛନ୍ତି ଯେ ଗତ ଗତ ମଙ୍ଗଳବାର ବସନ୍ତ ଓ ତାଙ୍କର କେତେକ ସହଯୋଗୀ ତାଙ୍କ ଭଉଣୀଙ୍କୁ ଘରେ କେହି ନ ଥିବାର ସୁଯୋଗ ନେଇ ଦୁଷ୍କର୍ମ କରିବା ସହ ପ୍ରମାଣ ନଷ୍ଟ କରିବାକୁ ହତ୍ୟା କରିବା ସହ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ରଶିରେ ଝୁଲାଇ ଦେଇଛନ୍ତି। ଏହି ମାମଲାରେ ଭୋଗରାଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ନେତୃତ୍ୱରେ ଭୋଗରାଇ ପୁଲିସ ମୃତଦେହକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ସକାଶେ ପଠାଇଥିବା ଜଣାପଡ଼ିଛି।

● ଶିଶୁ ଭବନରେ ଅବ୍ୟବସ୍ଥାର ଚିତ୍ର

## ମୋବାଇଲ ଲାଇଟ୍‌ରେ ହେଉଛି ଚିକିତ୍ସା




**କଟକ,୨୨।୫(ସଂଚାର ବ୍ୟୁରୋ):** ଲାଇଟ୍ ବ୍ୟବସ୍ଥା ନାହିଁ ନା ଡାକ୍ତରଙ୍କ ଅବହେଳା ଯୋଗୁଁ ରୋଗୀଙ୍କ ଜୀବନ ବିପନ୍ନ ହେଉଛି? ମାଇନର ଅପରେସନ ଥିଏଟର ଥାଇ ବି କେମିତି ଛୋଟ ପିଲାର ମୁଣ୍ଡରେ ଷ୍ଟିଚ୍ ପଡ଼ିଲା? କଟକ ଶିଶୁ ଭବନରେ ଏଭଳି ଦୃଶ୍ୟ ଏବେ ଚାରିଆଡ଼େ ଭାଇରାଲ ହେଉଛି। ଭାଇରାଲ୍ ହୋଇଥିବା ଦୃଶ୍ୟ ଅନୁସାରେ, ସିକ୍ୟୁରିଟି ଗାର୍ଡ଼ ଟର୍ଚ୍ଚ ଲାଇଟ ପକାଇଛନ୍ତି ଓ ଜଣେ ଡାକ୍ତର ଜନୈକ ଶିଶୁର ଆଘାତ ଲାଗିଥିବା ମୁଣ୍ଡକୁ ସିଲେଇ କରୁଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ଶିଶୁ ଭବନର ନୂତନ ବିଲଡିଂ ତିଆରି ହୋଇଛି। ଚିକିତ୍ସାଳୟରେ ସମସ୍ତ ଆଧୁନିକ ସୁବିଧା। ହେଲେ କେଉଁ ପରିସ୍ଥିତିରେ ଡାକ୍ତର କାଜୁଆଲିଟିରେ ରୋଗୀର ଏପରି ଚିକିତ୍ସା କଲେ ତାକୁ ନେଇ ଉଠିଛି ପ୍ରଶ୍ନ। ଗତକାଲି ରାତି ପ୍ରାୟ ୮ଟାରେ ଜଣେ ଦୁଇ ବର୍ଷର ଶିଶୁ ମୁଣ୍ଡରେ ଆଘାତ ଲାଗିବାରୁ ଚିକିତ୍ସା ପାଇଁ ଆସିଥିଲା। କାଜୁଆଲଟିରେ ଥିବା ଡାକ୍ତର ମାଇନର ଓଟିରେ ଷ୍ଟିଚ କରିବା ବଦଳରେ ଟର୍ଚ୍ଚ ଲାଇଟରେ ଡ୍ରେସିଂରୁମରେ ଷ୍ଟିଚ୍ କରିଥିଲେ। ଏହାର ଭିଡିଓ ମଧ୍ୟ ଉତ୍ତୋଳନ କରାଯାଇଥିଲା। ଏପରି ଏକ ଭିଡିଓ ଭାଇରାଲ୍ ହେବା ପରେ ତଦନ୍ତ ପାଇଁ ଅଧୀକ୍ଷକ ଏକ ୬ଜଣିଆ କମିଟି ଗଠନ କରିଛନ୍ତି। ଏନେଇ ସମ୍ପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ।

# ବାଂଲାଦେଶୀଙ୍କୁ ତଡ଼ିପାର ପ୍ରସଙ୍ଗରେ ମେୟରଙ୍କୁ ବିରୋଧ



**ଭୁବନେଶ୍ୱର,୨୨।୫(ସଂଚାର ବ୍ୟୁରୋ):** ବାଂଲାଦେଶୀ ନାଗରିକଙ୍କୁ ତଡ଼ିପାର ପ୍ରସଙ୍ଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ଦେଇଥିବା ମନ୍ତବ୍ୟକୁ ବିରୋଧ କରାଯିବା ସହ ତାଙ୍କୁ କଳାପତାକା ପ୍ରଦର୍ଶନ କରିଛନ୍ତି ସ୍ଥାନୀୟ ଲୋକେ। ଆଜି ମେୟରଙ୍କୁ ତାଙ୍କ ମନ୍ତବ୍ୟ ପ୍ରତିବାଦରେ ନୀଳାଦ୍ରି ବିହାରରେ ଥିବା ୧୪ ନମ୍ବର ୱାର୍ଡ ଅଫିସ ସମ୍ମୁଖରେ କେତେକ ସ୍ଥାନୀୟ ବାସିନ୍ଦା ଏହି କଳା ପତାକା ପ୍ରଦର୍ଶନ କରିଛନ୍ତି। ନିକଟରେ ମେୟର ସୁଲୋଚନା ଦାସ ଭୁବନେଶ୍ୱରରେ ରହୁଥିବା ବାଂଲାଦେଶୀ ନାଗରିକଙ୍କୁ ଏଠାରୁ ବିଦା କରିବା ନେଇ ନେଇ ବିଭିନ୍ନ ଗଣମାଧ୍ୟମରେ ମନ୍ତବ୍ୟ ରଖିଥିଲେ। କିନ୍ତୁ ଏହି ବିରୋଧ ସତ୍ତ୍ୱେ ଆଜି ଶ୍ରୀମତୀ ଦାସ ସମାନ କଥା ଦୋହରାଇଛନ୍ତି। ସେ କହିଛନ୍ତି ଯେ ଦେଶରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କୁ ହଟାଇବା ସକାଶେ ସରକାର ପଦକ୍ଷେପ ନେଉଛନ୍ତି। ତେବେ ଦୀର୍ଘ ଦିନ ଧରି ରାଜଧାନୀରେ ରହୁଥିବା ଯେଉଁସବୁ ବାଂଲାଦେଶୀଙ୍କର ଭୋଟର ଓ ରାସନ କାର୍ଡ ରହିଛି ସେମାନଙ୍କ ପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେନେଇ ସରକାର ଚିନ୍ତା କରିବା ଦରକାର। ତେବେ ସରକାର ଯାହା ନିଷ୍ପତ୍ତି ନେବେ, ତାହା କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମତୀ ଦାସ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ମେୟର ଶ୍ରୀମତୀ ଦାସ କହିଥିଲେ ଯେ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟାରେ ବିଏମ୍‌ସି ସହଯୋଗ କରିବ। ଯେଉଁମାନଙ୍କର ଭୋଟର ପରିଚୟପତ୍ର, ଆଧାର କାର୍ଡ ଓ ରାସନ କାର୍ଡ ଅଛି, ସେମାନଙ୍କର କୌଣସି ସମସ୍ୟା ନାହିଁ। ଯେଉଁମାନେ ଅବୈଧ ଭାବେ ସୀମା ପାର୍ ହୋଇ ଆସୁଛନ୍ତି ବା ଯେଉଁମାନଙ୍କର ଖାତା ଖତିୟାନ ନାହିଁ, ସେମାନଙ୍କୁ ସହରରୁ ବିଦା କରାଯରିବ। ତେବେ ମେୟରଙ୍କ ଏପରି ମନ୍ତବ୍ୟକୁ ନେଇ ପରବର୍ତ୍ତୀ ସମୟରେ ବିବାଦ ତେଜିଥିଲା।

## ଭିଜିଲାନ୍ସ ଜାଲରେ ତିଗିରିଆ ଥାନା ଏଏସ୍‌ଆଇ



**ଆଠଗଡ, ୨୨।୫ (ସଂଚାର ବ୍ୟୁରୋ) :** ଭିଜିଲାନ୍ସ ଜାଲରେ ତିଗିରିଆ ଥାନାର ଏଏସଆଇ ପ୍ରଦୀପ କୁମାର ବେହେରା। ଏକ ଫୌଜଦାରୀ ମାମଲାର ରଫାଦଫା ନିମନ୍ତେ 5000 ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଲା ଭିଜିଲାନ୍ସ। ପ୍ରଦୀପଙ୍କୁ ଅଟକ ରଖି ଅଧିକ ଖୋଳତାଡ ଆରମ୍ଭ କରିଛି ଭିଜିଲାନ୍ସ । କିଛି ଦିନ ତଳେ ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ର ଏକ ଦଳିତ ମାମଲାର ସମାଧାନ କରାଇବା ନିମନ୍ତେ ପାଞ୍ଚ ହଜାର ଟଙ୍କା ନେବା ପାଇଁ ଦାବି କରିଥିଲେ ପ୍ରଦୀପ ବେହେରା । ଆଗରୁ ମଧ୍ୟ ଏଭଳି ଘଟଣା ତିଗିରିଆ ଥାନାରେ ହେଉଥିବା ଅଭିଯୋଗ ହୋଇ ଆସୁଥିବା ସାଧାରଣ ରେ ଚର୍ଚ୍ଚା ହେଉଥିଲା। ପ୍ରଦୀପଙ୍କ ନାମରେ ପୂର୍ବରୁ ଏଭଳି ଲାଞ୍ଚ ଦାବି କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା ।

## ୧୮ କେଜି ଗଂଜେଇ ଜବତ, ଅଭିଯୁକ୍ତ ଗିରଫ

**ବାଲିଗୁଡା,୨୨।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ସୁରାପାଙ୍ଗା ଗାଁ ନିକଟରେ ବେଆଇନ ଗଂଜେଇ ଚୋରା ଚାଲାଣ ବେଳେ ପୋଲିସର ଚଢ଼ାଉ । ଘଟଣା ସ୍ଥଳରୁ ଏକ ବାଇକ ସହ ୧୮ କେଜି ଗଂଜେଇ ଜବତ କରିବା ସହ ଜଣକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ହେଲେ କ.ନୂଆଗାଁ ଥାନା ସୁରାପାଙ୍ଗା ଗାଁର ତ୍ରିଲୋଚନ ସାହୁ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଅଭିଯୁକ୍ତ ତ୍ରିଲୋଚନ ସାହୁ ଏକ ବାଇକରେ ଗଂଜେଇ ବସ୍ତା ଧରି ନିଜ ଗାଁରୁ ଚାଲାଣ ପାଇଁ ଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ କ.ନୂଆଗାଁ ପୋଲିସ ଚଢ଼ାଉ କରିଥିଲା ।



# ଗାନ୍ଧିଙ୍କ ବିଚାର ଓ ମୋଦିଙ୍କ କାମ

**ଭୁବନେଶ୍ୱର,୨୨।୫:** 'ମୁଁ ଗାନ୍ଧୀଙ୍କ ବିଚାରକୁ ପଢ଼େ ଓ ମୋଦିଙ୍କ ବିଚାର ଅନୁଯାୟୀ କାମ କରେ'- ଏ ବକ୍ତବ୍ୟ ହେଉଛି ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର। ପଣ୍ଡିତ ନୀଳକଣ୍ଠ ଦାସଙ୍କ ଏକ ପ୍ରତିମୂର୍ତ୍ତି ଅନାବରଣ ସହିତ ଲବଣ ସତ୍ୟାଗ୍ରହର ସ୍ମୃତିଚାରଣ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଭାରତର ସ୍ୱାଧୀନତା ଆନ୍ଦୋଳନ ଏବଂ ଦେଶର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନର ପ୍ରଶଂସା କରିଛନ୍ତି ।

ଲବଣ ତୀର୍ଥ କୁହୁଡ଼ିଠାରେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଗ୍ରାମ ସ୍ୱରାଜ ପ୍ରତିଷ୍ଠା ସହ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଜାତିର ଜନକ ଗାନ୍ଧୀଜୀଙ୍କର ଯେଉଁ ପରିକଳ୍ପନା ଥିଲା, ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଷରେ ଅକ୍ଷରେ ପ୍ରତିପାଳନ କରୁଛନ୍ତି । ଓଡ଼ିଶା ସମେତ ସାରା ଦେଶରେ ଲକ୍ଷଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହେବା ଏହାର ଏକ ଉଦାହରଣ ବୋଲି ସେ କହିଛନ୍ତି। ଦେଶର କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସଂଗେ ସଂଗେ ବାହ୍ୟ ଶତ୍ରୁ ଆକ୍ରମଣର ପ୍ରତିରୋଧ ପାଇଁ ଜାତି, ଧର୍ମ, ଦଳ, ବର୍ଣ୍ଣ ନିର୍ବିଶେଷରେ ସାରା ଦେଶବାସୀ ପହଲଗାମ୍ ଘଟଣା ପରେ ଯେପରି ଏକତାର ନିଦର୍ଶନ ଦେଲେ ଏବଂ ଭାରତୀୟ ସେନା ଉଚିତ୍ ଜବାବ ଦେବା ସହିତ ଏହି ଅଭିଯାନକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦକ୍ଷ ନେତୃତ୍ୱ ଯେଭଳି ପରିଚାଳନା କଲା ତାହା ଅଦ୍ୱିତୀୟ । ମହାତ୍ମା ଗାନ୍ଧୀ ପ୍ରାସଂଗିକ ଥିଲେ, ପ୍ରାସଂଗିକ ଅଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ପ୍ରାଂସଗିକ ରହିବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି ।



ଏହି ସମାବେଶରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଗାନ୍ଧୀ ଦର୍ଶନର ଅନ୍ୟତମ ଚିନ୍ତକ ପ୍ରହ୍ଲାଦ କୁମାର ସିଂହ କହିଛନ୍ତି ଯେ ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନା ବରଣ ପୃଷ୍ଠଭୂମିରେ ଯେଉଁ ସ୍ୱାଧୀନତା ଆସିଛି ତାହାକୁ ସମୃଦ୍ଧ ଓ ସୁରକ୍ଷିତ ରଖିବା ପାଇଁ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ସତ୍ୟ, ଅହିଂସା, ସେବା, ମିତବ୍ୟୟିତା, ସାଧୁତା, ସାମ୍ପ୍ରଦାୟିକ ସଦ୍‌ଭାବ, ସ୍ୱାବଲମ୍ବନ, ସ୍ୱାଭିମାନ ସହିତ ଗ୍ରାମ ସ୍ୱରାଜର ରୂପାୟନ ହେବା ଆବଶ୍ୟକ। ଲବଣ କର ଉଚ୍ଛେଦ ପରିବର୍ତ୍ତେ ଆଜିର ଦିନରେ ଦେଶବାସୀ ଲୁଣ ଉପରେ ଟିକସ ଦେବା ଏବଂ ଲବଣ ସତ୍ୟାଗ୍ରହ ସମୟରେ ଓଡ଼ିଶାର ସ୍ଥାନ ଦେଶରେ ଦ୍ୱିତୀୟ ଥିବାବେଳେ ରାଜ୍ୟର ୪୮୦ କିଲୋମିଟର ଦୈର୍ଘ୍ୟର ସାମୁଦ୍ରିକ ବେଳାଭୂମି ଓ ୧୧୦୦ ବର୍ଗ କିଲୋମିଟର ପରିମିତ ଚିଲିକା ହ୍ରଦ ଥାଇ ମଧ୍ୟ ଏଠାରେ ଲୁଣ ମରାଯାଉନଥିବାରୁ ଅନ୍ୟ ରାଜ୍ୟରୁ ଲୁଣ ଉତ୍ପାଦନ କରି ବଡ଼ ବଡ଼ କମ୍ପାନୀମାନେ ଓଡ଼ିଶାରୁ କୋଟି କୋଟି ଟଙ୍କା ଲୁଟୁଛନ୍ତି ।

ସେହିଭଳି କପଡ଼ା, ତେଲ, ଚିନି, ଆଳୁ, ପିଆଜ, ଔଷଧ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଉତ୍ପାଦନ ଲାଗି ଓଡ଼ିଶାରେ ଭିତ୍ତିଭୂମି ଥିବାବେଳେ ଏହାର ଉପଯୋଗ କରାଯାଉନଥିବାରୁ ଆର୍ଥିକ କ୍ଷେତ୍ରରେ ଓଡ଼ିଶା ପଛରେ ରହିବା ସହ ବେକାରୀ ଓ ବେଜରୋଗାରୀ ବଢ଼ୁଛି। ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗକୁ ସରକାରୀ ଓ ବେସରକାରୀ ସ୍ତରରେ ଅନୁସରଣ କରିବା ପାଇଁ ମତବ୍ୟକ୍ତ କରିବା ସହିତ ସେ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଯୋଗଦାନ ଓ ବଳିଦାନ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ରଖିଥିଲେ ।

ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ଓ କାକଟପୁରର ପଞ୍ଚାୟତ ସମିତି ଅଧ୍ୟକ୍ଷ, ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ ପଟ୍ଟନାୟକ ପ୍ରମୁଖ ଐତିହାସିକ ସଂଗ୍ରାମୀ ସ୍ମୃତିପୀଠ କୁହୁଡ଼ିର ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀର ସ୍ମୃତି ରୋମନ୍ଥନ କରିଥିଲେ। (ତଥ୍ୟ)

## ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ପଚରାଉଚରା

**ଜଳେଶ୍ୱର,୨୨।୫(ସଂଚାର ବ୍ୟୁରୋ) :** ବାଲେଶ୍ୱରରେ ଲଜ୍ଜା । ନାବାଳିକା ସହ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ । ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଂଚଳରେ ଘଟିଛି ଘଟଣା । ଘରେ କେହି ନଥିବା ବେଳେ ଲକ୍ଷ୍ମୀପାଟଣା ଗାଁର କିଛି ଯୁବକ ନାବାଳିକା ସହ ଦୁଷ୍କର୍ମ ପରେ ହତ୍ୟା କରିଥିବା ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି ମୃତ ନାବାଳିକାଙ୍କ ଭାଇ। ଘଟଣାସ୍ଥଳରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି ପୋଲିସ । ନାବାଳିକାଙ୍କ ବାପା, ମା', ବାହାର ରାଜ୍ୟରେ ରହୁଥିବା ବେଳେ ନାବାଳିକା ଜଣଙ୍କ ଘରେ ଏକୁଟିଆ ରହୁଥିଲେ । ଏହାର ସୁଯୋଗ ନେଇ ମଙ୍ଗଳବାର ରାତି ସମୟରେ ଲକ୍ଷ୍ମୀପାଟଣା ଗାଁର ବସନ୍ତ ମାଝୀ ଓ ତାଙ୍କର କିଛି ସହଯୋଗୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ସୁନା ୨୪୦୦ ଟଙ୍କା ମହଙ୍ଗା: ରୁପା କେଜି ୩୦୦୦ ବଢ଼ିଲା

**ଭୁବନେଶ୍ୱର, ୨୨।୫:** ପୁଣି ଥରେ ଭୁବନେଶ୍ୱରରେ ସୁନା ଦର ବେଲଗାମ ହୋଇଛି। ବୁଧବାର ଗୋଟିଏ ଦିନରେ ୨୪ କ୍ୟାରେଟ୍ ସୁନା ଦାମ୍ ୨୪୦୦ ଟଙ୍କା ବଢ଼ିଥିବା ବେଳେ ୨୨ କ୍ୟାରେଟ୍ ସୁନା ଦାମ୍ ୨୨୦୦ ଟଙ୍କା ମହଙ୍ଗା ହୋଇଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦାମ୍ ୮୯,୩୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି, ୨୪ କ୍ୟାରେଟ୍ ସୁନା ଦାମ୍ ୯୭,୪୨୦ ଟଙ୍କା ହୋଇଛି। ଗତ କିଛି ଦିନ ଧରି ସୁନା ଦରରେ ଯେଉଁ ସାମାନ୍ୟ ସ୍ଥିରତା ଫେରିଥିଲା, ତାହା ପୁଣି ଥରେ ଉଭାନ୍ ହୋଇଯାଇଛି। ସୁନା ଦର ପୁଣି ଉପରମୁହାଁ ହେବା ଗ୍ରାହକଙ୍କ ଚିନ୍ତା ବଢ଼ାଇଛି।



କେବଳ ସୁନା ନୁହେଁ, ବୁଧବାର ରୁପା ମଧ ବେଶ୍ ମହଙ୍ଗା ହୋଇଛି। ଏହାର କେଜି ପିଛା ଦାମ୍ ୩୦୦୦ ଟଙ୍କା ବୃଦ୍ଧି ପାଇ ୧,୧୧,୦୦୦ ଟଙ୍କା ହୋଇଯାଇଛି। ଫଳରେ ବିବାହ ଲାଗି ପାଉଁଜି, ଗୋଡ଼ ମୁଦି ଆଦି କିଣୁଥିବା ଗ୍ରାହକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ସୁନା ଭଳି ରୁପା ଦରରେ ବୃଦ୍ଧି ବିବାହ କିଣାକିଣି କରୁଥିବା ଗ୍ରାହକଙ୍କ ଆର୍ଥିକ ବୋଝକୁ ବହୁତ ବଢ଼ାଇ ଦେଇଛି। କେବଳ ଭୁବନେଶ୍ୱର ନୁହେଁ, ବୁଧବାର ଜାତୀୟ ସ୍ତରରେ ମଧ ସୁନା ମହଙ୍ଗା ହୋଇଛି। ଦିଲ୍ଲୀରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୧୬୪୫ ଟଙ୍କା ବୃଦ୍ଧି ପାଇ ୯୫,୪୫୨ ଟଙ୍କା ହୋଇଛି। ରୁପା ଦାମ୍ ମଧ ୧୭୭୫ ଟଙ୍କା ବଢ଼ି ୯୭,୪୭୫ ଟଙ୍କା ହୋଇଛି। ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲ୍ ୨୧ରେ ସୁନା ଦାମ୍ ୯୯,୧୦୦ ଟଙ୍କା ଓ ରୁପା କେଜି ୧,୦୦,୯୩୪ ଟଙ୍କା ଭଳି ଉଚ୍ଚ ସ୍ତରରେ ପହଞ୍ଚିଥିଲା। ଓଡ଼ିଶାରେ ସୁନା ଦାମ୍ ଏକ ଲକ୍ଷ ଟଙ୍କା ଓ ରୁପା ଦର ୧ ଲକ୍ଷ ୧୩ ହଜାର ଟଙ୍କାରୁ ଅଧିକ ହୋଇଯାଇଥିଲା।

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦାମ୍ ୧୯,୨୯୦ ଟଙ୍କା ବଢ଼ିସାରିଲାଣି। ୨୦୨୫ ଜାନୁଆରି ୧ରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୬,୧୬୨ ଟଙ୍କା ଥିଲା। ଇତି ମଧରେ ତାହା ୯୫,୪୫୨ ଟଙ୍କାକୁ ବୃଦ୍ଧି ପାଇସାରିଲାଣି। ସେହି ସମୟ ଭିତରେ ରୁପା କେଜି ୧୧,୪୫୮ ଟଙ୍କା ବୃଦ୍ଧି ପାଇ ୯୭,୪୭୫ ଟଙ୍କା ହୋଇଛି। ୨୦୨୪ ବର୍ଷ ସାରାରେ ସୁନା ଦର ୧୨,୮୧୦ ଟଙ୍କା ବଢ଼ିଥିଲା। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଚଳିତ ବର୍ଷ ଶେଷ ଆଡ଼କୁ ସୁନାର ୧୦ ଗ୍ରାମ ପିଛା ଦାମ୍ ୧,୧୦,୦୦୦ ଟଙ୍କାରୁ ଅଧିକ ହୋଇଯିବାର ସମ୍ଭାବନା ରହିଛି।



## ପୁଣି ନିମ୍ନଗାମୀ ସେୟାର୍ ମାର୍କେଟ

# ସେନ୍‌ସେକ୍ସ ୧୦୦୦ ପଏଣ୍ଟ୍ ଖସିଲା

ନୂଆଦିଲ୍ଲୀ, ୨୨।୫: ଗତ କିଛି ଦିନ ହେବ ଭାରତୀୟ ସେୟାର୍ ବଜାର ଉପର ମୁହାଁ ହୋଇଥିବା ବେଳେ ଗତ ଦୁଇ ଦିନ ହେବ ପୁଣି ନିମ୍ନଗାମୀ ହୋଇଛି। ବୁଧବାର ଦିନ ଘରୋଇ ଷ୍ଟକ୍ ବଜାର ଗଭୀର ନାଲି ରଙ୍ଗରେ ଖୋଲିଥିଲା। ମଙ୍ଗଳବାରର ଲାଭ ପରେ ଏହା ଏକ ତୀବ୍ର ପରିବର୍ତ୍ତନକୁ ସୂଚିତ କରିଛି। ଗୁରୁବାର ଦିନ ମଧ ଭାରତୀୟ ସେୟାର୍ ବଜାର ନିମ୍ନଗାମୀ ରହିଛି। ଗୁରୁବାର ଦିନ ପ୍ରାୟ ୧.୦୦ଟାରେ ବିଏସ୍‌ଇ ସେନସେକ୍ସ ୯୭୭.୫୦ ପଏଣ୍ଟ ହ୍ରାସ ପାଇ ୮୦,୬୧୯.୧୩ରେ ପହଞ୍ଚିଛି। ଯେତେବେଳେ କି ଏନ୍‌ଏସ୍‌ଇନିଫ୍ଟି ୫୦ ୨୯୫ ପଏଣ୍ଟ ହ୍ରାସ ପାଇ ୨୪,୫୧୮.୪୫ରେ ପହଞ୍ଚିଛି। ବଜାରର ଅସ୍ଥିରତା କ୍ଷୁଦ୍ର ଏବଂ ମଧ-କ୍ୟାପ୍ ଷ୍ଟକ୍ ଉପରେ ଅଧିକ ଚାପ ସୃଷ୍ଟି କରିଛି। ଏନ୍‌ଏସ୍‌ଇରେ ସମସ୍ତ ୧୩ଟି ଯାକ କ୍ଷେତ୍ରୀୟ ସୂଚକାଙ୍କ ନକାରାତ୍ମକ ରହିଛି। ଏଫ୍‌ଏମ୍‌ସିଜି, ଫାର୍ମା, ବ୍ୟାଙ୍କିଂ ଆଦି କ୍ଷେତ୍ରରେ ମଧ କ୍ଷତି ଦେଖିବାକୁ ମିଳିଛି। ସର୍ବାଧିକ କ୍ଷତି ହୋଇଥିବା କମ୍ପାନୀଗୁଡ଼ିକ ହେଲେ ଏମ୍‌ଆଣ୍ଡ୍‌ଏମ୍, ପାୱାର ଗ୍ରୀଡ୍, କୋଲ୍ ଇଣ୍ଡିଆ, ଟେକ୍ ମହିନ୍ଦ୍ରା ଏବଂ ୱିପ୍ରୋ।

# ୪୧,୦୦୦ କୋଟି ଋଣ ନେବ ପାକ୍

## ୪ ବଡ଼ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକ ସହ ଆଲୋଚନା

ନୂଆଦିଲ୍ଲୀ,୨୨।୫: ଭୁଷୁଡ଼ି ପଡ଼ିଥିବା ଅର୍ଥବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ପାକିସ୍ତାନ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କ୍‌ଗୁଡ଼ିକରୁ ୪.୯ ବିଲିୟନ ଡଲାର(ପାଖାପାଖି ୪୧,୦୦୦ କୋଟି ଟଙ୍କା)ର ଋଣ ନେବାକୁ ଯୋଜନା କରୁଛି। ଚଳିତ ମାସ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ରୁ ୧ ବିଲିୟନ ଡଲାର(୧୨,୦୦୦ କୋଟି ଟଙ୍କା)ର ଋଣ ମଞ୍ଜୁର ବାଦ୍ ଏହି ଋଣ ନେବାକୁ ଯୋଜନା କରିଛି ପାକ୍। ଏହି ଋଣ ରାଶିର ବ୍ୟବହାର ବିତ୍ତୀୟ ଆବଶ୍ୟକତାକୁ ପୂରଣ କରିବା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ପାଇଁ ନିଆଯିବ। ଋଣ ପାଇଁ ପାକିସ୍ତାନ ୪ ବଡ଼ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକ ସହ ଆଲୋଚନ କରୁଛି। ପାକିସ୍ତାନ ଚୀନ୍‌ର ଆଇସିବିସି ବ୍ୟାଙ୍କ୍‌ରୁ ୧.୧ ବିଲିୟନ ଡଲାର ଏବଂ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଏବଂ ଦୁବାଇ ଇସ୍‌ଲାମିକ୍ ବ୍ୟାଙ୍କରୁ



୫୦ କୋଟି ଡଲାର ଲେଖାଏଁ ଋଣ ପାଇଁ କଥାବାର୍ତ୍ତା କରୁଛି। ଏହାସହିତ ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି)ରୁ ବି ୫୦ କୋଟି ଡଲାର ପାଇଁ ଗ୍ୟାରେଣ୍ଟି ମାଗୁଛି ପାକିସ୍ତାନ। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ପାକ୍ ଏହାର ଆର୍ଥିକ ବିକାଶ ଲକ୍ଷ ୩.୬% ରଖିଥିଲା। କିନ୍ତୁ ବିକାଶ ହାର ୨.୬୮% ହିଁ ରହିପାରିଛି। ପାକିସ୍ତାନ ଗଣମାଧ୍ୟମ ସୂଚନା ଅନୁସାରେ, ସେଠାକାର ସରକାର ୨.୬୪ ବିଲିୟନ ଡଲାର(୨୨,୦୦୦ କୋଟି ଟଙ୍କା)ର ସ୍ୱଳ୍ପମିଆଦୀ ଋଣ ନେବେ, ଯାହା ଉପରେ ୭ରୁ୮% ସୁଧ ଦେବାକୁ ପଡ଼ିବ। ଏହାବ୍ୟତୀତ ସରକାର ୨.୨୭ ବିଲିୟନ ଡଲାର(୧୮,୯୦୦ କୋଟି ଟଙ୍କା)ର ଦୀର୍ଘମିଆଦୀ ଋଣ ନେବାକୁ ଯୋଜନା କରିଛି। ଏହାପୂର୍ବରୁ ଆଇଏମ୍‌ଏଫ୍ ପହଲ୍‌ଗାମ ଆତଙ୍କବାଦ ହମ୍‌ଲା ପରେ ଭାରତ-ପାକିସ୍ତାନ ମଧ୍ୟରେ ବଢ଼ିଥିବା ବିବାଦକୁ ବେଲ୍‌ଆଉଟ୍ ପ୍ରୋଗ୍ରାମ ପାଇଁ ବିପଦ ବୋଲି ଦର୍ଶାଇଥିଲା। ଏହାସହିତ ପରବର୍ତ୍ତୀ କିସ୍ତି ଋଣ ରାଶି ଜାରି କରିବା ପାଇଁ ପାକିସ୍ତାନ ଉପରେ ୧୧ ନୂଆ ସର୍ତ୍ତ ଲଗାଇଥିଲା। ଏବେ ଋଣ ପାଇଁ ପାକିସ୍ତାନ ଉପରେ ମୋଟ ସର୍ତ୍ତ ୫୦ରେ ପହଞ୍ଚିଛି। ବେଲ୍‌ଆଉଟ୍ ପ୍ରୋଗ୍ରାମର ପ୍ରଥମ ସମୀକ୍ଷା ବୈଠକରେ ଆଇଏମ୍‌ଏଫ୍ କହିଥିଲା ଯେ, ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ବଢ଼େ ତେବେ ପାକିସ୍ତାନର ପ୍ରତିରକ୍ଷା ବଜେଟ୍ ଋଣ କ୍ଷେତ୍ରରେ ଚାପ ପାଲଟିପାରେ। ଋଣ ରାଶିକୁ ଏହି ଦେଶ ଦୁରୂପଯୋଗ କରିପାରେ ବୋଲି ଆଇଏମ୍‌ଏଫ୍ ଆଶଙ୍କା କରୁଛି। ଋଣ ଟଙ୍କାରେ ପାକିସ୍ତାନ ଏହାର ପ୍ରତିରକ୍ଷା ବଜେଟ୍ ବଢ଼ାଇବାକୁ ଚାହେଁ।

# ନାଲ୍‌କୋର ନିଟ୍ ଲାଭ ରେକର୍ଡ ୫୩୨୫ କୋଟି

**ଭୁବନେଶ୍ୱର, ୨୨।୫:** ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି (ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ୫୩୨୫ କୋଟି ଟଙ୍କାର ନିଟ୍ ଲାଭ କରିଛି। ଏହା ହେଉଛି ନିଟ୍ ଲାଭରେ କମ୍ପାନିର ସର୍ବକାଳୀନ ରେକର୍ଡ, ଯାହା ପୂର୍ବବର୍ଷ ତୁଳନାରେ ୧୫୮ ପ୍ରତିଶତ ଅଧିକ ହୋଇଛି। କମ୍ପାନିର ମୋଟ୍ ବ୍ୟବସାୟ ୧୬,୭୮୮ କୋଟି ଟଙ୍କା ରହିଛି। ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ନାଲ୍‌କୋର ନିଟ୍ ଲାଭ ୧୦୫ ପ୍ରତିଶତ ବୃଦ୍ଧି ପାଇ ୨୦୭୮ କୋଟି ଟଙ୍କା ହୋଇଥିବା ନେଇ କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ନିଟ୍ ଲାଭ ୧୦୧୬ କୋଟି ଟଙ୍କା ଥିଲା। ଏହି ତିନି ମାସରେ ମୋଟ୍ ବ୍ୟବସାୟ ୫୨୬୮ କୋଟି ଟଙ୍କା ରହିଥିଲା ଯାହା ପୂର୍ବବର୍ଷର



ସେହି ତ୍ରୈମାସିକରେ ୩୫୭୯ କୋଟି ଟଙ୍କା ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନି ସର୍ବକାଳୀନ ସର୍ବାଧିକ ୭୬.୪୮ ଲକ୍ଷ ଟନ୍ ବକ୍ସାଇଟ୍ ଉତ୍ତୋଳନ କରିଥିବା ବେଳେ ଘରୋଇ ଧାତବ ବିକ୍ରି ମଧ ସର୍ବକାଳୀନ ସର୍ବାଧିକ ୪.୫୫ ଲକ୍ଷ ଟନ୍ ରହିଛି। କମ୍ପାନିର ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରି ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ଆର୍ଥିକ ବର୍ଷର ତୃତୀୟ ଓ ଚତୁର୍ଥ ତ୍ରୈମାସିକରେ କମ୍ପାନିର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିଲା ଯାହା ଦୃଢ଼ ଆର୍ଥିକ ଫଳାଫଳ ଓ ରାଜସ୍ୱ ଅଭିବୃଦ୍ଧିରେ ପ୍ରତିଫଳିତ ହୋଇଛି। ଦକ୍ଷତା ଓ ଖର୍ଚ୍ଚରେ ଉନ୍ନତି ଏବଂ କର୍ମଚାରୀଙ୍କ ଅତୁଟ ପ୍ରତିବଦ୍ଧତା ନାଲ୍‌କୋକୁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ପରିବେଶରେ ପ୍ରତିଯୋଗିତାପୂର୍ଣ୍ଣ ମୂଲ୍ୟ ବଜାୟ ରଖିବାରେ ସକ୍ଷମ କରିଥିଲା ବୋଲି ସେ କହିଛନ୍ତି। ଅଗାମୀ ଦିନରେ ଆଲୁମିନା ବିଶୋଧନାଗାରର ପଞ୍ଚମ ଷ୍ଟ୍ରିମ୍ ସମ୍ପ୍ରସାରଣ, ପଟାଙ୍ଗୀ ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମ କରି ଏବଂ ସ୍ମେଲ୍‌ଟର କାରଖାନା ଓ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟର ସମ୍ପ୍ରସାରଣ ଜରିଆରେ ଦୀର୍ଘକାଳୀନ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ କମ୍ପାନି ପ୍ରତିବଦ୍ଧ ଥିବା ସେ କହିଛନ୍ତି।

# ୨୩ରୁ ଆଇସିଏମ୍‌ଏଆଇର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୨।୫:** ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆଣ୍ଡ୍ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ଚଳିତ ମାସ ୨୩ରୁ ୩ ଦିନ ବ୍ୟାପି ୬୨ତମ ଜାତୀୟ କଷ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟସ କନଭେନସନ (ଏନ୍‌ସିଏମ୍‌ଏସି) -୨୦୨୫ ସ୍ଥାନିୟ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୨ କନଭେନସନ ଠାରେ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଦେଶ ବିଦେଶର ୧୨ ଶହ ପ୍ରତିନିଧି, ୩୦ ବିଶେଷଜ୍ଞ ଯୋଗ ଦେବେ। କାର୍ଯ୍ୟକ୍ରମକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନ୍ୟ ଅତିଥିଙ୍କ ମଧରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା, ସାଂସଦ ସୁଜିତ କୁମାର, ସାଂସଦ ଡ.ରବି ନାରାୟଣ ବେହେରା, ସାଂସଦ ବିଭୁ ପ୍ରସାଦ ତରାଇ, ଇରେଡା ସିଏମ୍‌ଡି ପ୍ରଦୀପ କୁମାର ଦାସ ଏବଂ ଏନ୍‌ଏମ୍‌ଡିସି ସିଏମ୍‌ଡି ଅଭିତାଭ ମୁଖାର୍ଜୀ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଥର ସମ୍ମିଳନୀର ଥିମ ରହିଛି ଦିବ୍ୟ ଦୃଷ୍ଟି-କର୍ପୋରେଟ ଏକ୍ସିଲେନ୍ସ-ସିଏମ୍‌ଏ ଭିଜନ। ପରିବର୍ତ୍ତିତ ସ୍ଥିତିରେ କଷ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ କ୍ଷେତ୍ର ସାମ୍ନାରେ ରହିଥିବା ଚ୍ୟାଲେଞ୍ଜିଂ ଦିଗ, ନୂଆ ସୁଯୋଗ ଏବଂ ପରିସର ଉପରେ ଏହି ଅବସରରେ ବିଶେଷଜ୍ଞ ମାନସ ମନ୍ଥନ କରିବେ। ଏଥିରେ ଟୋଟାଲ କଷ୍ଟ ମ୍ୟାନେଜମେଣ୍ଟ, ପର୍ପେଚୁଆଲ କଷ୍ଟ ମ୍ୟାନେଜମେଣ୍ଟ, ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ, ଆର୍ଥିକ ଠକେଇ, ଏଆଇ ବ୍ୟବହାର, ସିଏମ୍‌ଏ ଲିଡର ମିଟ୍ ଏଥିରେ ସାମିଲ ରହିବ। ଏହି ଅବସରରେ ସଭାପତି ବିଭୁତି ଭୂଷଣ ନାୟକ, ଉପସଭାପତି ଟିସିଏ ଶ୍ରୀନିବାସ ପ୍ରଶାଦ, ଇଆଇଆର୍‌ସି ସେକ୍ରେଟାରୀ ଦାମୋଦର ମିଶ୍ର, ଇସିଏମ୍ ସିଆର୍ ଚାଟାର୍ଜୀ, ଭୁବନେଶ୍ୱର ଚାପ୍ଟର ଅଧକ୍ଷ ରମେଶ ଚନ୍ଦ୍ର ପାତ୍ର, ଡିପି ନନ୍ଦୀ, ଭୁବନେଶ୍ୱର ଚାପ୍ଟର ସମ୍ପାଦକ ବରଦା ପ୍ରଶାଦ ନାୟକ ଉପସ୍ଥିତ ଥିଲେ।



# ବହୁତ କମ୍ ଦାମରେ ଲଞ୍ଚ ହେଲା ଏକ କ୍ୟୁଟ୍ ଇଭି

ସ୍ୱିସ୍ କମ୍ପାନୀ ମାଇକ୍ରୋ ଜେନ୍ ଇଭି ମୋଟର ସୋ'ରେ ମାଇକ୍ରୋଲିନୋ ଲାଇଟ୍ ନାମକ ଏକ ସୁନ୍ଦର କ୍ୟୁଟ୍ ଇଲେକ୍ଟ୍ରିକ୍ କାର ଲଞ୍ଚ କରିଛି । ୪୫ କିମି/ଘଣ୍ଟା ସର୍ବାଧିକ ବେଗ ସହିତ, ଏହି ଇଭିକୁ ମୋପେଡ୍ ଲାଇସେନ୍ସ ଥିବା ଯେକୌଣସି ବ୍ୟକ୍ତି ଚଲାଇପାରିବେ । କମ୍ପାନୀ ଏହାକୁ ଏକ ସବସ୍କ୍ରିପସନ୍ ପ୍ଲାନ୍ ଅଧୀନରେ ପ୍ରଦାନ କରିବାକୁ ଯାଉଛି ଏବଂ ଏଣ୍ଟ୍ରି-ମଡେଲର ମୂଲ୍ୟ ପ୍ରତି ମାସରେ CHF 149 (ପ୍ରାୟ ୧୪,୦୨୮ ଟଙ୍କା) ହେବ । ଦୁଇ ସିଟ୍ ବିଶିଷ୍ଟ ଏହି ମାଇକ୍ରୋକାରରେ ଏକ ସନରୁଫ୍ ଏବଂ ଏକ ପ୍ରଶସ୍ତ ୨୩୦-ଲିଟର ଟ୍ରଙ୍କ ମଧ ଲାଗିଛି । ମାଇକ୍ରୋଲିନୋ ଲାଇଟ୍ ମାଇକ୍ରୋକାର୍ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଡିଜାଇନ୍ କରାଯାଇଛି । ଯେଉଁମାନେ କାମ କରିବାକୁ, ବଜାରକୁ ଯିବାକୁ, ପିଲାମାନଙ୍କୁ ସ୍କୁଲକୁ ଛାଡିବା ପାଇଁ ଏକ ସୁଲଭ ଇଭି ଖୋଜୁଛନ୍ତି ସେମାନଙ୍କ ପାଇଁ ଏହି କାରଟି ବେଷ୍ଟ ହେବାକୁ ଯାଉଛି । ଏହାକୁ ସହରର ସଂକୀର୍ଣ୍ଣ ରାସ୍ତାରେ ସହଜରେ କ୍ରୁଜ୍ କରାଯାଇପାରିବ ଏବଂ ପାର୍କିଂର ମଧ କୌଣସି ସମସ୍ୟା ରହିବ ନାହିଁ । ମାଇକ୍ରୋଲିନୋ ଲାଇଟ୍‌ରେ ଏକ ଷ୍ଟିଲ୍ ୟୁନିବଡି ଡିଜାଇନ୍ ରହିଛି ଏବଂ ଏହାର ଲମ୍ବ ୨.୫ ମିଟର (୮ ଫୁଟ ୨ ଇଞ୍ଚ), ପ୍ରସ୍ଥ ୧.୪୭ ମିଟର (୪ ଫୁଟ ୧୦ ଇଞ୍ଚ) ଏବଂ ଉଚ୍ଚତା ୧.୫ ମିଟର (୪ ଫୁଟ ୧୧ ଇଞ୍ଚ) । ଏହାର କର୍ବ ଡିଜାଇନ୍ ସହିତ ଏହାର ଓଜନ ୬୦୦ କିଲୋଗ୍ରାମ (୧,୩୨୦ ପାଉଣ୍ଡ) ରୁ କମ୍ । ୬kW ପାୱାର (୯kW ପିକ୍) ସହିତ ଏହାକୁ L6e ଯାନ ଭାବରେ କ୍ଲାସିଫାଏ କରାଯାଇଛି । ଅର୍ଥାତ୍ AM-କ୍ଲାସ୍ ମୋପେଡ୍ ଲାଇସେନ୍ସ ଥିବା ଯେକୌଣସି ବ୍ୟକ୍ତି ଏହାକୁ ୟୁରୋପରେ ଚଲାଇପାରିବେ । ଏହାର ବେସ୍ ୫.୫kWh ବ୍ୟାଟେରୀ ସହିତ ସିଙ୍ଗଲ୍ ଚାର୍ଜରେ ପ୍ରାୟ ୧୦୦ କିଲୋମିଟର ଚାଲିବ । ସେହି ସମୟରେ, ଯେଉଁମାନେ ବଡ଼ ୧୧kWh ବ୍ୟାଟେରୀ ପ୍ୟାକ୍ ବାଛନ୍ତି, ସେମାନଙ୍କ ପାଇଁ ସର୍ବାଧିକ ରେଞ୍ଜ ୧୭୭km ହେବ । ୫.୫kWh ପ୍ୟାକ୍ ୨.୨kW ଟାଇପ୍ 2 ଚାର୍ଜର ସହିତ ପ୍ରାୟ ଦୁଇ ଘଣ୍ଟାରେ ୦ ରୁ ୮୦ ପ୍ରତିଶତ ଚାର୍ଜ ହୋଇପାରିବ, ଯେତେବେଳେ ଅଧିକ ଶକ୍ତିଶାଳୀ ୧୧kWh ବ୍ୟାଟେରୀ ପାଇଁ ପ୍ରାୟ ଚାରି ଘଣ୍ଟା ଆବଶ୍ୟକ ।



# ଅନଲାଇନ୍‌ରେ ବିକ୍ରି ହେଉଛି ପାକିସ୍ତାନୀ ବିୟୁଟି ପ୍ରଡକ୍ଟ

**ନୂଆଦିଲ୍ଲୀ, ୨୨।୫:** ଅପରେସନ୍ ସିନ୍ଦୂର ପୂର୍ବରୁ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଦେଇଥିଲେ ଯେ, ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ପାକିସ୍ତାନ ସହିତ ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ଚାଲିବ ନାହିଁ। ଭାରତ ସରକାର ପାକିସ୍ତାନ ସହିତ ଆମଦାନୀ ଏବଂ ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। କିନ୍ତୁ ପାକିସ୍ତାନୀ ଉତ୍ପାଦଗୁଡ଼ିକ ଅନଲାଇନ୍ ପ୍ଲାଟଫର୍ମ ଅର୍ଥାତ୍ ଇ-କମର୍ସ ୱେବସାଇଟ୍‌ରେ ଖୋଲାଖୋଲି ବିକ୍ରି ହେଉଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ପାକିସ୍ତାନୀ ଉତ୍ପାଦଗୁଡ଼ିକ ନିୟମ ଏବଂ ନିୟମାବଳୀର ଉଲ୍ଲଂଘନ କରି ବିନା କୌଣସି ବାଧାରେ ଏବଂ ଜିଏସଟି ଦେଇ ବିକ୍ରି ହେଉଛି। ବିଜେପି ଉତ୍ତର ଭାରତୀୟ ମୋର୍ଚ୍ଚାର ଉପାଧକ୍ଷ ନୀଳୋତ୍ପଳ ମୃଣାଳ ଜାଣିବାକୁ ଚାହୁଁଛନ୍ତି କି ପାକିସ୍ତାନୀ କସମେଟିକ୍ ଉତ୍ପାଦ ପ୍ରକୃତରେ ମୁମ୍ବାଇରେ ଉପଲବ୍ଧ ହେବ କି ? ତେଣୁ, ଏକ ଇ-କମର୍ସ ସାଇଟ୍‌ରୁ ଅନଲାଇନରେ ମେଡ୍ ଇନ୍ ପାକିସ୍ତାନ କସମେଟିକ୍ ଉତ୍ପାଦ ଅର୍ଡର କଲେ ଏବଂ ଉତ୍ପାଦଟି ୩ ଦିନ ମଧରେ ତାଙ୍କ ଘରେ ପହଞ୍ଚିଗଲା।

ନୀଳୋତ୍ପଳଙ୍କ ଅନୁଯାୟୀ, ମେଡ୍ ଇନ୍ ପାକିସ୍ତାନ ଉତ୍ପାଦର ବିତରକମାନେ ମିରଟ, ଦିଲ୍ଲୀ ଏବଂ ମାଲେଗାଓଁରେ ବିନା ବାଧାରେ କାରବାର କରୁଛନ୍ତି। ଏହି ଉତ୍ପାଦଗୁଡ଼ିକ ବିଷୟରେ କୌଣସି ଉତ୍ପାଦ ସମ୍ବନ୍ଧୀୟ ସୂଚନା ନାହିଁ। ଏହା ସହିତ, ସେ କହିଛନ୍ତି ଯେ, ପାକିସ୍ତାନରୁ ଆସୁଥିବା ସାମଗ୍ରୀ ବିପଜ୍ଜନକ ହୋଇପାରେ। ଏହି ପ୍ରସାଧନ ସାମଗ୍ରୀରେ ରାସାୟନିକ ପଦାର୍ଥ ଏବଂ ଏସିଡ୍ ମଧ ମିଶ୍ରିତ ହେବାର ଆଶଙ୍କା ରହିଛି। ଭାରତରେ ଅନ୍‌ଲାଇନରେ ୫୦ ଟଙ୍କାର ଏକ ଉତ୍ପାଦକୁ ୧୬୦୦



ଟଙ୍କାରେ ବିକ୍ରୟ କରାଯାଉଛି। ଏହି ଟଙ୍କା ପାକିସ୍ତାନକୁ ମଧ ଯାଉଛି, ଯାହାଦ୍ୱାରା ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରାଯାଉଛି। ଘରେ ମେଡ୍ ଇନ୍ ପାକିସ୍ତାନ ଉତ୍ପାଦ ପାଇଁ ଅର୍ଡର ପାଇବା ପରେ, ନୀଳୋତ୍ପଳ ଏହା ବିଷୟରେ ମୁମ୍ବାଇ ପୁଲିସ, ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏବଂ ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥା ନିକଟରେ ଅଭିଯୋଗ କରିଥିଲେ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଫଡିଏ ପୁନେରେ ପାକିସ୍ତାନରୁ ବେଆଇନ ଭାବରେ ଆମଦାନୀ ହେଉଥିବା ଚର୍ମ ଧଳା କରିବା ଉତ୍ପାଦ, ବିଶେଷକରି 'ଗୋରୀ' ବ୍ରାଣ୍ଡ କ୍ରିମ୍ ଏବଂ ସାବୁନ ଜବତ କରିଛି। ଏହି ଉତ୍ପାଦଗୁଡ଼ିକ ଲାହୋରରୁ ଆମଦାନୀ-ରପ୍ତାନି ଲାଇସେନ୍ସ ବିନା ଅଣାଯାଇଥିଲା ଏବଂ ସ୍ଥାନୀୟ ଦୋକାନ, ସେଲୁନ ଏବଂ କ୍ଲିନିକ୍‌ରେ ବିକ୍ରି ହେଉଥିଲା।

ଏଫଡିଏ ତଦନ୍ତରୁ ଜଣାପଡିଛି ଯେ, ଏହି ଉତ୍ପାଦଗୁଡ଼ିକରେ ପାରଦ, ସୀସା ଏବଂ ଷ୍ଟେରଏଡ୍ ଭଳି କ୍ଷତିକାରକ ରାସାୟନିକ ପଦାର୍ଥ ରହିଛି, ଯାହା ଚର୍ମ କର୍କଟ, ସ୍ନାୟୁ ସମସ୍ୟା, ଚର୍ମ ପତଳା ହେବା ଏବଂ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ, ଏଫଡିଏ ଏହି ଉତ୍ପାଦଗୁଡ଼ିକର ବିକ୍ରୟ ଏବଂ ବଣ୍ଟନକୁ ନିଷିଦ୍ଧ କରିଛି ତଥା ଜନସାଧାରଣଙ୍କୁ ଏଗୁଡ଼ିକଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଦେଶ ମଧ ଏପରି ଚର୍ମ ଧଳା କରିବା ଉତ୍ପାଦଗୁଡ଼ିକୁ ନିଷିଦ୍ଧ କରିଛନ୍ତି କାରଣ ଏଥିରେ 'ଫରଏଭର କେମିକାଲ୍ସ'ରହିଥାଏ ଯାହା ଶରୀର ଏବଂ ପରିବେଶକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବିତ କରିଥାଏ। ଏସବୁ କର୍କଟ ଏବଂ ହରମୋନ ଅସନ୍ତୁଳନ ଭଳି ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ମଧ ରହିଥାଏ ବୋଲି ଏଫଡିଏ ପକ୍ଷରୁ କୁହାଯାଇଛି।

## ଆଜିର ସୁନା ଦର



ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୭୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୭୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୯୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୯୧୦ ଓ ୮୯, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

